ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଡା। ଓଁ। ବା। ବୁଦ୍ଧ ଏ ଷ୍ଟ୍ରାଉଡ | ସମ୍ବଲେଶ୍ୱର | ୫ ୩ |
| ବାବୁ ଶ୍ରୀ ଦାମୋଦର ମହାପାତ୍ର | କଟକ | ୫ ୬ |
| ,, ରଘୁନାଥ ଦାସ | କଟେଶିଆ | ୫ ୩ |
| ,, ବୈଦ୍ୟନାଥ ପଣ୍ଡା | କେନ୍ଦ୍ରାପଡ଼ା | ୫ ୩ |
| ,, ବାଞ୍ଛାନିଧି ସାହୁ | ଚାନ୍ଦବାଲି | ୨ ୩ |

ନିଲାମୀ ଇସ୍ତାହାର ।

କଟକ । ମୁ । ଦ୍ୱିତୀୟ ମୁନସଫଙ୍କ ଅଦାଲତର ।
ନଂ ୬୬୬ ମଇ ଡିକ୍ରୀଜାରୀ ସନ ୧୯୦୯ମସୀହା ।
ଦିଶ୍ୱର ଲାଲ ଜୀ ସାହୁ ବାଦୀ ଡି:
ବନାମ ।
ଶ୍ରୀଯୁକ୍ତମହେନ୍ଦ୍ରନାଥ ପ୍ରତିବାଦୀ ଦେ:

ଉପରଲିଖିତ ନମ୍ବର ଡିକ୍ରୀଜାରୀ ମକଦମାରେ ଡିକ୍ରୀଦାରଙ୍କର ଖରଚା ଓଗେର ପାଉଣା ଟ ୮୦୪୩/ ଅଦାୟ ସହାସେ ଦେ:ର ସଦର କଟକ ଖାସମାହାଲ ଇଲାକା । ମୌ । ଓଡ଼ିଆବଜାର ରକବାରେ ଥିବା ନଂ ୪୦ ମଇ ଜମାବନ୍ଦି ବା, ଏଂ—୪୦୦୦ଡି: ଜମିର ଉପରେ ପକ୍କା ଘର ତାହା ଉପର ସତ୍ତ୍ୱ ତା ୧୫।୧୨।୦୯ ରଖେ କଟକ ମୁକାମ ପ୍ରଥମ ମୁନସଫଙ୍କ ଅଦାଲତରେ ନିଲାମ ହେବ ।

---

ନ ୪୯୯ ମଇ ଡିକ୍ରୀଜାରୀ ସନ ୧୯୦୯ ମସୀହା ।

କ୍ରୋମଶି ମୋହ । ସା । ବାଲୁବଜାର ଥାନିଲ ଯୁମାନହକଦ ବଳ । ସ । କଟକ ଡି:
(ବନାମ)
ଅଚ୍ୟୁତାନନ୍ଦ ଦାସ । ସା । ମୁକୋ । ନ । ନରସିଂହପୁର ଦେ: ।

ଉପରଲିଖିତ ନମ୍ବର ଡିକ୍ରୀଜାରୀ ମୋକଦମାରେ ଡିକ୍ରୀଦାରର ପାଉଣା ଟ ୬୬୩୧୮/୪ ସହାସ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି କଟକ । ମୁ । ସବଡିଭିଜନ ଜଜ ଅଦାଲତରେ ସନ ୧୯୦୯ ମସୀହା ଡିସେମ୍ବର ମାସ ତା ୧୫ ରଖ ଦିବା ଘ ୧୨ ଘା ସମୟରେ ନିଲାମ ହେବ ।

କଟକ ଜିଲ୍ଲାର ଅନ୍ତର୍ଗତ ପୁଲିସ ଇନ୍ସପେକ୍ଟର ଓ ସବରେଜିଷ୍ଟ୍ରାର । ମୁ । କଟକ ସଦର । ଇ । । ପ୍ର । ବାଙ୍କବଜାର ଓଗେର ବଜାର ହାଏବଲ କଟକ ନିଲିକିୟତ ହଜୋର ମହାଲ ତାସ । ମୌ । ଛାଉଣିବଜାର ରକବା ମଧ୍ୟରେ ଥିବା ଦେଣଦାରର ନାମ ସାମିଲ ସାଧାରଣ ପରଜା ଓଗେରଙ୍କ ନାମରେ ଖାସମାହାଲ ଉଏଗ ନଂ୬୨ମଇ ଜମାବନ୍ଦ । ବା । ଏଂ—୮୫୮୨ ଡି: ଜମି ତହିଁର ଜମା ଟ ୪୦/୧୧ ମଧ୍ୟରୁ ଅନ୍ୟ ଅଂଶିଦାରମାନଙ୍କ । ଦ । ବାଦ ଦେଣଦାରର । ଦ । ୫ ୦ । ଲୁ ଏଂ—୧୦୩୨ ଡି: ଜମି ତହିଁର ଜମା । ଖ । ଅନୁସାରେ ଟ ୫୩୧୧ ତହସ୍ତିତ ପକା କୋଠା ମଧ୍ୟରୁ ବ ୧ ଅଂଶ ତ ୩ ଖଣ୍ଡ ତହିଁରେ ଲାଗିଥିବା କବାଟ ଚଉକାଠ ଓ ନେଲା ଘର ଓ ପାଏଖାନା ଓ କୂପ ଓ ବାଉନ୍ଦା ଉପରୋକ୍ତ ଅଂଶ ଅନୁସାରେ ନିଲାମ ହେବ ଅ: ମୂଲ୍ୟ ୧୫୦୦ ଟା ।

—୦※୦—

ନ ୬୪୪ ମଇ ଡିକ୍ରୀଜାରୀ ସନ ୧୯୦୯ ମଃ
ଦଃ ପ୍ରଥମମୁନସଫ କଟକ

କାଶୀନାଥ ମହାନ୍ତି । ସା । କାଳିଆପୁର । ପ୍ର । ପାଏକା ଡିକ୍ରୀଦାର
( ବନାମ )
ଉଦ୍ଧବ ଓଗେରେ । ସା । ହରେକୃଷ୍ଣପୁର । ପ୍ର । ଅସୁରେଶ୍ୱର ଦେଣଦାରମାନେ

ଉପରଲିଖିତନମ୍ବର ଡିକ୍ରୀଜାରୀମୋକଦମାରେ ଡିକ୍ରୀଦାରଙ୍କ ପାଉଣା ଟଙ୍କା ଅଦାୟ ସହାସେ ଦେଣଦାରମାନଙ୍କର ନିମ୍ନଲିଖିତ ସମ୍ପତ୍ତି କଟକ ମୁକାମ ୧ମ ମୁନସଫଙ୍କ ଅଦାଲତରେ ସନ ୧୯୦୯ ମସୀହା ଡିସେମ୍ବର ମାସ ତା ୧୫ ରଖରେ ନିଲାମ ହେବ ।

ତପସିଲ ।

ଖଣ୍ଡକହାଣ ପୁଲିସ ଥାନା ସଲେପୁର ଓ ସବରେଜିଷ୍ଟ୍ରାର ମୁକାମ କଟକ ହାଲ ସବରେଜିଷ୍ଟ୍ରାର ସାଲେପୁର । ପ୍ର । ଅସୁରେଶ୍ୱର ନ ୧୦୬୪ ମଇ ୫୪ ଭୁକ୍ତ । ତା । ଅବଦୁଲ ବାଦ ଅନ୍ତର୍ଗତ ପଟ୍ଟନେ ହରେକୃଷ୍ଣପୁର ମଉଦିର ତହିଁର ସାବକ ସଦର ଜମା ଟ ୧୨୩ ଲୁ ହାଲ ବନ୍ଦୋବସ୍ତ ମୁତାବକ ସଦର ଜମା ଟ ୪୫୧୮ ଅଟେ ତହିଁ ମଧ୍ୟରୁ ଦେଣଦାରମାନଙ୍କ । ଦ । ୫ ୦ ।/ ଲୁ ସାବକ ମୁତାବକ ସଦର ଜମା ୫ ୩୩/୯ ଲୁ ହାଲ ବନ୍ଦୋବସ୍ତ ମୁତାବକ ସଦର ଜମା ଟ ୧୪/ ଅଟେ ।

---

ନ ୧୦୫୮ ମଇ । ସ ।
କଟକ ମୁକାମ ପ୍ରଥମ ମୁନସଫ ଅଦାଲତ ।
ସନ ୧୯୦୬ ମସୀହା ।

ଗୋବିନ୍ଦ ସାହୁ । ସା । ନୟାଲେଣ୍ଟର । ପ୍ର । ତପଖଣ୍ଡ ବାଦୀ ଡି:
ବନାମ ।
୧ ଫକୀର ମଙ୍ଗଳ ୨ କୃତ୍ତିବାସମଙ୍ଗଳ ନାବାଲଗର ଜନକ ମାତା ଓ ଅଭିଭାବିକା ମୁସମାତ ହେଲ୍ଲଣୀ ଦେଈ । ସା । ମଙ୍ଗଳି । ପ୍ର । କୋଠାଖଣ୍ଡ ଓ ୩ ଶ୍ୟାମସୁନ୍ଦର ଦାସ । ସା । ପଞ୍ଚୁଆ । ପ୍ର । କୋଠାଖଣ୍ଡ ପ୍ରତିବାଦୀମାନେ

ଉପରଲିଖିତ ନମ୍ବର ମୋକଦମାରେ ବାଦୀର ପାଉଣା ଖରଚାଦି ଟ ୯୨୪ ଅଦାୟ ସହାସେ ନ ୧ ମଇ ପ୍ରତିବାଦୀର ଶେଷ ଦଖଲି ଉପରଲିଖିତ ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଡିସେମ୍ବର ମାସ ତା ୧୫ ରଖେ ନିଲାମ ହେବ ।

କଟକ ଜିଲ୍ଲା ଅନ୍ତର୍ଗତ ସ୍ଥାନୀୟ ପୁଲିସ ଇନ୍ସପେକ୍ଟର ଓ ସବରେଜିଷ୍ଟ୍ରାର । ମୁ । କଟକ ଇଲାକା । ପ୍ର । କୋଠାଖଣ୍ଡ । ତା । ସରଦେଇଲା ନ ୯୯୧ ମଇ ତ: ଭୁକ୍ତ ଜମିଦାରୀ ସାମିଲ । ମୌ । ମଙ୍ଗଳି ରକବା ମଧ୍ୟରେ ନ ୧ ମଇ ପ୍ରତିବାଦୀର ପିତା ଯୋଗୀ ମଙ୍ଗଳ ନାମରେ ସ୍ଥିତିବାନ୍ ଉପଗ ନ ୧୩୭ ମଇ ଖତିୟାନ । ବା, । ଏ୩—୦୨ଡି: ଜମି ତହିଁର ସାଲିଆନା ଖଜଣା ଟ ୯୩ ଅଟେ ଉକ୍ତ ଜମି ମଧ୍ୟରୁ ନିମ୍ନଲିଖିତ ଚୌହଦୀ ଓ ଖସଡ଼ା ନମ୍ବର ଅନୁସାରେ ଏ ୦—୬୨ ଡି: ଜମିକୁ ପଡ଼ୁଥିବା ଜମା ଟ୨୮ ବଣ୍ଟନ ଅନ୍ତେ ନିଲାମ ହେବ ।

ନ୮୫ମଇ ଖସଡ଼ା ନ ୬ ତା ଏ ୦—୬୨ ଡି:
। ଉ । ଦେଉଳତୋଥ ସଡ଼କ
। ଦ । ଅଗାଧ ପଣ୍ଡା ଓଗେର
। ପୂ । ହାଇରେଖଲ କେନାଲବନ୍ଧ
। ପ । ବାଉଁଶ୍ରି ଗନ୍ତର ପୃଷ

※※※※※

ନ ୬୩୬ ମଇ ଡି: ସନ ୧୯୦୯ ମସୀହା
ହରେକୃଷ୍ଣ ଲାଲ ଓ ଜାତୁଲମ ଡିକ୍ରୀଦାର ।
(ବନାମ)
ନ ଶ୍ରୀନିବାସ ମହାନ୍ତି ଦେଣଦାର

ଉପରଲିଖିତ ନମ୍ବର ମୋକଦମାରେ ଡିକ୍ରୀଦାରଙ୍କର ପାଉଣା ୫ ଟା ଅଦାୟ ନିମ୍ନଲିଖିତ ସମ୍ପତ୍ତି କଟକ ୨ୟ ମୁନସଫରେ ସନ ୧୯୦୯ ମସୀହା ଡିସେମ୍ବର ମାସ ତା ୧୫ ରଖେ ନିଲାମ ହେବ ।

୧ । କଟକ ଜିଲ୍ଲା ଅନ୍ତଃପାତୀ ପୁଲିସଇନ୍ସପେକ୍ଟର ଓ ସ: ରେଜିଷ୍ଟ୍ରାର ଜଗତସିଂହ ପୁର ଇଲାକା । ପ୍ର । ସାଲେପୁର ନ ୨୧୬୨ ମଇ ତ: ଅନ୍ତର୍ଗତ । ମୌ । ବ୍ରାହ୍ମଣ ସାଲେପୁର ରକବାରେ ଥିବା ସ୍ଥିତିବାନ୍ ଉଏଗ ଏ ୩—୩୨ଲୁ ଜମା ଟ ୬୩/ ଣା ଅଟେ ଅ: ମୂଲ୍ୟ ଟ ୬୦୦ ଟା

୨ । କଟକ । ଜ । ଅନ୍ତଃପାତୀ ପୁଲିସ ଇନ୍ସପେକ୍ଟର ଓ ସ: ରେ: ଜଗତସିଂହ ପୁର । ପ୍ର । ସାଲେପୁର ନ୨୧୫୪ମଇ ତ: ଅନ୍ତର୍ଗତ । ମୌ । ଦେଉଳକୁଣ୍ଡି ଖା: ଦା: । ମୌ । ଜୋଟମୂଳ ଲୁଣ୍ଡାଲୋ ଓଗେର ରକବାରେ ଥିବା ସ୍ଥିତିବାନ୍ ଉଏଗ ଏଂ—୬୫ ଲୁ ଜମା ଟ ୧୫୯ ଅଟେ ଅ: ମୂ: ଟ ୧୫୦ ଟା ।

୩ । କଟକ । ଜ । ଅନ୍ତଃପାତୀ ପୁଲିସ ଇନ୍ସପେକ୍ଟର ଓ ସ: ରେ: ଜଗ-ସିଂ ପୁର । ପ୍ର । ସାଲେପୁର ନ ୨୧୦୬ ମଇ ତ: । ମୌ । ଜେଠଲୁଣ୍ଡି ରକବାରେ ଥିବା ଉଏଗ ସ୍ଥିତିବାନ୍ ପଡ଼ୁ ଏଂ—୪୯ ଲୁ ଜମା ୫ ୦୩/ ଣା ଅ: ମୂ: ୫୧୦୦ ଟା ।

—୦—

Split by PDF Splitter
Digitized by srujanika@gmail.com

Split by PDF Splitter




# NOTICE.

## IN THE COURT OF THE DISTRICT JUDGE OF CUTTACK.

Notice is hereby given under Clause (2) of Section 12 of the Provincial Insolvency Act III of 1907 to all concerned that the petition filed by Naran Sahu of Haripoor, Parganah Olas, district Cuttack, for being declared insolvent, has been admitted and registered as Mis. Case No. 10 of 1909 and that the 17th day of January 1910 has been fixed for hearing thereof.

Persons desiring to be represented in the matter should attend in person or by duly instructed pleaders on that date. The particulars of the debts alleged in the petition to be due are as follows:—

| Names of creditors | Amount of debt |
|---|---|
| 1. Ram Chandra Sahu | Rs 239 (items 1 and 2) |
| 2. Gouranga Sahu | |
| 3. Jai Mohanty | Rs 25-5 |
| 4. Gobind Sahu | Rs 5 |
| Total | Rs 269-5 |

Cuttack Judge's Office 2—12—1909 } Kunja Behari Gupta Sub Judge in Charge

# Wanted

an Inspector of Forests and Fisheries on Rs 50 a month. Applicant must be a hardy young man. Applications, stating age, with copies of testimonials will be received up to 31st instant by Manager, Kanika Raj,

Raj Kanika P. O.
Cuttack.

## WANTED

A veterinary Doctor for the Sonepur State on a consolidated pay of Rs 50 per mensem. In addition to his duty he will have to superintend the live-stock of the Rajsarkar Applications together with copies of testimonials should reach the following address not later than the 28th December next. Rejected applications will not be answered.

Maharaja Sri .. thiraroonya Sing Deo
Feudatory Chief
Sonopur Feudatory State
P. O. Sonepur
Via Sambalpur, Orissa

each) must be enclosed in sealed covers and on the outside the name of the work legibly written.

2. All tenders must specify the rates at which the intending contractor will execute the work.

3. Tenders will be received up to 18th December, 1909 4 P. M.

4. Tenders not in the proper Form above mentioned will be rejected.

5. The undersigned does not bind himself to accept the lowest or any tender.

Cuttack The 4th December 1909 } Nagendra Nath Mitra District Engineer Cuttack

## FOR SALE

### ATHGARH LODGE

### HARHARI GHAT, CUTTACK

A fine and desirable residence pleasantly situated near the river and some distance from the town, but in close proximity to College, Postal, Telegraph and other Government Offices. The pucca house and grounds cover an area of half an acre of "Lakhraj Bajyapty" land, being bounded by a pucca wall, and the compound contains a good pucca well and out-houses.

Applicants are at liberty to view the premises, and offers for purchase may be submitted to undersigned on or before the 15th December 1909.

Cuttack 25-11-1909 } R. P. Wilson Major I. M. S. Superintendent General Hospital, Cuttack

# ହସ୍ତୀ ବିକ୍ରୟ ।

ଷ୍ଟେଟ ରେ ସ ୨୨ ଟ ହସ୍ତୀ ବିକ୍ରୟ ଯୋଗ୍ୟ ହୋଇଅଛନ୍ତି । ଯେ—ସବୁ ହସ୍ତୀ ନେବା ନିମନ୍ତେ କରିବାକୁ ଇଚ୍ଛା କଲେ ସୁଲଭ ମୂଲ୍ୟରେ ଦିଆଯାଇ ପାରିବ । ଯଦ୍ୟପି କେହି ହସ୍ତୀ ଦେଖିବାକୁ ଇଚ୍ଛା କରନ୍ତି ତେବେ ତାଙ୍କ ଅନୁରୋଧ ଯେ ସେ ପ୍ରଥମେ ଆପଣା ଲୋକଙ୍କୁ ଏଠାକୁ ପଠାଇ ହସ୍ତୀ ଦେଖି ମୂଲ୍ୟ ସ୍ଥିର କରନ୍ତୁ । ୨୮।୧୧।୦୯

Rajah of Athmalik

### ବିଜ୍ଞାପନ ।

ହିନ୍ଦୋଳ ଷ୍ଟେଟର ବନ୍ଦୋବସ୍ତ କାର୍ଯ୍ୟପାଇଁ ନିମ୍ନ ଲିଖିତ ଅନୁସାରେ କର୍ମଚାରୀ ଆବଶ୍ୟକ । ପ୍ରଶଂସାପତ୍ର ସହ ଆବେଦନ କରନ୍ତୁ । ବେତନ

| | |
|---|---|
| ହେଡ୍ କ୍ଲର୍କ (Head clerk) | ନ ୧ |
| ହେଡ୍ ମୋହରର | ନ ୧ |
| ମୋହରର | ନ ୧ |
| ଜାଞ୍ଚର | ଛ ୧ |
| ମହାସିଲ | ଛ ୧ |
| ଲଟ୍ ସର୍ଭେ ସ୍କୁଲରୁ ଉତ୍ତୀର୍ଣ୍ଣ ସର୍ଭେୟର | ଛ * |
| ଅମିନ | ଛ ୬୦ |

ଶ୍ରୀ ଶ୍ୟାମସୁନ୍ଦର ଦାସ
ସୁପରିଣ୍ଟେଣ୍ଡେଣ୍ଟ
ହିନ୍ଦୋଳ-ପୋଃ ହିନ୍ଦୋଳ
ଓଡିଶା ଗଡଜାତ ମହାଲ
୨୮।୧୧।୦୯


# ଉତ୍କଳ ଦୀପିକା ।

## A STORM.

Both India and England have been caught by storms. We have all felt the storm that passed over the country

Digitized by srujanika@gmail.com

of Lords is unprecedented. Time will show the effect of the tug of war that is going on. The results of the General Election will demonstrate to the world the sagacity of the Upper House. In India the New Reforms have been agitating the people. All over the country there has been a great stir and people are busy in selecting their representatives. Not un-frequently shameful attempts are made to hoodwink people and cast dirt on rival candidates. Advantage is sought to be taken by arousing dormant party-factions and it is to be regretted that some of our contemporaries have lost their balance while espousing the cause of one or other of the candidates. An *Apple of Discord* has been thrown as it were and great is the scramble for it by many an unworthy *Suitor*. Little time there is now to think how the new scheme will work. Whether it is or is not a great boon to the Country, opinions are divided but of one thing we may be certain that it is a product of progressive policy which respects and recognises the voice of the people. The Regulations issued by Government supplementing the India Councils Act are in our opinion defective and open to criticism in several particulars. The most painful feature of the Regulations has been that a large section of Non-Islamic educated community has been shut out, while special favour has been shewn to a certain class of Mahomedan graduates. The result of this has tended to the growth of discontent amongst Hindus and Mahomedans as well since many of the Mahomedans otherwise highly qulified to vote have been left in the dark. But there is another side of the picture which we cannot help noticing. Hitherto the very best people did not always come forward to work as members of local or municipal bodies. The prize now offered will surely draw many of the best and educated men of the country to these Boards on the efficient and satisfactory working of which rests the noble edifice—the local-self-government.

---

ଗତ ତା ୨୭ ଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୩୭୩୪ ମୃତ୍ୟୁ ହୋଇଥିଲା । ତନ୍ମଧ୍ୟରେ ଯୁକ୍ତପ୍ରଦେଶରେ ୧୦୪୧, ପଞ୍ଜାବରେ ୭୧୪ ବମ୍ବେରେ ୭୭୪ ମଧ୍ୟପ୍ରଦେଶରେ ୩୨୮ ଓ ହାଇଦ୍ରାବାଦରେ ୪୩୭ ଉଠିଥିଲା । ଏ ସପ୍ତାହରେ ପୂର୍ବ ସପ୍ତାହ ଅପେକ୍ଷା ମୃତ୍ୟୁ ଊଣା ହେଉ ପୂର୍ବସପ୍ତାହର ମୋଟ ମୃତ୍ୟୁ ୪୭୧୧ ରୁ ଏଥର ଊଣା ହୋଇଅଛି ।

---

ସନ ୧୯୦୯ ସାଲର ବଙ୍ଗୀୟ ୫ ଆଇନ ଅଥବା ବଙ୍ଗୀୟ ସନ ୧୯୦୯ ସାଲର ଅବକାରୀ ଆଇନ ବଙ୍ଗର ମାନ୍ୟବର ଲେଫ୍ଟେନାଣ୍ଟଗବର୍ଣ୍ଣରଙ୍କର ଆଦେଶକ୍ରମେ ଏହି ଡିସେମ୍ବରମାସ ତା ୧ ରିଖରୁ ଆଇନ ଜାରୀ ହେଲା । ଏ ସମ୍ବନ୍ଧରେ ବଙ୍ଗ ଗବର୍ଣ୍ଣମେଣ୍ଟଙ୍କର ପ୍ରସ୍ତାବିତ ଆଦେଶମାନ ୧ବ ରେଭିନ୍ୟୁ ବୋର୍ଡ଼ଙ୍କର କାର୍ଯ୍ୟନାବଳୀ ଗତ ତା ୧ ରିଖର କଲିକତା ଗଜେଟରେ ବାହାରିଅଛି । ତାହାର ସଂକ୍ଷେପ କଥାମଧ୍ୟ ପ୍ରକାଶ କରିବାର ଏ ପତ୍ରିକାରେ ସ୍ଥାନ ନାହିଁ ।

---

ଓଡ଼ିଶା ବିଭାଗର କମିଶନର ସାହେବ ଗତ କଲିକତା ଗଜେଟରେ ବିଜ୍ଞାପନ ଦେଇଅଛନ୍ତି ଯେ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟ ନିର୍ବାଚନ ହେବା କାରଣ ଓଡ଼ିଶାର ଜିଲାବୋର୍ଡ଼ମାନେ ନିମ୍ନଲିଖିତ ବ୍ୟକ୍ତିଙ୍କୁ ପ୍ରତିନିଧି ବାଛି ଲେଜିଟ୍ ମନୋନୀତ କରିଅଛନ୍ତି ଯଥା:—

| ନାମ ଜିଲାବୋର୍ଡ଼ | ନାମ ପ୍ରତିନିଧି |
|---|---|
| କଟକ | ବାବୁ ଗୌରୀଶଙ୍କର ରାୟ |
| ବାଲେଶ୍ୱର | „ ତ୍ରୈଲୋକ୍ୟନାଥ ବୋଷ ଉକୀଲ |
| ପୁରୀ | „ ଜଗବନ୍ଧୁ ସିଂହ „ |
| ସମ୍ବଲପୁର | „ ସୂର୍ଯ୍ୟନାରାୟଣ ମିଶ୍ର |

—o—

ଗତ ଶନିବାର ଅପରାହ୍ଣ ଠାରୁ ରବିବାର ସକାଳ ପର୍ଯ୍ୟନ୍ତ ତୋଫାନ ହୋଇଥିଲା । ପବନର ବେଗ ସାଧାରଣ ଅପେକ୍ଷା ବହୁତ ଅଧିକ ଓ ଜଳର ପରିମାଣ ମଧ୍ୟ ଅଧିକ ଥିଲା । ଏହି ତୋଫାନ ବଙ୍ଗସାଗରରେ ଉତ୍ପନ୍ନ ହୋଇ ପ୍ରଥମେ ମାନ୍ଦ୍ରାଜ ଆଡ଼କୁ ଯାଉଥିଲା । ମାତ୍ର ହଠାତ୍ ସେ ବାଟ ଛାଡ଼ି ଦକ୍ଷିଣ ହୋଇକଦା ଉପକୂଳରେ ସ୍ଥଳ ସ୍ପର୍ଶକରି ଉତ୍ତର ପୂର୍ବମୁଖରେ ବଙ୍ଗଦେଶକୁ ଯାଇ ଚଟ୍ଟଗ୍ରାମର ପର୍ବତାଞ୍ଚଳରେ ବିଲୀନ ହୋଇଗଲା । ବତାସ ବଡ଼ ପ୍ରବଳ ନ ଥିବା ଓ ଅତି ଗତି ବଳରେ ଯାଉଥିବା ହେତୁ ଅଧିକ କ୍ଷତି ହୋଇ ନାହିଁ । ସରକାରୀ ରିପୋର୍ଟ ମତେ କେବଳ ପୁରୀରେ ବର୍ଷାର ପରିମାଣ ୪ ଇଞ୍ଚରୁ ଊର୍ଦ୍ଧ୍ୱ ହୋଇ ବାଲେଶ୍ୱରରେ ଦେଢ଼ଇଞ୍ଚ ଓ ଅନୁଗୁଳରେ ଏକଇଞ୍ଚ ଥିଲା ଓ ସମ୍ବଲପୁରରେ ଅତି ଦୀର୍ଘ ନ ଥିଲା । କଟକରେ ପ୍ରାୟ କିଛି ଜଣାଥିଲା ଅସମୟରେ ଏ ବୃଷ୍ଟି ଲୋକଙ୍କୁ ବଡ଼ ବ୍ୟସ୍ତ କରିଥିଲା ।

—*:\|:*—

ଭାରତ ଓ ବିଲାତ ବା ଇଂଲଣ୍ଡ ମଧ୍ୟରେ ତାରସମ୍ବାଦ ଚଳାଉଥିବା କମ୍ପାନୀର ସନ ୧୯୦୮।-୦୯ ସାଲର କାର୍ଯ୍ୟ ବିବରଣୀରୁ ପ୍ରକାଶ ଯେ ଏହିବର୍ଷ ସମୁଦାୟ ଟ ୧୫,୫୫,୩୭୨୧ଙ୍କା ଏବଂ ଟ ୧୧,୩୫,୩୫୦୧ ଙ୍କା ବ୍ୟୟ ହୋଇଥିଲା । ଗତବର୍ଷ ସଙ୍ଗେ ତୁଳନାରେ ଆୟରେ ଟ ୭୯୭୦୧୧ ଙ୍କା ଓ ବ୍ୟୟରେ ଟ ୬୧୬୯୧ଙ୍କା ଊଣା ପଡ଼ିଥିଲା । ଅତଏବ ଗତ ବର୍ଷର ଲାଭ ପ୍ରାୟ ୫ ଲକ୍ଷରୁ ଏ ବର୍ଷ ୪ ଲକ୍ଷ ୬୫ ହଜାର ଟଙ୍କା ଲାଭ ହୋଇଥିଲା । ମୂଳଧନ ଉପରେ ଲାଭ ଧରାଗଲେ ଗତବର୍ଷ ଶତକଡ଼ା ଟ ୩୧ ଙ୍କାରୁ ଏ ବର୍ଷ ଟ ୬୪ ପଡ଼ିଥିଲା । ଗତ ଆଠବର୍ଷ ମଧ୍ୟରେ ଏତେ ଊଣା ଲାଭ କେବେ ହୋଇ ନ ଥିଲା । ବରଂ ତନ୍ମଧ୍ୟରେ ସନ ୧୯୦୫।୦୬ ସାଲରେ ଲାଭ ଶତକଡ଼ା ଟ ୫୧ ଙ୍କାରୁ ବଳିଯାଇ ଥିଲା ।

---

ଅଲତି ଅଞ୍ଚଳରେ ବାଘର ଉପଦ୍ରବ ସମ୍ବନ୍ଧରେ ଗଣ୍ଡିଏ ପତ୍ର ସ୍ଥାନାନ୍ତରେ ପ୍ରକାଶ

Digitized by srujanika@gmail.com

Split by PDF Splitter

କଲେ । ସ୍ଥାନୀୟ ଲୋକମାନେ ବାଘ ମାରିବାକୁ ଅଶକ୍ତ ହୋଇ ଉକ୍ତ ସାହେବଙ୍କୁ ତାହା କରିବା ସକାଶେ ପ୍ରାର୍ଥନା କରିଥିଲେ । ଭରସା କରୁଁ ଜିଲା ମାଜିଷ୍ଟ୍ରେଟ ଶୀଘ୍ର ଏଥିର ପ୍ରତିକାର କରିବେ । ଏଣୁ ଲୋକମାନଙ୍କର ଅବସ୍ଥା ଏ ଜାଗାରେ ଏବେ ଶୋଚନୀୟ ଓ ଅସହାୟ ହେଲ ଯେ ବାଘ ମାରିବା ପାଇଁ ସୁଦ୍ଧା ସରକାରଙ୍କର ସାହାଯ୍ୟ ଲୋଡ଼ା ହେଲା । ଶାସନକର୍ତ୍ତାଙ୍କ ପକ୍ଷରେ ଏହା ଗୌରବର ବିଷୟ ହୋଇପାରେ କି ? ଅସ୍ତ୍ର ଆଇନର କଠୋରତା ଏବଂ ଦାରିଦ୍ର୍ୟଯୋଗେ ଲୋକେ କ୍ରମେ ଦୁର୍ବଳ ହେଉଅଛନ୍ତି ସେମାନଙ୍କ ରକ୍ଷା କାର୍ଯ୍ୟ କଠିନତର ହେଉଅଛି ।

---

ଲକ୍ଷ୍ନୌର ଅଉଧର ଜଜ ସପ୍ରୁବାହାଦୁର କୁଅଁର ପରମାନନ୍ଦ ମହୋଦୟ ଇନ୍ଦୋର ରାଜ୍ୟର ପ୍ରଧାନ ବିଚାରପତି ପଦରେ ନିଯୁକ୍ତ ହୋଇଥିବାର ପ୍ରକାଶ । ଏ ସମ୍ବାଦ ବ୍ୟାପ୍ତ ହେବା ଉପଲକ୍ଷେ ତାଲୁକଦାରମାନଙ୍କର ରାଜା ସର ଅମାନ ଅଲ୍ଲି ଖାଁ ଓ କପିଲଧ୍ୱଜ ସିଂହ ପ୍ରଭୃତି ମହାଶୟମାନେ ଲକ୍ଷ୍ନୌଠାରେ ଗୋଟିଏ ଉତ୍ସବ ମିଳନ କରିଥିଲେ ଏବଂ ସହରରେ ଦେଶୀୟ ଓ ୟୁରୋପୀୟ ଅନେକ ଭଦ୍ରଲୋକ ସମୁପସ୍ଥିତ ହୋଇ ଉକ୍ତ ମହୋଦୟଙ୍କ, ଯଥୋଚିତ ସମ୍ମାନ ଦେଖାଇ ତାଙ୍କର ଗୁଣାନୁବାଦ କରିଥିଲେ । ଦେଶୀୟ ରାଜାମାନେ ଆପଣା ରାଜ୍ୟରେ ଉପଯୁକ୍ତ ଲୋକଙ୍କ, ଶାସନ କାର୍ଯ୍ୟରେ ରଖି ଦେଶର ଉନ୍ନତି ସାଧନ କରନ୍ତୁ ବିଶେଷ ପ୍ରଶଂସାର ବିଷୟ ଅଟେ ।

---

ଗତ ଶନିବାର କଲିକତା ବିଶ୍ୱବିଦ୍ୟାଳୟର ସେନେଟ ସଭାରେ ଅନ୍ୟାନ୍ୟ କାର୍ଯ୍ୟମଧ୍ୟରେ କାଶିମ ବଜାରର ମହାରାଜା ମଣୀନ୍ଦ୍ରଚନ୍ଦ୍ର ନନ୍ଦୀଙ୍କର ଅରଦ ନିର୍ଦ୍ଦିଷ୍ଟ ଦାନ ଅଧଲକ୍ଷ ଟଙ୍କା ସ୍ୱୀକୃତ ହୋଇ ଉକ୍ତ ସକାଶେ ତାହାଙ୍କୁ ଧନ୍ୟବାଦ ଦିଆଗଲା । ବିଶ୍ୱବିଦ୍ୟାଳୟର, ଅଧୀନ କଲେଜରେ ପଢ଼ିବା ନିମନ୍ତେ ଯୋଗ୍ୟ ଛାତ୍ରଙ୍କ ଏହି ଟଙ୍କାରୁ ବୃତ୍ତି ଦିଆଯିବ ବିଶେଷତଃ କୃଷ୍ଣନଗର କଲେଜର ବି, ଏ, ପରୀକ୍ଷାରେ ଯେଉଁ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଥିବେ ବା ହେବେ ସେମାନଙ୍କର ଦାବୀ ଅଗ୍ରଗଣ୍ୟ ହେବ । ଏଥିରୁ ଦେଖାଯାଏ ଯେ କୃଷ୍ଣନଗର କଲେଜରୁ ବି, ଏଲ, ଶ୍ରେଣୀ ଉଠିଯିବା ହେତୁ ସେଠା ଛାତ୍ରଗଣର ଆଂଶିକ ସାହାଯ୍ୟ ନିମନ୍ତେ ମହାରାଜା ଏହି ଲକ୍ଷ୍ମୀ ଦାନ କରି ସାଧାରଣଙ୍କ ଧନ୍ୟାର୍ହ ହୋଇଅଛନ୍ତି ।

---

ନୂତନ ସଦସ୍ୟ ଗଠନ ନିୟମାବଳୀ ଅନୁସାରେ ଭାରତର ସ୍ୱଦେଶୀ ନେତା ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବାନାର୍ଜୀ ସରକାରୀ କାର୍ଯ୍ୟରୁ ପଦଚ୍ୟୁତ ହୋଇଥିବା ଦୋଷରେ ସଦସ୍ୟ ହେବାର ଅନୁପଯୁକ୍ତ ହେଲେ । ମାତ୍ର ଆମ୍ଭମାନଙ୍କର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ମହୋଦୟ ଏମନ୍ତ ଯୋଗ୍ୟଲୋକଙ୍କୁ ସେ ଦୋଷରେ ସନ୍ତାପିତ ହେବାକୁ ନ ଦେଇ ଅନ୍ୟାୟ ବିବେଚନା କରି ତାହାଙ୍କ ମୁକ୍ତି ଦେଇ ସେ ବଙ୍ଗଳା ବା ଭାରତସଭାର ସଦସ୍ୟ ହେବାକୁ ଇଚ୍ଛୁକ ଥିଲେ ସ୍ୱଚ୍ଛନ୍ଦରେ ନିର୍ବାଚିତ ହୋଇ ପାରିବାର ଆଦେଶ ଦେଇଅଛନ୍ତି । ନୂତନ ନିୟମାବଳୀରେ ନାନାପ୍ରକାର ଦୋଷ ରହିଯାଇ ଅଛି ମାତ୍ର ଗଭର୍ଣ୍ଣମେଣ୍ଟ ତାହା ଢାଙ୍କିବା ମାନସରେ ଯେ ଚତୁରତା ସହିତ ସେସବୁ ସଜାଡ଼ି ହେଉଅଛନ୍ତି ଏହାଠାରୁ ସୁଖର ବିଷୟ ଆଉ କ'ଣ ହୋଇପାରେ ? ଅନ୍ୟ ଦୋଷମାନ ଯେ କାଳକ୍ରମେ ସଜାଡ଼ି ହୋଇଯିବ ଏଥିରୁ ଏମନ୍ତ ଆଶା କରିବା ଅନ୍ୟାୟ ନୁହଇ ।

---

ଆସାମ ଇମିଗ୍ରେସନ ଆଇନର କାର୍ଯ୍ୟ ବିଷୟକ ସନ ୧୯୦୯ ଜୁନମାସ ତା ୩୦ ରିଖରେ ଶେଷ ହେବା ବାର୍ଷିକ ବିବରଣୀରୁ ପ୍ରକାଶ ଯେ ସେହି ବର୍ଷ ବଙ୍ଗ, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ଯୁକ୍ତପ୍ରଦେଶରୁ ଗୋଆଳନ୍ଦ ବାଟେ ଆସାମକୁ ୫୬୬୯୧ ଜଣ କୁଲି ଜାହାଜରେ ଯାଇଥିଲେ । ଏହା ପୂର୍ବବର୍ଷ ବା ସନ ୧୯୦୮ ସାଲର କୁଲିସଂଖ୍ୟା ୮୧୫୬୭ ପ୍ରାୟ ନୁହେଁ ପୂର୍ବବର୍ଷ ବା ସନ ୧୯୦୭ ସାଲର ସଂଖ୍ୟା ୬୪୫୦୩ ଥିଲା । ସନ ୧୯୦୮ ସାଲର ଅତ୍ୟନ୍ତ ବୃଦ୍ଧିର କାରଣ ଅନାବୃଷ୍ଟି ଓ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟତା ଅଟେ । ଏବର୍ଷ ଏକଦିଗରେ ଲୋକଙ୍କର ଭଲ ଫସଲ ହୋଇଅଛି ଏବଂ ଅନ୍ୟଦିଗରେ ପୂର୍ବବର୍ଷ ବିଶେଷ କୁଲି ଯାଇଥିବାରୁ ଅଧିକ କୁଲିର ଲୋଡ଼ା ନାହିଁ । ସୁତରାଂ ଅଳ୍ପ କୁଲି ଯାଇଅଛନ୍ତି ବାସ୍ତବରେ ପେଟ ନ ପୋଡ଼ିଲେ ଘର ଛାଡ଼ି ବିଦେଶକୁ ମୂଲ ଲାଗିବାକୁ କେହି ସହଜରେ ଯାଆନ୍ତି ନାହିଁ ଏହା କୁଲି ବ୍ୟବସାୟ ଦପ୍ତରର ଗୋଟିଏ ପ୍ରମାଣ ଅଟେ ।

—o—

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ କି କଲିକତା ହାଇକୋର୍ଟର ପେନସନ ପ୍ରାପ୍ତ ବିଚାରପତି ସର ଉଇଲିୟମ ମାକଫରସନ ସାହେବ ଗତ ନଭେମ୍ବର ମାସ ତା ୨୫ ରିଖରେ ବିଲାତରେ ଆପଣା ଘରଠାରେ ହୃଦ୍‌ରୋଗରେ ଦେହତ୍ୟାଗ କରିଅଛନ୍ତି । ମାକଫରସନ ସାହେବ ଓଡ଼ିଶାରେ ସୁପରିଚିତ । ସନ ୧୮୬୬ ସାଲର ଓଡ଼ିଶା ଦୁର୍ଭିକ୍ଷର ଶେଷ ଅବସ୍ଥାରେ ସେ ଏଠାକୁ ମାଜିଷ୍ଟ୍ରେଟ ହୋଇ ଆସି କେତେକ ବର୍ଷ ପରେ ଓଡ଼ିଶାର ଜଜ ହୋଇଥିଲେ ସୁତରାଂ ଦୀର୍ଘକାଳ ଏଠାରେ ଥିଲେ ଏବଂ ସୌଜନ୍ୟତା, ନିରପେକ୍ଷତା ଦୟା ଓ ସୁବିଚାର ଦ୍ୱାରା ସକଳ ଶ୍ରେଣୀର ଅତ୍ୟନ୍ତ ପ୍ରଶଂସାର ପାତ୍ର ହୋଇଥିଲେ । ହାଇକୋର୍ଟରେ ବିଚାରପତିରୂପେ ତାହାଙ୍କର ସୁଖ୍ୟାତିର ସୀମା ନ ଥିଲା ଏବଂ ସେଥିପାଇଁ ଇଂରାଜ ସରକାର 'ସର୍' ଉପାଧି ଦେଇଥିଲେ । ଓଡ଼ିଆ ଜାତିକି ଏହି ଶୋକ ସମ୍ବାଦ ଅଧିକ ବାଧିବ ସନ୍ଦେହ ନାହିଁ । ସେପ୍ରକାର ହାକିମ ଆଜିକାଲି ଅତ୍ୟନ୍ତ ବିରଳ । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ କରନ୍ତୁ ।

—•*•—

ଲାଲ ପ୍ରଭାପଦ ଦାସ ବାଙ୍ଗଲା ଶିକ୍ଷା ବିଷୟରେ ନାନା ପ୍ରସ୍ତାବ ସଙ୍ଗେ ଲେଖିଅଛନ୍ତି ଯେ ଉତ୍କଳରେ ୨୪ଖଣ୍ଡ ମାସିକ ଓ ୧୦।୧୨ଖଣ୍ଡ ସାପ୍ତାହିକ ପତ୍ରିକା ବାହାରୁ ଅଛି । ସେ ସମସ୍ତ ପତ୍ରିକା ପଠନାଭିଳାଷୀ ବାଳକମାନଙ୍କୁ ଅଳ୍ପ ମୂଲ୍ୟରେ ଯୋଗାଇବା କାରଣ ସମ୍ପାଦକମାନଙ୍କୁ ଅନୁରୋଧ କରିଅଛନ୍ତି । ଅନୁରୋଧଟି ଲେଖକଙ୍କ ବିବେଚନାରେ ସାମାନ୍ୟ ଏବଂ ଦେଖା ଯାଉଥିବା ପୁଣ୍ୟ ସମାଜ ଲାଭ ସେ ଅବଶ୍ୟ ହୋଇପାରେ ଦେଖାଉ ଅଛନ୍ତି । ଦୁଃଖର ବିଷୟ ସେ ସ୍କୁଲ ପତ୍ରିକା ସମୂହର ଅବସ୍ଥା ଉପରେ ଲକ୍ଷ୍ୟ ଦେଇ ନାହାନ୍ତି । କିମ୍ବା ସେ ସମସ୍ତର ପ୍ରଚାର ବିଷୟରେ ସାହାଯ୍ୟ କରିବା କାରଣ ଜନସାଧାରଣଙ୍କୁ ଅନୁରୋଧ କରି ନାହାନ୍ତି । ସ୍କୁଲ ବାଳକାଙ୍କୁ ସମ୍ବାଦପତ୍ର ଅଳ୍ପ ମୂଲ୍ୟରେ ଯୋଗାଇବାର ପରାମର୍ଶ ଦେବା ପୂର୍ବେ ସ୍କୁଲ ବାଳକମାନଙ୍କ ସକାଶେ ତାହା କହିଥିଲେ ବରଂ ଭଲ ହୋଇ ଥାନ୍ତା । ଆମ୍ଭେମାନେ ପୁରୁ ପେନ୍‌ସନ ଦାମରେ ସମ୍ବାଦ ପତ୍ର ଦେଇ କ୍ଷତିଗ୍ରସ୍ତ ହେବାର ପକ୍ଷପାତୀ ନୋହୁଁ । ବଡ଼ ପିଲମାନେ ନିତାନ୍ତ ଲୋଡ଼ିଲେ ଆପଣା ଅଭିଭାବକଙ୍କ ଠାରୁ ଅଭାବ ଦୂର କରି ପାରନ୍ତି ।

---

ଓଡ଼ିଶା ବିଭାଗର କମିଶନର ସାହେବ କଲିକତା ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି କି ଓଡ଼ିଶା ଓ ଛୋଟନାଗପୁର ବିଭାଗଦ୍ୱୟର ଜମିଦାରଗଣଦ୍ୱାରା ବଙ୍ଗ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ନିର୍ବାଚନ ହେବା କାରଣ କନିକାର ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜ ଏବଂ ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର ପ୍ରାର୍ଥୀରୂପେ ମନୋନୀତ ହୋଇଅଛନ୍ତି । ଏଥିରୁ ଦେଖାଯାଏ ଯେ ଛୋଟନାଗପୁରର କେହି ଜମିଦାର ପ୍ରାର୍ଥୀ ହୋଇ ନାହାନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ କେହି ଛୋଟନାଗପୁରର ଜମିଦାର ଭୋଟର ସଂଖ୍ୟା ଅଳ୍ପ ଦେଖି ଠିଆ ହେଉ ନାହାନ୍ତି

Digitized by srujanika@gmail.com

ଓଡ଼ିଶା ସଙ୍ଗେ ସହଯୋଗିତା କରିବାକୁ ସାହସ କରନ୍ତାହାନ୍ତି । ପୁରୀ ଜିଲ୍ଲା ବଙ୍ଗର ଭୂମ୍ୟଧିକାରୀ ଓ ପ୍ରଜାସମ୍ବନ୍ଧୀୟ ଆଇନ ଓ ବିଧି-ବିଧାନ ସବୁ ଓ ପଦ୍ଧତିକୁ ଅଗୋଚର ଥିବା ହେତୁ ଏକ ଅନ୍ୟର ପ୍ରତିବେଶି ହେବା ସହଜ ନୁହେ । ଗବର୍ଣ୍ଣମେଣ୍ଟ ଏ ଦୁଇ ଜିଲ୍ଲାକୁ ମିଶାଇ ନଇ ପାରନ୍ତାହାନ୍ତି । ଏ ଦୁଇ ଜିଲ୍ଲାର ଲମି-ଟେଡ୍ ୧୮୯୨ ମେବର ସଠ ଇବାର ଅଧିକାର ହେବା ଏହାନ୍ତ ବାଞ୍ଛନୀୟ ଓ ତାହା ହୋଇ ନ ପାରିଲେ ଅନ୍ତତଃ ଏ ଦୁଇ ଜିଲ୍ଲାରେ ଜିଲ୍ଲାବୋର୍ଡ଼ ଓ ମ୍ୟୁନିସିପାଲିଟିର ଚେୟାରମ୍ୟାନଙ୍କର ସାଠ ନିର୍ବାଚନ ହେବା ଉଚିତ । ଏହାବୋଲି ସାଲ କନହେବାଟା ହିଲ କୁହେ କେବଳ ମତର ଭଲ ବୋଲି କହୁଅଛୁଁ ।

—୦—

ଗତ ବୁଧବାର ସନ୍ଧ୍ୟାବେଳେ ଏଠା ଟାଉନ ହଲରେ କଲିକତା ଫ୍ରେବେଲ ସୋସାଇଟିର ସେକ୍ରେଟାରୀ ଶ୍ରୀଯୁକ୍ତ ଶରତଚନ୍ଦ୍ର ଘୋଷ ଶିଶୁଶିକ୍ଷା ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ଶ୍ରୀଯୁକ୍ତ ଏନ୍, ଏମ୍, ଦାସ ସଭାପତି ହୋଇଥିଲେ ଏବଂ ଏଠା କଲେଜର ପ୍ରିନ୍ସିପଲ ଯାଦବ ସୁଙ୍ଗ ପ୍ରଭୃତି ଜ ଏ ଣ ସୁପେରିଣ୍ଟେଣ୍ଡେଣ୍ଟ ସାହେବ ଓ ନଂ ଏ ଣ ଚେନ୍ ସହିତ ଅନେକ ଦେଶୀୟ ଭଦ୍ରମହିଳା ଓ ଭଦ୍ରଲୋକ ଉପସ୍ଥିତ ଥିଲେ । ଜର୍ମାନବାସୀ ଫ୍ରୋବେଲଙ୍କର ଗଠିତ ଶିକ୍ଷା ପ୍ରଣାଳୀର ନାମ କିଣ୍ଡରଗାର୍ଟେନ ପ୍ରଣାଳୀ । ଏହା ଏ ପ୍ରଦେଶରେ ନେକେନ୍ଦ୍ରବର୍ଷ ହେଲା ଶିଶୁ ବା ବାଳକା ବିଦ୍ୟାଳୟରେ ପ୍ରଚଳିତ ହେବାର ଆରମ୍ଭ ହୋଇଅଛି ଏବଂ ଅଳ୍ପ ଶିକ୍ଷକ ତାହା ଭଲରୂପେ ଜାଣନ୍ତି । ବକ୍ତା ମହାଶୟ ସେହି ପ୍ରଣାଳୀ ଏମନ୍ତ ବର୍ଣ୍ଣନା କରୁଥିଲେ ଯେ ଶ୍ରୋତାମାନେ ଜାଣି ପାରିଲେ ଯେ ଶିଶୁଶିକ୍ଷାର ଏହା ଉତ୍କୃଷ୍ଟ ଉପାୟ ଏବଂ ସକଳ ବିଦ୍ୟାଳୟରେ ପ୍ରଚଳିତ ହେବା ଆବଶ୍ୟକ ଅଟେ । କଲିକତାରେ ଏହି ପ୍ରଣାଳୀରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସେଠାର ଛାତ୍ରମାନେ ଜ୍ଞାନଲାଭ ଶିକ୍ଷକତା କରିବାକୁ ସମର୍ଥ ହେଲେ ଏ ପ୍ରଣାଳୀ ଏଦେଶରେ ପ୍ରଚାରିତ ହେବ । ସେହି ବିଦ୍ୟାଳୟକୁ ସାହାଯ୍ୟ କରିବା ସର୍ବସାଧାରଣଙ୍କର କର୍ତ୍ତବ୍ୟ ।

—※—

ଭାରତୀୟ ସମ୍ରାଜ୍ୟ ଭାଗ୍ୟସୂତ୍ର ମିଳନ ସଭା ନାମରେ ଗୋଟିଏ ସଭା ଅଛି । ତହିଁର ତୃତୀୟ ବାର୍ଷିକ ଅଧିବେଶନ ବୋମ୍ବାଇଠାରେ ଗତ ଅକ୍ଟୋବର ମାସ ତା ୧୭ ରିଖରେ ହୋଇଥିଲା । ବରଦାର ସୁରକୁମାର ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ମାନ୍ୟବର ଗୋଖେଲ ମହୋଦୟ ସଭାରେ ସମୁପସ୍ଥିତ ଥାଇ ବକ୍ତୃତାଦ୍ୱାରା ପ୍ରକାଶ କଲେ ଯେ ସମ୍ରାଜ୍ୟ ଭାଗମାନଙ୍କର ସନ୍ନିବେଶିତ ଓ ସାମାଜିକ ଉନ୍ନତି ଅବଶ୍ୟ ବାଞ୍ଛନୀୟ । କେବଳ ସମ୍ରାଜ୍ୟ ଘୋଷଣା କରି ଗଲେ ଆଉ ଅଧିକ କିଛି ବାଧା ରହିବ ନାହିଁ ଏବଂ ଦେଶୀୟ ରାଜାମାନେ ରାଜ୍ୟ କଲେ ଜାପାନର ମିକାଡୋଙ୍କ ପ୍ରାପ୍ୟ ବଳରେ ଏମାନଙ୍କର ଉନ୍ନତି ବିଧାନ କରିବେ । ଏ ସମ୍ବନ୍ଧରେ ଆଉ ହେବା ବାଞ୍ଛନୀୟ ଅଟେ ମାତ୍ର ଇଂରାଜ ଗବର୍ଣ୍ଣମେଣ୍ଟ ଅଗ୍ରସର ହେବା ପୂର୍ବେ ସୁରକୁମାର ମହୋଦୟ ଅଗ୍ରସର ହେବା ଉଚିତ । ସୁରକୁମାର ମହୋଦୟ ପ୍ରକାଶ କଲେ ଯେ ଏହା ସମସ୍ତ ହିନ୍ଦୁମାନଙ୍କର କଥା । ଜଣେ ରାଜା କମ୍ବା ଜଣେ ଲୋକଦ୍ୱାରା ଏଥିର ପ୍ରତିକାର ହେବା ସମ୍ଭବ ନୁହେ । ଆମ୍ଭେମାନେ ମଧ୍ୟ କହୁଁ ଯେ ସମ୍ରାଜ୍ୟ ଜାତିକି ଉଠାଇବା କାରଣ ଏପର୍ଯ୍ୟନ୍ତ ଜଣେ ରାଜା ବା ଜଣେ ବ୍ୟକ୍ତିର ଇଚ୍ଛା ହୋଇ ନାହିଁ । ସମ୍ରାଜ୍ୟ ଜାତୀୟ ଲୋକମାନେ କରାଗ୍ର ହେଲୁ ଅପର ଜାତୀୟଙ୍କର ସମ୍ରାଜ୍ୟ ହୋଇଅଛନ୍ତି । ଯଦି ସେମାନେ ଆପଣା ମଧ୍ୟରେ ଶିକ୍ଷା ବିସ୍ତାର କରି ସଦାଚାର ପ୍ରଚଳନ ଓ ସ୍ୱଜାତି ଅବଲମ୍ବନ କରନ୍ତି ଓ ଅପର ଜାତୀୟ ଲୋକେ ସେମାନଙ୍କ ସହାନୁଭୂତିପୂର୍ବକ ସାହାଯ୍ୟ କରନ୍ତି ତେବେ ଏ କାଳକ୍ରମେ ଉନ୍ନତ ମାର୍ଗରେ ଅଗ୍ରସର ହୋଇ ଅବଶ୍ୟ ସୁଫଳ ପ୍ରାପ୍ତ ହେବେ ।

———

ଜମ୍ବୁଦ୍ୱୀପ ଏବଂ ଅବଦୁଲଅଜିଜଙ୍କଠାରୁ ସର-କାରୀ ପ୍ରାପ୍ୟ ଅଦାୟ ଓ ଚୌକିଦାରୀ ଆଇନ ମତେ ମୋ ୨ ଟି ଉଥଲିଆ ସମ୍ପତ୍ତି ବଟେଟି କଲେକ୍ଟର ବାହାର କରିଥିଲେ । ଏହି ଉଥ-ଲିଆମାନ ନାଷ୍ଟି କରିବାକାରଣ ତାଏଦାଦାରଙ୍କ ଅର୍ପଣ କରଯାଇ ଥିଲା ମାତ୍ର ସେ ତାହା ନାଷ୍ଟି ନ କରି ନ ଜ ଣ କରଟେଟି ସିଅଦାରଙ୍କ ଅର୍ପଣ କରିବାରୁ ସିଅଦାମାନେ ଯାଇଁ ମୋ ୪ ଟି ଗାଈ ଚୋରିକରି ନେଲେ ଦେଖାଯିବାରୁ ସ୍ୱତ୍ୱମାନେ ଅସି ଗୋରୁ ଛଡ଼ାଇ ନେବାକୁ ସେମାନଙ୍କ ଧାମରେ ଦଣ୍ଡବିଧି ଆଇନର ଦ ୧୮୩।୧୮୬ ଧା-ମତେ ମୋକଦ୍ଦମା ଅଗତ ହୋଇ ତାଙ୍କ ପ୍ରତି-ମା ୪ ସ କାରାଦଣ୍ଡ ବିଧାନ ହେଲା । ଅପିଲରେ ଜଜସାହେବ ତାହା କାଟିଦେଇ ଏକମାସ ଲେ-ଶାର୍ ଦଣ୍ଡ ସ୍ଥିର ରଖିଲେ । ଗୋଟିଏ ଉଥଲ-ଆରେ ଯେଉଁ ସମସ୍ତଙ୍କରେ ନାଷ୍ଟି କରିବାର ଥିଲା ତାହା ବଦଳାଇ ଥିବା ଏବଂ ଅନ୍ୟଟିର ସମସ୍ତ ତହିଁରେ ଲେଖା ନ ଥିବା ଏବଂ ତାଏଦ କାଳର ନଜେ ଉଥଲିଆ ନାଷ୍ଟି ନ କରି ସେ-ତାଙ୍କ ଅର୍ପଣ କରିବା ହେତୁ ଉଥଲିଆ ନାଷ୍ଟି ବେଆଇନ ଥିବାର ଅପରାଧରେ ହାଇକୋର୍ଟରେ ମୋସନ ହେବାରେ ବିଚାରପତି ହାରିଙ୍ଗଟନ ଓ ଶୁଦ୍ଧ ସ୍ୱୀ ମହୋଦୟମାନେ ସେହି ମୋଶନରେ ମୋକଦ୍ଦମା ବେଆଇନ ଥିବାର ଧାର୍ଯ୍ୟ କରି ଆସା-ମୀଙ୍କି ମୁକ୍ତିପ୍ରଦାନ କରିଅଛନ୍ତି । ତା ଏବଦାଜର ସାଧାରଣତଃ ସିଅଦାଙ୍କୁ ଅର୍ପଣ କରୁଥିବା ଏବଂ ତାହା ଆଇନର ଅନନୁମୋଦିତ ନ ଥିବା ବିଷୟ ସରକାର ପକ୍ଷରୁ ଆପତ୍ତି ହୋଇଥିଲା ମାତ୍ର ବିଚାରପତିମାନେ ତାହା ଶୁଣିଲେ ନାହିଁ । ଏଣିକି ଉଥଲିଆ ନାଷ୍ଟି କରିବା ବିଷୟରେ ତାଏଦାରମାନେ ସାବଧାନ ହୋଇ ତାହା କରିବେ । ସୁରଣାଙ୍କ ଉଥଲିଆ ସମ୍ବନ୍ଧରେ ଏହିପରି ଗୋଳମାଳ ହୋଇଥିଲା ।

———

କଲିକତାର 'ବଙ୍ଗବାସୀ' ପତ୍ରିକାରେ ହିନ୍ଦୁ-ଧର୍ମ ଓ ନୀତି ବିଷୟରେ ଶ୍ରୀ ଯୁକ୍ତ ବୃନ୍ଦାବନ ବନ୍ଦ୍ୟୋପାଧ୍ୟାୟଙ୍କର ପ୍ରବନ୍ଧମାନ ସମୟ ୨ ରେ ପ୍ରକାଶ ହୁଅଇ । ସେ ସମସ୍ତ ବଡ ଶିକ୍ଷାପ୍ରଦ । ଭରସା କରୁଁ ସେ ପତ୍ରିକାର ଗ୍ରାହକମାନେ ସେ ସମସ୍ତ ମନୋଯୋଗ ପୂର୍ବକ ପଢ଼ନ୍ତି । ଗୋଟିଏ ପ୍ରବନ୍ଧର ଉପସଂହାରରେ ସେ ଲେଖିଅଛନ୍ତି ତ ପୂର୍ବେ ଅନେକଲୋକମୁଖରେ ଶୁଣା ଯାଉଥିଲା ଯେ "ପ୍ରଶଂସା ଶୂଦ୍ରସ୍ୟ ମାନଂ ସୁବର୍ଣ୍ଣ ଗୌରବ କରକରୌରବଂ ତ୍ୟକ୍ତ୍ୱା ତାଂ ସୁଖୀ ଭବ" ଅର୍ଥାତ୍ ତୁମ୍ଭ ସମ୍ମୁଖରେ କେହି ତୁମ୍ଭର ପ୍ରଶଂସା କଲେ ତାହା ଶୂଦ୍ରର ବିଷ୍ଠାପରି ମନେ କରି ଘୃଣା କରିବ, କେହି ତୁମ୍ଭର ସମ୍ମାନ କଲେ ତୁମ୍ଭକୁ ସୁରାପାନ ଦୋଷର ଉତ୍ପନ୍ନ କରୁଅଛି ଭାବିବ ପୁଣି କେହି ତୁମ୍ଭର ଗୌରବ କଲେ ମନେ କରିବ ସେ ତୁମ୍ଭର ଶତ୍ରୁ, ତୁମ୍ଭକୁ ଗୌରବ ନର୍କରେ ବୁଡ଼ାଇବାର ଚେଷ୍ଟା କରୁଅଛି । ଏହିପରି ଭାବ ଏହା ଲୋକ ବଧାନ୍ତୁ ତ୍ୟାଗ କରିବ । ଏବେ ସେପରି କଥା ଶୁଣାଯାଏ ନାହିଁ । ତହିଁର ବିପରୀତ ଅଯଥା ପ୍ରଶଂସା ସମ୍ବାଦ ଶୁଣିବା ବହୁ ଲୋକର ପ୍ରୀତିକର ହେଉ ସୁଖସ୍ୱଚ୍ଛନ୍ଦତା ବଢ଼ିଯାଉଅଛି । ମହତ୍ ବ୍ୟକ୍ତି ଆପଣାର ପ୍ରଶଂସାକୁ ଘୃଣା କରେ । ସେ ଜାଣେ ଯେ ତେତେ ଯତ୍ନରେ କର୍ତ୍ତବ୍ୟ କାର୍ଯ୍ୟ କଲେ ମଧ୍ୟ କର୍ତ୍ତବ୍ୟ ଏତେ ଅଛି ଯେ ଅଜ୍ଞାତ ଅବସ୍ଥାରେ ତାହା ପାଳନ କଲେ ଶେଷ ହୋଇ ପାରିବ ନାହିଁ ପୁଣି ପ୍ରଶଂସା ତହିଁର ସାଧନରେ ଆଳସ୍ୟ ଜନ୍ମାଇ ବ୍ୟାଘାତ ସୂଚନାଂ ଅଧର୍ମ ଘଟାଇବ । ଅନ୍ୟ ଦିଗରେ ନିନ୍ଦା ଶୁଣିବାଦ୍ୱାରା ପ୍ରକୃତ ଲାଭ ଅଛି । କାରଣ ସେ ନିନ୍ଦା ପ୍ରକୃତ ହେଲେ ତହିଁରୁ ଦୂରତ ହେବ ସ୍ୱୀୟ ଆପଣା ଚରିତ୍ର ସଂଶୋଧନ କରିବ ଏବଂ ଅପ୍ରକୃତ ହେଲେ ବରଂ ତ ହୋଇ ମନେ କରିବ ଯେ ନିଜର କୌଣସି ତ୍ରୁଟି ନ ଥିଲେ

ଅନ୍ୟ ଲୋକ ସେପରି କଦାଚ କରିବାର ଅବକାଶ ପାଇ ନ ଥିଲା ।

---

ଏ ନଗରର ଅନ୍ତଃପାତୀ ଶ୍ରୀ ଧବଳେଶ୍ୱର ମହାଦେବଙ୍କର ପଞ୍ଚକ୍ରୋଶୀ ଉପଲକ୍ଷରେ କଥିତ ହୁଅଇ ଯେ ସେଠାରେ ବାଲେଶ୍ୱର ଦିନା ନୂଡ଼ା ଇତ୍ୟାଦି ବିକ୍ରୟ କରିବାର ଅଧିକାର କଲମଦ୍ୱାରା ଏକବ୍ୟକ୍ତିଙ୍କୁ ପଟ୍ଟା ଦିଆଯାଇ ଅଛି । ଉକ୍ତଦାର ଏକାକୀ ଏତେ ଯାତ୍ରୀର ଦ୍ରବ୍ୟ ଯୋଗାଇବାକୁ ଅକ୍ଷମ ଜାଣି ଅନ୍ୟ କେତେକ ଦୋକାନଦାରଙ୍କୁ ବସାଇ ଅଛି । ସେମାନେ ଏକମେଳରେ ଇଚ୍ଛାମତେ ଦର ବଢ଼ାଇବାହେତୁ ଅନେକ ଯାତ୍ରୀ ମୂଲ୍ୟହେତୁ ଇଚ୍ଛାମତେ ଭୋଗ ବା ଜଳପାନ କରି ନ ପାରି ବ୍ୟସ୍ତ ହୋଇ ତୀର୍ଥସ୍ଥାନରୁ ଶୀଘ୍ର ବାହାର ଆସିବାକୁ ବାଧ୍ୟ ହୋଇଥିଲେ । ପରେ ମନ୍ଦିର ସମ୍ମୁଖରେ ରଖାଯାଇଥିବା ବାକ୍ସରେ ଏକ ପଇସା ଦର୍ଶନୀ ନ ଦେଲେ ଯାତ୍ରୀମାନଙ୍କୁ ଦର୍ଶନ ସକାଶେ ଭିତରକୁ ଯିବାକୁ ଦିଆଯାଉ ନ ଥିଲା । ଧବଳେଶ୍ୱର ସାହାଡ଼ା ଓ କେନ୍ଦୁ ଅଠଗଡ଼ ରାଜାଙ୍କର ସମ୍ପତ୍ତି ଅଟେ । କେଣୁ ଲୋକଙ୍କର ଧାରଣା ଯେ ରାଜାଙ୍କ ଅଦେଶରେ ଏହି ନୂତନ ଅଦାୟ ହେଉଅଛି ମାତ୍ର ବର୍ତ୍ତମାନ ଏମାନଙ୍କର ପ୍ରଖର ବସ୍ତ୍ର, ଖାଦ୍ୟ, ଦାରିଦ୍ର୍ୟ, ଏବଂ ଧର୍ମପରାୟଣତା ସ୍ମରଣ କଲେ ତାହାଙ୍କ ଦ୍ୱାରା ସେ କେବେ ଯେ ସେ ଜନସାଧାରଣର ଧର୍ମ ପ୍ରବୃତ୍ତିକୁ କୌଣସି ଅନୁର ଉପାୟ କରି ସ୍ୱାର୍ଥଲାଭରେ ବାଧା ଦେଉଅଛନ୍ତି । ଏକ ପଇସା ନ ଦେଲେ ମନ୍ଦିର ଭିତରକୁ ନ ଛାଡ଼ିବା ଓ ଭୋଗ ଭୂଷା ଇତ୍ୟାଦି ସଂଚ୍ଛା ମୂଲ୍ୟରେ ଏକ ବ୍ୟକ୍ତିଙ୍କୁ ବିକ୍ରୟ କରିବାର ଅଧିକାର ଦେବା ଗରିବ ଯାତ୍ରୀମାନଙ୍କୁ ପୀଡ଼ା ଦେବା ଭିନ୍ନ ଅନ୍ୟ କିଛି କୁହାଯାଇ ନ ପାରେ ! ଆମ୍ଭେମାନେ ଭରସା କରୁଁ କି ମାଜିଷ୍ଟ୍ରେଟ ଏ ବିଷୟର ତଦନ୍ତ ଏବଂ ପ୍ରତିକାର କରି ସୁଖ୍ୟାତି ଏବଂ ଅସଂଖ୍ୟ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଧର୍ମ ରକ୍ଷା କରିବେ । ଯାତ୍ରୀଙ୍କର ସ୍ୱାସ୍ଥ୍ୟ ଓ ସାଧୁତା ରକ୍ଷା ଉଦ୍ଦେଶ୍ୟରେ ପ୍ରତି ଦୋକାନଦାରଠାରୁ ଦୋକାନର ସ୍ଥାନ ବନ୍ଦୋବସ୍ତରେ କଣ୍ଟ୍ରାକ୍ଟ କରି ଦେବା ଅନ୍ୟାୟ ନୁହେଁ ମାତ୍ର ସର୍ବୋଚ୍ଚ ଡାକରେ ଏକ ବ୍ୟକ୍ତିଙ୍କୁ ବିକ୍ରୟର ଅଧିକାର ଦେବା ଅନ୍ୟାୟ ହେବ ସନ୍ଦେହ ନାହିଁ । ପଣ୍ଡାମାନେ ନାନା ପ୍ରକାରେ ଯାତ୍ରୀଙ୍କଠାରୁ ପଇସା ଅଦାୟ କରନ୍ତି ତହିଁ ଉପରେ ଗଳଦର ନ ବସାଇ ବରଂ ପଣ୍ଡାଙ୍କର ଅନ୍ୟାୟ ଦଣ୍ଡରୁ ଯାତ୍ରୀଙ୍କୁ ରକ୍ଷା କରିବାର ବ୍ୟବସ୍ଥା ହେବା ବାଞ୍ଛନୀୟ ।

---

ଗଜଦନ୍ତେଶ୍ୱ ଯେଉଁ ସୁରଟର କେତେକ ଜଜ ଓ ମାଜିଷ୍ଟ୍ରେଟଙ୍କର ମିଜାଜ ବିଗଡ଼ି ଯାଉଥିବାର ଅନେକ ଉଦାହରଣ ମଧ୍ୟରେ ଚଟ୍ଟଗ୍ରାମର ଗଜଦନ୍ତେଶ୍ୱ ମୋକଦ୍ଦମା ଗୋଟିଏ ଅଟେ । ସେଠାର ଜଣେ ଔଷଧ ବିକ୍ରେତା ବାବୁ ରମଣୀମୋହନ ଦାସ ନିଜ ଦ୍ରବ୍ୟର ବିଜ୍ଞାପନ ଦେବା କାରଣ ଖଣ୍ଡିଏ ପୁସ୍ତିକା ପ୍ରକାଶ କରି ଜନରଞ୍ଜନ ସକାଶେ ତହିଁରେ ୪୦ ଟା ଗୀତ ଦେଇଥିଲେ । ଉଦ୍ଭାଗ ଗଜଦନ୍ତେଶ୍ୱ ପ୍ରକାଶ ଅଭିଯୋଗରେ ପୁଲିସ ତାହାଙ୍କୁ ଫଉଜଦାରୀକୁ ପଠାଇଲେ ଏବଂ ମାଜିଷ୍ଟ୍ରେଟ ତହିଁ ମଧ୍ୟରୁ ୫ ଟା ଗୀତ ଅପରାଧ ସୂଚକ ଥିବାର ସାବ୍ୟସ୍ତ କରି ଆସାମିକୁ ଏକବର୍ଷ ସଶ୍ରମ କାରାବାସ ଦଣ୍ଡ ଦେଲେ । ଆସାମୀ ମାଜିଷ୍ଟ୍ରେଟଙ୍କୁ ଦେଖାଇଥିଲା ଯେ ସେହି ପାଞ୍ଚ ଗୀତମଧ୍ୟରୁ ଗୋଟିଏ ବଙ୍ଗର ବିଖ୍ୟାତ କବି ବାବୁ ରବୀନ୍ଦ୍ରନାଥ ଠାକୁର ଓ ଅଉ ଗୋଟିଏ ସ୍ୱର୍ଗୀୟ କବି ହେମଚନ୍ଦ୍ର ବାନର୍ଜ୍ୟାଙ୍କ ରଚିତ ଓ ସେସମସ୍ତ ସେମାନଙ୍କ ପ୍ରକାଶିତ ପୁସ୍ତକରୁ ଉଦ୍ଧାର କରାଅଛି ମାତ୍ର ମାଜିଷ୍ଟ୍ରେଟ ସେ ଆପତ୍ତି ଗ୍ରାହ୍ୟ କଲେ ନାହିଁ । ହାଇକୋର୍ଟରେ ଆସାମୀ ଅପିଲ କଲା ଏବଂ ପ୍ରଧାନ ବିଚାରପତି ମାନ୍ୟବର ସର ଜେନକିନ୍ସ ଏବଂ ବିଚାରପତି ମୁଖର୍ଜ୍ୟାଙ୍କ ମିସିଲରେ ଉପସ୍ଥିତ ହେଲା । ସେମାନେ କହିଲେ ଯେ କେବଳ ଦୁଇଟା ଗୀତରେ କିଛି ଆପତ୍ତିଜନକ କଥା ଅଛି ମାତ୍ର ଯେ ସ୍ଥଳେ ସେହି ଗୀତମାନ ବଙ୍ଗଳା ଗ୍ରନ୍ଥ ଥିଲା ସେ ସ୍ଥଳେ ବଙ୍ଗଳାପାଠକଙ୍କ ମନରେ ଉଦ୍ବେଗ ଜନକ ଭାବ ଉଦୟ ହୋଇଥିବ ମାଜିଷ୍ଟ୍ରେଟଙ୍କର ତାହା ବୁଝିବା ଉଚିତ ଥିଲା । ନିଃସନ୍ଦେହରୂପେ ଜଣାଯାଏ ଯେ ସେ ସବୁ ସଙ୍ଗୀତର ପ୍ରକୃତ ଫଳ ବୁଝିବାରେ ମାଜିଷ୍ଟ୍ରେଟଙ୍କର ଭ୍ରମ ହୋଇଅଛି ଏବଂ ବଙ୍ଗଳାଭାଷା ଓ ମୋକଦ୍ଦମାର ଅବସ୍ଥା ଜାଣିବା ଲୋକମାନେ ଯେପରି ଭାବରେ ନଥିଲେ ମାଜିଷ୍ଟ୍ରେଟ ତଦପେକ୍ଷା ସ୍ୱତନ୍ତ୍ର ଭାବ ଗ୍ରହଣ କରିଅଛନ୍ତି । ଅତଏବ ଆସାମୀ ଯେତେ ଦିନ ଦଣ୍ଡ ଭୋଗ କରିଅଛି ତାହା ଛଡ଼ା ଅବଶିଷ୍ଟ ଦଣ୍ଡରୁ ତାହାଙ୍କୁ ମୁକ୍ତି ଦିଆଗଲା । ବୋଲିବା ବାହୁଲ୍ୟ ଯେ ଆସାମୀ ଜାମିନ ହୋଇ ନ ଥିଲେ ମୁକ୍ତି ପାଇଥାନ୍ତା । ଗଜଦନ୍ତେଶ୍ୱ ମାମଲାରେ ନାମ ମାତ୍ର ବା ସାମାନ୍ୟ ଅପରାଧରେ ଏହିପରି ମୋଫସଲର ବହୁତ ଜଜ ଗୁରୁ ଦଣ୍ଡ ଦେଇ କେତେ ଅନିଷ୍ଟ କରୁଅଛନ୍ତି ଏଥିରୁ ସହଜରେ ବୁଝାଯାଉଅଛି । ବାସ୍ତବରେ ଏହିପରି ବିଚାରକର୍ତ୍ତା ଅଶାନ୍ତିର ମୂଳକାରଣ ଅଟନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ଅତ୍ୟନ୍ତ ବୁଝୁଅଛନ୍ତି ଏବଂ ଲଘୁ ଅପରାଧରେ ଗୁରୁଦଣ୍ଡ ଦେବା କାମନା ସମ୍ପ୍ରତି ଶାସନ ନ କରିବାରେ ଜନସାଧାରଣର ଧାରଣା ହୋଇଅଛି ଯେମନ୍ତ ସରକାର କେବଳ ଦଳନନୀତି ଦିଗକୁ ଚଳିଅଛନ୍ତି ।

---

## ଭାରତର ଡାକଘର ବିବରଣ ।

ଭାରତର ଡାକ ବିଭାଗର ଗତବର୍ଷର ବାର୍ଷିକ ରିପୋର୍ଟ ପ୍ରକାଶିତ ହୋଇଅଛି । ଡାକଘର କାର୍ଯ୍ୟର କ୍ରମାଗତ ସମୃଦ୍ଧି ବଡ଼ ଆନନ୍ଦ କର । ସମ୍ବାଦପତ୍ରର ମାଶୁଲ ଏକ ପଇସାରୁ ୬ ତୋଳାରୁ ୮ ତୋଳା କରିଦେବା ଯୋଗେ ଗତ ବର୍ଷ ୫ କୋଟି ଅର୍ଥାତ ପୂର୍ବ ବର୍ଷଠାରୁ ଅଧିକ ୧୨ ଲକ୍ଷ ସମ୍ବାଦପତ୍ର ଯାତାୟାତ ହୋଇଥିଲା । ଡାକଘରର ପୋଷ୍ଟକାର୍ଡ ଛଡ଼ା ଅନ୍ୟ ପ୍ରକାର କାର୍ଡରେ ପଇସାଏ ଟିକେଲ ଲଗାଇ ପଠାଯାଇ ପାରିବାର ନିୟମ ହେବାରୁ ଡାକଘର ପୋଷ୍ଟକାର୍ଡ ବିକ୍ରି ହୋ ୧୩ ରୁ ୯ କୋଟିକୁ ଖସି ଆସିଲେହେଁ ଏକ ଦିଗରେ ଅନ୍ୟ ଡାକ ଟିକେଟ ବିକ୍ରି ଓ ଅନ୍ୟ ଦିଗରେ ଯଥା ଖର୍ଚ୍ଚ ଉଣାହେବା ହେତୁ କିଛି କ୍ଷତି ହୋଇ ନାହିଁ । ଗତବର୍ଷ ଅଧିକା ୬୨୨ ଡାକଘର ଏବଂ ୧୯୦୯ ଟି ବାକ୍ସ ବସିଅଛି ଏବଂ ଏତଦ୍ୱାରା ସର୍ବସାଧାରଣଙ୍କର ଯେ ସୁବିଧା ବୃଦ୍ଧି ହୋଇଅଛି ବୋଲି ବାହୁଲ୍ୟ । ପିଅନଙ୍କ ସଂଖ୍ୟା ଅଧିକ ନ ହୋଇ ଉଣା ହୋଇଥିଲେହେଁ ତଦ୍ୱାରା କାର୍ଯ୍ୟର କିଛି କ୍ଷତି ହୋଇ ନାହିଁ ବରଂ ଏକାଧିକ ଥର ଚିଠି ବାଣ୍ଟିବା ନିୟମଦ୍ୱାରା ସୁବିଧା ଅଧିକ ହୋଇଅଛି । ଏ ବର୍ଷ ୭୭ କୋଟି ୬୩ ଲକ୍ଷ ଚିଠି ଓ ପୋଷ୍ଟକାର୍ଡ ଡାକରେ ଯାଇଥିଲା ଓ ପାର୍ସଲ ଇତ୍ୟାଦି ସହିତ ସବୁ ମୋଟ ୮୮୫ କୋଟି ହୋଇଥିଲା । ଡାକଦ୍ୱାରା ବେରଂ ପଠାଯିବା ଚିଠି ଇତ୍ୟାଦିର ସଂଖ୍ୟା କ୍ରମାଗତ ଉଣା ହେଉଅଛି ଏବଂ ଏହା ଡାକ ଟିକଟ ପାଇବାର ଅଧିକତର ସୁବିଧା ଓ ପ୍ରଚାର ଫଳ ଅଟେ । ପୁସ୍ତକାଦିର ପାର୍ସେଲ ସଂଖ୍ୟା ମଧ୍ୟ ବିଶେଷ ବଢ଼ିଅଛି । ମନିଅର୍ଡରଦ୍ୱାରା ପଠାଯିବା ଟଙ୍କାର ସଂଖ୍ୟା ମଧ୍ୟ କୋଟିଏରୁ ଅଧିକ ବଢ଼ି ୪୨୩ କୋଟି ହୋଇଥିଲା । ଏଥିରୁ ଡାକଘର ପ୍ରତି ଲୋକଙ୍କର ବିଶ୍ୱାସ ବଢ଼ୁଥିବାର ଉତ୍ତମରୂପେ ଜଣାଯାଏ । ସେଭିଂସବ୍ୟାଙ୍କରେ ଜମାହେବା ଟଙ୍କାର ପରିମାଣ ମଧ୍ୟ ବଢ଼ିଅଛି ଏବଂ ବର୍ଷ ମଧ୍ୟରେ ୫୫୮୬୯ ନୂତନ ହିସାବ ଖୋଲା ଯାଇଥିଲା । ବର୍ଷ ଶେଷରେ ଜମାଥିବା ଟଙ୍କାର ପରିମାଣ ୧୫ କୋଟି ୨୩ ଲକ୍ଷ ଥିଲା ଏହା ପୂର୍ବବର୍ଷଠାରୁ ୫ଲକ୍ଷ ଅଧିକ ଅଟେ । ଟଙ୍କା ଜମା କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଭାରତବାସିଙ୍କ ସଂଖ୍ୟା ଶତକଡ଼ା ୯୧ରୁ ଅଧିକ । ବର୍ଷ ମଧ୍ୟରେ ୫୧୧୨୪ ଗୋଟି ଚୋରୀ ଅଭିଯୋଗ ହୋଇଥିଲା ମାତ୍ର ତହିଁ ମଧ୍ୟରୁ ଶତକଡ଼ା ୩୨ ପ୍ରମାଣିତ

Split by PDF Splitter
Digitized by srujanika@gmail.com

ଥିଲା । ଅତଏବ ଗୃହୀତ ସଂଖ୍ୟା ଗତବର୍ଷଠାରୁ ଅଧିକ ବଢ଼ିଥିଲା । ପୂର୍ବ ବର୍ଷ ୬୮୮ ସ୍ଥଳେ ଗତ ବର୍ଷ ୬୩୯ କୋଟି ଲେଫାଫାର ଦ୍ରବ୍ୟସମ୍ଭାରରେ ଶତ ପ୍ରତିଶତ ଦାମ ହୋଇଥିଲା ଏବ ବର୍ଷ ମଧ୍ୟରେ ୫ ୬୬୧୬ ଙ୍କା ଶତପ୍ରତିଶ ଦିଆଯାଇ ୧୬୧ କୋଟି ଦ୍ରବ୍ୟସମ୍ଭାରରେ ଉଦଣ୍ଡ ରହିଥିଲା । ଅପରାଧର ସଂଖ୍ୟା ଗତବର୍ଷ ପୂର୍ବ ବର୍ଷାପେକ୍ଷା ଜନ ଜନରୁ ଗ୍ରାମେ ଅଧିକ ଅପରାଧ ହୋଇଥିଲା ଏବ ଏହା ଦୁର୍ଭିକ୍ଷଯୋଗେ ଅନ୍ନ କେବଳଭୋଗୀ କର୍ମଚାରୀଙ୍କ ଲୋକଙ୍କୁ ଘଟିଥିଲା। ୩୬୧ କୋଟି ମୋକଦମାରେ ଅସାମିଙ୍କ ଦଣ୍ଡ ହୋଇଥିଲା ଏବ ୬୩୧ କୋଟି ସ୍ଥଳେ ଦଣ୍ଡାଜ୍ଞା ଦଣ୍ଡ ଦିଆଯାଇଥିଲା । ପୂର୍ବବର୍ଷ ୩୬ଲକ୍ଷ ସ୍ଥଳେ ଗତବର୍ଷ ୬୫ ଲକ୍ଷରୁ ଅଧିକ ଟଙ୍କା ଅମୃତାର ଟା ଅନ୍ୟ ପ୍ରକାରେ ଡାକଘରର ଶତ ହୋଇଥିଲା । ଏଥି ମଧ୍ୟରୁ ୬୯ ଲକ୍ଷ ଟଙ୍କା ଅଦାୟ ହୋଇଅଛି ଏବ ୧୯ ଲକ୍ଷ ଟଙ୍କା ଗାଣ୍ଟିଘଣ୍ଟ ଉପରେ ତଙ୍କା ହୋଇଅଛି । ପୂର୍ବବର୍ଷ ୩୬ ସ୍ଥଳେ ଗତବର୍ଷ ୩୫ ଥର ଡାକ ଷ୍ଟ୍ରାଇକ ହୋଇଥିଲା ମାତ୍ର କେବଳ ଗୋ ୧୧ ଟିରେ ଡାକଘରକୁ ୫ ୫୦୦ ଙ୍କା କ୍ଷତି ପଡ଼ିଅଛି । ଗୋ ୧୧ ଟି କେସରେ ଯାଇଥିବା ଡାକ ସମ୍ପୂର୍ଣ୍ଣ ଏବ ୧୬ କୋଟିରେ ଅଂଶିକ ମିଳିଥିଲା । ଅବଶିଷ୍ଟ ସବୁ ନଷ୍ଟ ହେଲା । ବର୍ଷମଧ୍ୟରେ ଡାକଘରର ଆୟ ୬୬୩ ଲକ୍ଷରୁ ଖର୍ଚ୍ଚ ୬୭୬ ଲକ୍ଷ ହୋଇଥିଲା ଏବ ଅଧିକା ଖର୍ଚ୍ଚ ଦୁର୍ଭିକ୍ଷଯୋଗେ ଡାକ କର୍ମଚାରୀଙ୍କ ଭତ୍ତା ଦିଆଯିବା ହେତୁ ହୋଇଅଛି, ଡାକଘରର କର୍ମଚାରୀମାନେ ପ୍ରାୟ ସମସ୍ତେ ଭଲ କାର୍ଯ୍ୟ କରୁଥିବାରୁ ଡାଇରେକ୍ଟର ଜେନେରଲ ସାହେବ ମହୋଦୟ ତାହାଙ୍କ ନାମ ବିଶେଷରୂପେ ଲେଖିବାର ଆବଶ୍ୟକ ବୋଧ କର ନାହାନ୍ତି । ଏହା ଡାକ ବନ୍ଦୋବସ୍ତ ଅତି ପ୍ରଶଂସାର ବିଷୟ ହେଉ । ଫଳତଃ ଡାକଘରର କାର୍ଯ୍ୟ ପୂର୍ବଠାରୁ ଅଧିକ ସୁଶୃଙ୍ଖଳରୂପେ ଚାଲୁଅଛି ଏବ ତହିଁରେ ଲୋକଙ୍କର ବିଶ୍ୱାସ ଅଟଳ ଓ ସୁବିଧା ଅସୀମ ଭାବ ଲାଭ ପକ୍ଷେ ଯଥେଷ୍ଟ ହୋଇଅଛି ।

---

## ବିଲାତରେ ବିଷମକାଣ୍ଡ ।

**ପାର୍ଲିଆମେଣ୍ଟ ସଭା ଭଙ୍ଗ, ନୂତନ ନିର୍ବାଚନ**

ପାଠକେ ଅବଗତ ଅଛନ୍ତି ଯେ ବିଲାତ ପାର୍ଲିଆମେଣ୍ଟ ମହାସଭାରେ କମନ୍ସ ( ସାଧାରଣ ପ୍ରଜାବର୍ଗ)ର ଗୋଟିଏ ସଭା ଏବ ଲର୍ଡ ( ସମ୍ଭ୍ରାନ୍ତ ) ମାନଙ୍କର ଅନ୍ୟ ଗୋଟିଏ ସଭା ଅଛି । କୌଣସି ଆଇନ ବା ବଜେଟ ଇତ୍ୟାଦି କମନ୍ସ ସଭାରେ ଅବଗତ ହୋଇ ଧାର୍ଯ୍ୟ ହେଲେ ତାହା ଲର୍ଡମାନଙ୍କଦ୍ୱାରା ସ୍ୱୀକୃତ ନ ହେବାଯାଏ କାର୍ଯ୍ୟରେ ପରିଣତ ହୋଇ ପାରେ । ଗତବର୍ଷର ଆୟ ବ୍ୟୟର ବଜେଟ ପ୍ରସ୍ତୁତ କରିବା ସମୟରେ ଆୟ ବ୍ୟୟର ସାମଞ୍ଜସ୍ୟ ରକ୍ଷା କରିବା କାରଣ ମନ୍ତ୍ରିମାନେ ଯେଉଁ ବଜେଟ ପ୍ରସ୍ତୁତ କରିଥିଲେ ତହିଁରେ ଭୂମି ଉପରେ କର ନିଅ ଯିବାର ଧାର୍ଯ୍ୟ କରିବାରୁ ସେ ବିଷୟରେ ବଳ ରହେ ଭୂମୂଳ ଆନ୍ଦୋଳନ ଉପସ୍ଥିତ ହେଲା ଏତାବତ୍କାଳ ବିଲାତର ଲୋକେ ଭୂମି ଉପରେ କୌଣସି କର ଦେଉ ନ ଥିଲେ । ସୁରା, ତମାଖୁ ଇତ୍ୟାଦି ଦ୍ରବ୍ୟ ଉପରେ ଯେଉଁ ଟିକସ ଧାର୍ଯ୍ୟ ଥିଲା ତହିଁରେ ଦୁଃଖୀ ଲୋକଙ୍କୁ ଅଧିକ ବାଧୁଥିଲା । ସେ ସବୁ ଟିକସ ଲଘୁ କରିଦେଲେ ଦୁଃଖୀ ଲୋକଙ୍କର ଅନେକ ସୁବିଧା ହେବା ଏବ ଭୂମି-ଉପରେ ଟିକସ କଲେ ଯେ ଯେମନ୍ତ ଜମି ଧରନ୍ତି ସେ ତେମନ୍ତ କର ଦେଲେ ନ୍ୟାୟସଙ୍ଗତ ରୂପେ ଟଙ୍କା ଉଠିବା ବିବେଚନାରେ ମନ୍ତ୍ରିମାନେ ତାହାହିଁ ସ୍ଥିର କଲେ । କେତେଣ ଲର୍ଡମାନେ ଅନେକ ଭୂମିର ମାଲିକ ଥିବାସ୍ଥଳେ ସେମାନଙ୍କୁ ଅଧିକା ଦେବାକୁ ପଡ଼ିବା ଜାଣି ଗଣ୍ଡଗୋଳ ଲଗାଇଲେ ଏବ ଆପଣାର ବଳ ପୁଷ୍ଟି କରି ବଜେଟ ଧାର୍ଯ୍ୟ ନ ହେବା ନିମନ୍ତେ ବଦ୍ଧ ପରିକର ହେଲେ । କମନ୍ସ ସଭାରେ ବହୁ କଷ୍ଟରେ ଅନେକବାର୍ତ୍ତିକତା ପରେ ବଜେଟ ଧାର୍ଯ୍ୟ ହେଲା ମାତ୍ର ତାହା ଲର୍ଡମାନଙ୍କ ସଭାରେ ଅବଗତ ହେବାରୁ ସେମାନେ ତହିଁ ବିରୁଦ୍ଧରେ ଗାଳି କରୁଥା ଦଲେ । ଲର୍ଡ ମରଲି ମହୋଦୟ ବଜେଟ ଅଗ୍ରାହ୍ୟ କରିବା ଅନୁଚିତ ହେବା-ସମ୍ବନ୍ଧେ ସ୍ୱଳ୍ପ ଯୁକ୍ତ ବକ୍ତୃତା କରିଥିଲେ ମାତ୍ର ଲର୍ଡମାନେ ତାହା ଶୁଣିଲେ ନାହିଁ । ବଜେଟ ଅବଗତ ହେବା ସମୟରେ ଅନ୍ୟ ବାଟ ନ ପାଇ ଲର୍ଡ ଲ୍ୟାନ୍ସଡାଉନ ପ୍ରସ୍ତାବ କରିଥିଲେ ଯେ ଦେଶଲୋକଙ୍କ ମତ ନ ଜାଣିବାଯାଏ ସେମାନେ ବଜେଟ ଗ୍ରହଣ କରିବା ଯୁକ୍ତିଯୁକ୍ତ ମନେ କରନ୍ତି ନାହିଁ । ବୋମ୍ବାଇର ଭୂତପୂର୍ବ ଗଭର୍ଣ୍ଣର ଲର୍ଡ ରେ ମହୋଦୟ ଏଥିର ବିପକ୍ଷରେ ଏବ ମାନ୍ଦ୍ରାଜର ଭୂତପୂର୍ବ ଗଭର୍ଣ୍ଣର ଲର୍ଡ ଆମ୍ପଥିଲ ତଥା ଅମ୍ଭମାନଙ୍କର ଭୂତପୂର୍ବ ବଡ଼ଲାଟ ଲର୍ଡ କର୍ଜନ ମହୋଦୟ ଏଥିର ସପକ୍ଷରେ ମତ ଦେଲେ । ସୁଦୀର୍ଘ ବାଦ ପ୍ରତିବାଦ ପରେ ଭୋଟ ନିଆ ଯିବାରେ ନ ୩୫୦ ଣ ଉକ୍ତ ପ୍ରସ୍ତାବର ସପକ୍ଷରେ ଏବ ନ ୭୫ ଣ ବିପକ୍ଷରେ ହେବାରୁ ବଜେଟ ଅଗ୍ରାହ୍ୟ ହେଲା । ବିଲାତ ପାର୍ଲିଆମେଣ୍ଟର କମନ୍ସ ସଭା ଯେଉଁମାନଙ୍କର କେବଳ ନୁହେ । ତହିଁରେ ସାଧାରଣ ପ୍ରଜାଙ୍କର ମନୋନୀତ ସଭ୍ୟ ଉପଯୁକ୍ତ ବ୍ୟକ୍ତି ସଭ୍ୟ ଅଟନ୍ତି ଏବ ପ୍ରଜାଙ୍କ ମତ ସେହି ସେମାନେ ମତ ଦିଅନ୍ତି । ଏମନ୍ତ ସ୍ଥଳେ ସେହିମାନଙ୍କର ମତହିଁ ସାଧାରଣ ପ୍ରଜାଙ୍କର ମତ । ତାହାକୁ ଅବହେଳା କରି ଲର୍ଡମାନେ ପୁଣି ଦେଶଲୋକଙ୍କ ମତକୁ ଯେ ଲୋଡ଼ କରିଲେ ଏଥିର ଅର୍ଥ କିଛି ବୁଝାଯାଉ-ନାହିଁ । ଫଳତ ଟିକସ ଦେବାକୁ ଯେଉଁ ବଡ଼ଲୋକ ଦେଉନ୍ତି ସେମାନେ ରାଜି ହେଲ ନାହାନ୍ତି ଏବ କନଜରଭେଟିଭମାନେ ପ୍ରଚାଣ୍ଡ ଆନ୍ଦୋଳନରେ ସୁରା ପ୍ରବଳ ଅପକ୍ଷ ଜଠାଇ ଆପଣାର ମନସ୍କାମନା ସିଦ୍ଧ କରି ନେଲେ । ଏଣେ ଦେଶର ଶାନ୍ତ ପ୍ରଜାପୁଞ୍ଜ ବୁଝିଲେ ଯେ ଲର୍ଡମାନେ ସ୍ୱାର୍ଥପ୍ରିୟ ଏବ ସେମାନେ କେବେ ତାଙ୍କର ଦୁଃଖ ଲାଘବ କରିବାର୍ଥ ଆପଣା ଟଙ୍କାରୁ ଗୁଡ଼ ପଇସା ଦେବାକୁ ଅସ୍ୱୀକାର କରିବେ ନାହିଁ । ନ ୩୫୦ ଣ ଲର୍ଡଙ୍କଠାରେ ନ ୭୫ ଣ ଅତି ସାମାନ୍ୟ ଏବଂ ଏତେ ଅଧିକ ଲର୍ଡମାନେ ପ୍ରଜାଙ୍କ ବିପକ୍ଷରେ ଥିବାରୁ କଥା ଉଠିଅଛି ଯେ ଲର୍ଡମାନଙ୍କର ଆଉ ଗୋଟିଏ ସଭା ରଖିବାର ପ୍ରୟୋଜନ ନାହିଁ । ଅବଶ୍ୟ ଦୁଇଗୋଟି ସଭାରେ ଦେଶର ଭଲ ମନ୍ଦ ବିଚାରିତ ହୋଇ କାର୍ଯ୍ୟ ହେବା କେବଳ ଗୋଟିଏ ସଭାର ବିଚାର ଅପେକ୍ଷା ଅଧିକ ଶ୍ରେୟସ୍କର ମାତ୍ର ସ୍ୱାର୍ଥଦ୍ୱାରା ଯେଉଁମାନେ ପରିଚାଳିତ ହେବେ ସେମାନଙ୍କର ସଭା ରହିବାରେ କିଛି କାର୍ଯ୍ୟ ନାହିଁ ଏମନ୍ତ ଯୁକ୍ତି ମଧ୍ୟ ସମୀଚୀନ ଅଟଇ । ଲର୍ଡମାନେ ବଜେଟ ନାମଞ୍ଜୁର କରି ଦେବାରୁ ପ୍ରଧାନ ମନ୍ତ୍ରୀ ଅଗତ୍ୟା ଲର୍ଡମାନଙ୍କର କାର୍ଯ୍ୟ ଅନ୍ୟ—ଲକ୍ଷଣମାତର ବିରୋଧୀ ଏବଂ ପ୍ରଜା ସ୍ୱତ୍ୱର କ୍ଷମତା ଅପହରଣ ସୂଚକ ଥିବାର ପ୍ରସ୍ତାବ ଅବଗତ କରି ପାର୍ଲିଆମେଣ୍ଟ ଭଙ୍ଗ କରିଅଛନ୍ତି । ପୁଣି ନୂତନ ସଭ୍ୟ ବଛା ବଛି ହୋଇ ନୂତନ ସଭା ସଂଗଠିତ ହେଲେ କାର୍ଯ୍ୟ ଚଳିବ । ଏହି ନୂତନ ସଭ୍ୟ ବଛା ବଛି-ରେ ଯେ ଘୋର ପ୍ରତିଯୋଗିତା ଚାଲିବ ବୋଲି ବାହୁଲ୍ୟ । ସୁତରାଂ ବିଲାତରେ ବିଷମକାଣ୍ଡ ଉପସ୍ଥିତ । '

ଉପରଲିଖିତ କାରଣରୁ ପାର୍ଲିଆମେଣ୍ଟ ସଭା ଭଙ୍ଗ ହୋଇଅଛି । ଗତ ତା ୩ ରଖରେ ସଭା ଭଙ୍ଗ ଉପଲକ୍ଷରେ ପ୍ରବଳ ପ୍ରତାପ ସମ୍ରାଟ ମହୋଦୟଙ୍କର ବକ୍ତୃତା ପଠିତ ହେଲା । ତହିଁରେ ଅନ୍ୟ କଥା ମଧ୍ୟରେ ସମ୍ରାଟ ମହୋଦୟ କମନ୍ସ ସଭାକୁ ଧନ୍ୟବାଦ ଦେଇ କହିଅଛନ୍ତି ଯେ ଦେଶର ଅଧିକା ବ୍ୟୟ ଯୋଗାଇବା ସକାଶେ ସେମାନେ ବିଶେଷ ଉଦାରତା ଓ ସାବଧାନତା ସହିତ ସମୁଚିତ ବ୍ୟବସ୍ଥା କରିଥିଲେ ମାତ୍ର ଦୁଃଖର ବିଷୟ ଯେ ତାହା ବିଫଳ ହୋଇଅଛି । ଏହି ବକ୍ତୃତାରେ ଭାରତ ସମ୍ବନ୍ଧରେ ଲେଖା ଅଛି ଯେ ଭାରତର ବ୍ୟବସ୍ଥାପକ ସଭାସମୂହର ସଭ୍ୟ ସଂଖ୍ୟା ଏବଂ କାର୍ଯ୍ୟର ପ୍ରସାରଣଯୋଗେ

Split by PDF Splitter
Digitized by srujanika@gmail.com

Split by PDF Splitter



ଶାସନ କାର୍ଯ୍ୟର ଉନ୍ନତି ବିଷୟରେ ଅନେକ ପରିବର୍ତ୍ତନ ଓ ନୂତନ ନିୟମାବଳୀ ପ୍ରବର୍ତ୍ତିତ ହୋଇଅଛି । ଆସନ୍ତା ବର୍ଷର ଆରମ୍ଭରେ ନୂତନ ବ୍ୟବସ୍ଥାପକ ସଭାମାନ ଗଠିତ ହେବ ଏବଂ ସେମାନେ ନୂତନ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ କରିବେ । ଭରସା କରୁଁ ସେମାନେ ସରକାରୀ କର୍ମଚାରୀଙ୍କ ସହିତ ଏକଯୋଗରେ ଦେଶର ଆର୍ଥିକ ଓ ନୈତିକ ଉନ୍ନତି ସଙ୍ଗେ ରାଜଭକ୍ତି ଓ ଶ୍ରଦ୍ଧା ସମ୍ପନ୍ନ ଯତ୍ନବାନ୍ ହେବେ । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ଭାରତର ମଙ୍ଗଳ ବିଷୟରେ ସମ୍ରାଟ ମହୋଦୟଙ୍କର ଏକାନ୍ତ ଇଚ୍ଛା । ମାତ୍ର ତଦନୁସାରେ କାର୍ଯ୍ୟ କରିବାର ଭାର ମନ୍ତ୍ରିବର୍ଗଙ୍କ ହାତରେ ଅଛି । ବର୍ତ୍ତମାନ ପାର୍ଲିୟାମେଣ୍ଟ ଭାଙ୍ଗି ଯିବାରେ ମନ୍ତ୍ରିଦଳ ବଳଶାଳୀ ହୋଇଅଛନ୍ତି । ଆସନ୍ତା ଜାନୁୟାରୀ ମାସ ମଧ୍ୟଭାଗରେ ନୂତନ ସଭ୍ୟ ନିର୍ବାଚନ କାର୍ଯ୍ୟ ଶେଷ ହୋଇ ନୂଆ ସଭା ଗଠିତ ହେବ ଏବଂ ନୂତନ ମନ୍ତ୍ରିଦଳ ନିଯୁକ୍ତ ହେବେ । ଯେବେ ଉଦାର ଦଳ ପୁଣି ଅଧିକାର ପାଇବେ ତେବେ ଭାରତ ଶାସନର ଯେଉଁ ସଂସ୍କାର ଆରମ୍ଭ ହୋଇଅଛି ତାହା ଅବାଧେ ଅଗ୍ରସର ହେବ । ମାତ୍ର ଯେବେ ରକ୍ଷଣଶୀଳ ଦଳ ହାତକୁ ଅଧିକାର ଯିବ ତେବେ ନୂଆ ମନ୍ତ୍ରିଦଳ ନିଯୁକ୍ତ ହେବେ ଏବଂ ମରଲିଙ୍କର ସୁବିଯୋଗ ରହିବ ନାହିଁ । ସେତେବେଳେ କ'ଣ ହେବ କିଏ କହି ପାରେ ? ଅତଏବ ଏ ସମୟରେ ପାର୍ଲିଆମେଣ୍ଟର ପୁନର୍ଗଠନ ଉପରେ ଭାରତର ଭାଗ୍ୟାଭାଗ୍ୟ ବିଶେଷ ନିର୍ଭର କରୁଅଛି ।

---

### ଗ୍ରନ୍ଥପ୍ରାପ୍ତି ସ୍ୱୀକାର ।

Simple Poems— ଶ୍ରୀ ମଣିଭଦ୍ର ମହାପାତ୍ରଙ୍କ ରଚିତ ଏବଂ ଓ କଟକ ଷ୍ଟାର ଛାପାଖାନାରେ ମୁଦ୍ରିତ । ଏଥିରେ ଇଂରାଜୀ ଭାଷାରେ ନାନା ବିଷୟକ କ୍ଷୁଦ୍ର କବିତା ସ୍ଥାନ ପାଇଅଛି । ଲେଖକ କବିତା ସୁନ୍ଦର ସଂଶୋଧନ କରଣାର୍ଥ କଲିକତା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରିନ୍ସିପାଲ ହେନ୍‌ସେଲଙ୍କ ନିକଟକୁ ପଠାଇଥିଲେ ମାତ୍ର ଅଧ୍ୟାପକ ସେ ତାହା ଫେରାଇ ଦେଇ ଲେଖି ଅଛନ୍ତି ଯେ କବିତାମାନଙ୍କରେ ଯେଉଁ ଦୟା ଏବଂ ସଦ୍ଭାବମାନ ଅଛି ତାହା ଦେଶୀୟ ଭାଷାରେ ଲେଖା ଯାଇଥିଲେ ପାଠକମାନଙ୍କ ପକ୍ଷେ ବିଶେଷ ସାହାଯ୍ୟ ହୋଇ ଥାନ୍ତା । ମଣି ବାବୁ ସ୍କୁଲ ଇନ୍‌ସପେକ୍ଟରେ କାର୍ଯ୍ୟ କରନ୍ତି । ତାଙ୍କ ପକ୍ଷେ ଇଂରାଜୀ ଭାଷାରେ ୩୭ ଗୋଟି କବିତା ବିଷୟରେ ପଦ୍ୟ ଲେଖିବାର ପ୍ରଶଂସାର ବିଷୟ । ଇଂରାଜୀରେ କବିତା ଲେଖିବା ସହଜ ନୁହେ ଏବଂ ସେ ଭାଷା ବର୍ତ୍ତମାନ ପୃଥିବୀ ମଧ୍ୟରେ ଶ୍ରେଷ୍ଠ ଭାଷା ଥାଇ ଅନେକ ବଙ୍ଗ ଓ ଇଙ୍ଗ୍ଲଣ୍ଡର କବି ପ୍ରସିଦ୍ଧ ହୋଇଅଛନ୍ତି ସେ ଭାଷାରେ ବିଶେଷ ପାଣ୍ଡିତ୍ୟ ନ ଥିଲେ କବିତା ଲେଖିବାକୁ ପ୍ରୟାସୀ ହେବା ବୃଥାଶ୍ରମ ମାତ୍ର । ଆମ୍ଭେମାନେ ଆଶା କରୁଁ ମଣି ବାବୁ ଏଣିକି ଦେଶୀୟ ଭାଷାରେ କବିତା ଲେଖି ପିଲାମାନଙ୍କ ଶିକ୍ଷାର ଆଦର୍ଶ ଦେଖାଇବାରେ ଯତ୍ନ କରିବେ ।

ଚୁମ୍ବୋଧକ ।—ପଣ୍ଡିତ ... ପ୍ରଧାନଙ୍କଦ୍ୱାରା ଲିଖିତ ଏବଂ ବାମଣ୍ଡା ଜଗନ୍ନାଥବଲ୍ଲଭ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ । ଏଥିରେ ବାମଣ୍ଡା ରାଜାଙ୍କ ଜ୍ୟେଷ୍ଠ ପୁତ୍ରଙ୍କ ବିବାହ ସମୟରେ ରାଜାମାନଙ୍କ ଆଗମନ କରିଥାଇ ଯେପରି ବଡ଼ ବଡ଼ ଜୀବ କାର୍ଯ୍ୟ ସମାରୋହ ସହକାରେ ସମ୍ପନ୍ନ ହେଲା ତତ୍ସମସ୍ତ ବର୍ଣ୍ଣିତ ହୋଇଅଛି । ରାଜା ମହାରାଜାଙ୍କ ପକ୍ଷେ ପ୍ରଧାନ ଘଟଣାମାନଙ୍କର ଏପରି ପୁସ୍ତକ ଛପାଇ ରଖିବା ସମୟରେ ବିଶେଷ କାର୍ଯ୍ୟକର । ଉତ୍ତରଙ୍କ ମଧ୍ୟରେ ଉଟ-କର ବର୍ଣ୍ଣନା ଦଳର ଅଧିକ ପ୍ରଶଂସା ଦେଖି ଆନନ୍ଦିତ ହେଲୁ ।

---

# ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କୁଣ୍ଟିରେ ଥିବା ଡେ: ମା: ଓ ଡେ: କଲେକ୍ଟର ବାବୁ ହରେକୃଷ୍ଣ ମହାନ୍ତି କଣ୍ଟିକି ସବ୍‌ଡିଭିଜନର ସବ୍‌ଡିଭିଜନାଲ ଅଫିସର ନିଯୁକ୍ତ ହେଲେ ।

ବାଲେଶ୍ୱର ଜିଲ୍ଲାର ଡେପୁଟୀ ବାବୁ ପ୍ରମଥନାଥ ସୁପରିଣ୍ଟେଣ୍ଡେଣ୍ଟ ଶ୍ରେଣୀକୁ, ବାବୁ ସମନ୍ତସାଦ ନନ୍ଦୀ ବାଲେଶ୍ୱରର ସବ୍ ଡେପୁଟୀ ଓ ବାବୁ ମନମୋହନ ସାହୁ ... ଟେକନିକାଲ ୪ ମ ଶ୍ରେଣୀକୁ ଓ ମୌଲବୀ ମହମ୍ମଦ ମୋମିନ ଡେପୁଟୀ କଲେକ୍ଟର ... ଶ୍ରେଣୀକୁ ଉନ୍ନତ ପାଇଲେ ଓ ବାବୁ ବୈଦ୍ୟନାଥ ଘୋଷାଲ ଡେପୁଟୀ କଲେକ୍ଟର ... ୪ ମ ଶ୍ରେଣୀରେ ବାହାଲ ହେଲେ ।

ବାବୁ ଗୋ. ନାନକ ଚୌଧୁରୀ କଟକ ମ୍ୟୁନିସିପାଲିଟିର ... ଚେୟାରମାନ ନିଯୁକ୍ତ ହେଲେ ।

ଗତ ତା ୮ ରିଖ ଶେଷହେବା ସପ୍ତାହରେ ମୃତ୍ୟୁସଂଖ୍ୟା କଟକ ସେ ୧୩୩ ବାଲେଶ୍ୱର, ସେ ୧୮ ସମ୍ବଲପୁର ସେ ୧୨ ଓ ସମ୍ବଲପୁରରେ ସେ ୧୬ ।

---

### ସ୍ଥାନୀୟ ସମ୍ବାଦ ।

ଆମ୍ଭମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ଏ. ଏ. ଲେଭେଞ୍ଜ ଗତ ବୁଧବାର ଶ୍ରୀରାମପୁରରେ ମଟରଗାଡ଼ି ଯୋଗେ ଆସିଥିଲେ । ସେଠାରୁ ଜାଜପୁର ଓ ଭଦ୍ରକ ହୋଇ ପରିଦର୍ଶନ କରି ଫେରିବାକୁ ବାଟେ ଆସନ୍ତା ତା ୧୬ ରିଖରେ କଟକ ଆଗମନ କରିବେ । ଏଥର ଜାନୁୟାରୀ ମାସ ଆରମ୍ଭରେ ସମ୍ବଲପୁର ଯାତ୍ରା ହେବ ।

ଏ ସପ୍ତାହରେ ଏ ନଗରରେ ମଙ୍ଗଳବାର ଓ ରବିବାର ବଡ଼ ଥଣ୍ଡା ପଡ଼ିବାରୁ ଶୀତ ପ୍ରବଳ ହୋଇଅଛି ।

ସାଧାରଣ ସ୍ୱାସ୍ଥ୍ୟ ଭଲ ଏମାନେ ଜ୍ୱର ଓ କାଶରୋଗ ଉପଶମ ହୋଇ ନାହିଁ ।

### ସମ୍ବଲପୁର ସମ୍ବାଦ ।

ଗତ ରବିବାର ମେଘାଚ୍ଛନ୍ନ ହୋଇ ସନ୍ଧ୍ୟାଠାରୁ ରାତ୍ରିକାଳ ସନ୍ଧ୍ୟାପର୍ଯ୍ୟନ୍ତ ବଡ଼ ବରଷା ହୋଇଥିଲା ଯାହାର ପରିମାଣ ବୃଷ୍ଟି ... ଥିଲା । ଅସମୟରେ ବରଷା ଯୋଗେ କୃଷକମାନଙ୍କ ଧାନ ଅଧିକ ନଷ୍ଟ ହୋଇଥିବା ଯୋଗୁ ବହୁତ ଉଦ୍‌ବେଗ ହୋଇଅଛି ।

ଗତ ତା ୭ ରିଖ ମଙ୍ଗଳବାର ଏଠା ହାଇ ସ୍କୁଲ ଛାତ୍ରମାନଙ୍କ ଟେଷ୍ଟ ପରୀକ୍ଷା ସ୍ଥଗିତ ହୋଇଥିବା, ସମ୍ଭବତଃ ତା ୧୩ ଏ ରିଖ ପରୀକ୍ଷା ହେଉଅଛି ।

ଶ୍ରୀଯୁକ୍ତ ବାବୁ ସଚ୍ଚିଦାନନ୍ଦ ସିଂହ ଜାତୀୟ କଟକ ମେଡିକେଲ ସ୍କୁଲ ଓ ଜନରଲ ହସପିଟାଲରେ ୧୯୦୮ ସାଲ ... ବିଶେଷ ସୁଖ୍ୟାତିର ସହିତ କାର୍ଯ୍ୟ କରି ସ୍ୱାସ୍ଥ୍ୟ ସୁନନ୍ଦୀୟ ... ଗତ ନଭେମ୍ବରରେ ସେ ଏଠା ଡାକ୍ତରଖାନାର ... ଏସିଷ୍ଟାଣ୍ଟ ସର୍ଜନ ନିଯୁକ୍ତ ହୋଇ ଅଛି ଏଥିମଧ୍ୟରେ ଅନେକ ଦୁଃସାଧ୍ୟ ରୋଗ ଆରୋଗ୍ୟ କରିଅଛନ୍ତି ଓ ତାହାଙ୍କର ଚିକିତ୍ସାରେ ସେବକର ବୃଦ୍ଧି ହେବାରୁ ଅନେକ ରୋଗୀ ଡାକ୍ତରଖାନାକୁ ଆସୁଅଛନ୍ତି ।

ମେଘ ଛାଡ଼ିବାରୁ ଶୀତ ପ୍ରବଳ ହୋଇଅଛି ।

ସହରରେ ଏଥର ଦାଦୀ ଦୋକାନରେ ୩୨ ଟା ଚାଉଳ ଧାନ ହୋଇଥିବାର ଶୁଣୁଅଛୁ ।

ବଜାରରେ ନୂଆ ଗୋଟାଏ ମହାଜନୀ ଚାଉଳ ଆଣି ଦେଇ ବାହାର ଗସ୍ତ କରୁଅଛନ୍ତି ।

### ତେଲୁପଡ଼ା ସମ୍ବାଦ ।

ଗତ ଶୁକ୍ରବାର ମେଘ ଓ ସାମାନ୍ୟ ପବନ ଆରମ୍ଭ ଓ ଶନି ବୃଷ୍ଟି ହୋଇ ରବିବାର ଦିନ ତ ୧୦ ଟା ସମୟରେ ଅତ୍ୟଧିକରେ ବୃଷ୍ଟି ଏବଂ ପବନ ହେଲା ଏବଂ ରବିବାର ଗଛପତ୍ର ସବୁ ଝଡ଼ ବୃଷ୍ଟିରେ ଶେଷ ପ୍ରବଳ ଭାବରେ ରହିଥିଲା । ଧାନ ଫସଲ ବର୍ତ୍ତମାନ ପାଚ ହୋଇ ଆସିବାରୁ ଗଛରେ ଝଡ଼ ହୋଇ ନାହିଁ ବୋଲି କୁହାଯାଇ ପାରେ ।

ବର୍ଷାଧାନ ସମୟରୁ ଧାନ ଚାଉଳର ଦର ଟଙ୍କା ଏଠା-ରେ ବୃଦ୍ଧି ହୋଇ ବର୍ତ୍ତମାନ ସହରରେ ସେ ୧୨ ର ଓ ମୋଟା-ରେ ସେ ୧୪ ର ଦରରେ ମିଳୁଅଛି । କ୍ରମେ ଦର ଅଧିକ ବୃଦ୍ଧି ହେବାର ଆଶା ଅଛି ।

ଏଠାରେ ନୂଆ ଥାନା ନୂଆ ଓ ଖର୍ଚ୍ଚ କାମର ସ୍ଥାନ ଦେଖାଯାଉଅଛି । ଅନନ୍ତ ଫୌଜଦାରି ଅଦାଲତରେ ବର୍ତ୍ତମାନ ଜୁଆଚୋରି ଅଭିଯୋଗ ନରହତ୍ୟା ଅପରାଧର ମୋକଦ୍ଦମା ଚାଲୁଅଛି । ଗୋଟିଏ ଗାଉଁଲି ସାମବାଦୀ ହେଉ ... ଓ ଟଙ୍କା ଆଦାୟ ସହକାରରେ ଏ ସ୍ୱତନ୍ତ୍ରରେ ପଡ଼ ମଧ୍ୟସ୍ଥ ଅପରାଧରେ ସୂଚନା ... ଦେଉଅଛି । ଅନ୍ୟ ମୋକଦ୍ଦମାଟି ଧାନ କାଟ ଚୋରି ଅଟେ । ଉଭୟରେ ଏକାଧିକ ଯୁବକ ... ପକ୍ଷର ... ସେଠାରେ ମୃତ୍ୟୁ ଘଟିଲେ ସଂଜାରେ ... ବ୍ୟବସ୍ଥା ତ ୧୦।୧୨ ଟା ମଧ୍ୟରେ ତାହାର ସ୍ଥାନ ଚାହିଦ ପଡ଼େ । ଏ ମୋକଦ୍ଦମା ବିଷୟ ଫଳାଫଳ ଯଥା ସମୟେ ପ୍ରକାଶ ।

ଏ ସପ୍ତାହରେ ଶୀତ ବିଶେଷ ଅନୁଭବ ହୋଇଅଛି ।

### ସାଧାରଣ ସମ୍ବାଦ ।

ଇନ୍ଦୋର ମିଉନିସିପାଲ ବୋର୍ଡ ତହିଁର ଅଧୀନ ସମସ୍ତ ବାଳକ ଓ ବାଳିକା ପ୍ରାଥମିକ ବିଦ୍ୟାଳୟରେ ବିନା ବେତନରେ ଶିକ୍ଷା ଦେବାର ବିଧାନ କରିଅଛନ୍ତି । ଏହା ଅନୁକରଣ ଯୋଗ୍ୟ ଅଟେ ।

ଏଥର ଆମେରିକାରେ କପାସର ଫସଲ କମ୍ ହୋଇଅଛି । ଏଣୁ ବାଣିଜ୍ୟ ... ଦେଶ ... ଯୋଗାଇବାକୁ ଅସମର୍ଥ ... ଭାରତରୁ ବିଶେଷ କପା ... ଯିବାର ସମ୍ଭାବନା ।

Digitized by srujanika@gmail.com

କେବଳ ହୃଷ୍ଟର ସେ କରତ ବାଂଶସାଙ୍କ ଖବର ସଂଶୋଧନ ସମ୍ବାଦଣର ଅଟେ । ସେହିବ ଭ୍ରମାବଳୀ ଶୀଘ୍ର ସଂଶୋଧିତ ହେବ ଏବଂ ଏହିଁରେ ବର୍ତ୍ତମାନଠାରୁ ବହୁ ଭୁଲ ଅଟେ । ଭଙ୍ଗିବାର ଚେଷ୍ଟା ହେଉଅଛି ।

ଗଞ୍ଜାମ ଜିଲାର କେତେକ ଗ୍ରାମରେ ଗୋଲାଏ ମନ୍ଦେହ ଶଷ ଦାସ ବିଶେଷ କ୍ଷତ୍ରବ କରିବାରୁ ତାହାର ମାଲିକ ଗଭର୍ଣ୍ଣମେଣ୍ଟ ଏକେବାର ଟଙ୍କା ପୁରସ୍କାର ଘୋଷଣା କରିଅଛନ୍ତି । କେବଳ ଦୁଇ ଏହି ବାଘ ଗତ ଡିସେମ୍ବରରେ କେତେ ଗୋଟିଏ ମନୁଷ୍ୟ ବଧ କରିଅଛି ।

କର୍ଣ୍ଣେଲ ଗୋଲଡଙ୍କ ଅଧୀନରେ ୫ ୧୬ ଶ ବେଲୁଚ ସୈନ୍ୟ ସୋମାଲିଲ୍ୟାଣ୍ଡ ଅଭିମୁଖେ ରଓନା କରାଯାଇଅଛନ୍ତି ।

ବମ୍ବେରେ ନାନା ଜାତି ଲୋକ ବର୍ତ୍ତମାନ ବିଶେଷ ଅଧିବେଶନ ବଡ ହର୍ଷୀୟ ଉତ୍ସବରେ ରଜନ ହୋଇ ଶୋକ ପ୍ରକାଶ କରିଅଛନ୍ତି ।

ମାନ୍ଦ୍ରାଜ ନଗର ଏବଂ ଆର ମୁସଲମାନଗଣ ସେଠାର ଥାନେଦାର କେବଳ ଏକ ମନେ କରିବା ହେତୁ ସରକାର ଚେଷ୍ଟା କରୁଅଛନ୍ତି । ମୁସଲମାନ ଜୋଲାହମାନେ ଏହି ସୂତ୍ରରେ ସମସ୍ତ ପଇସା ଦେବେ ଏବଂ ସେମାନଙ୍କର ଏକ ଯୋଜନା ଯେଉଁ ସମୁଦାୟ ପ୍ରାୟ ୫୮୦୦୦୲ ହେବେ ।

କପୁରିଆର ପ୍ରଧାନ ମହାରାଣୀଙ୍କର ଅଦ୍ୟାପିକ ଅଭୀଷ୍ଟ ସମ୍ପାଦେନ ବହୁତ ଖବର ହୋଇଅଛି । ଦାନ ସେ କାର୍ଯ୍ୟ ୬ଦିନ ପର୍ଯ୍ୟନ୍ତ ଚାଲିଥିଲା । ଗ୍ରାମ ବେଦଜ୍ଞ ଲୋକ ଅଳଣ୍ଡ ମିଷ୍ଟାନ୍ନ ଭୋଜନ ପାଇଥିଲେ ସେ ଶେଷ ମଧ୍ୟରେ ଏକା ବ୍ରାହ୍ମଣ ୪୦ ହଜାର ଥିଲେ । କେଲଶାଳାର କଏଦି-ମାନେ ସୁଦ୍ଧା ପୂର୍ଣ୍ଣ ମିଷ୍ଟାନ୍ନ ଭୋଜନ ପାଇଥିଲେ ।

ଦେଶୀୟ ଗ୍ରନ୍ଥ ସର୍ବତ୍ର ମାନ ସେନ ବଦେଶ ଲେଖିବୁ ଇଂରେଜୀ ଅନୁବାଦ ହୋଇଅଛନ୍ତି ଏବଂ ସେ କଲ ରହିଛନ୍ତି । ଅନ୍ୟ ୭୮ ଜଣ ଦର୍ଶିତ ସମ୍ବାଦ ଏହି ପ୍ରକାଶ ହୋଇ ନାହିଁ । କେତେଦିନ ସରକାର ମାନଙ୍କୁ ସାହିତ୍ୟ ।

ସଂଶୋଧନ ।

ଚଣ୍ଡେଶ୍ୱରଙ୍କ ପତ୍ରର ଜନ୍ୟେ ଅମ୍ଭେମାନେ ଦାୟୀ ନାହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ଗତ ତା ୨୧ ଖରେ ପୁରୀ ବ୍ରାହ୍ମଣ ସମିତିର ସଭୋଗ୍ୟ ସମ୍ପାଦକ ଶ୍ରୀଯୁକ୍ତ ପଣ୍ଡିତ ଗଦାଧରମାନଙ୍କ ନିଶ୍ଚ ଏ ସ୍ଥଳରେ ଉପସ୍ଥିତ ହୋଇ ଉକ୍ତ ସମିତି ବିଷୟ ପ୍ରକାଶ କରନ୍ତେ ସ୍ଥାନୀୟ ବ୍ରାହ୍ମଣ ଓ ଅତ୍ୟାନ୍ୟ ଶ୍ରେଣୀୟ ହିନ୍ଦୁମାନେ ସ୍ୱୋକ୍ତ ବ୍ୟବସ୍ଥା-ପ୍ରଦେଶଦ୍ୱାରା ଉପଦେଶ ବିଷୟର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ବନ୍ଧରେ ସନ୍ତୋଷଜନକ ଅନୁଭବ ସବୁଜାରେ ସମିତିକୁ ଦାନ କରିବା-ନିମନ୍ତେ ପ୍ରାୟ ୮୦ ଟଙ୍କା ଚାନ୍ଦା ସ୍ୱୀକାର କଲେ ଓ ଅନ୍ୟତ୍ୟ ବ୍ରାହ୍ମଣ ମଣ୍ଡଳୀର ହୃଦୟ ବଧାଇବା ଶେଷ ସଭାର ଅଧୀନରେ ଗୋଟିଏ ସମିତି ଗଠନ ଓ ତାହାର ମାସିକ ଅଧିବେଶନର ପ୍ରସ୍ତାବ ହୋଇ ସଭାଶେଷରେ ଏହି ହିତକର କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୁରୀ ବ୍ରାହ୍ମଣ ସମିତିର ସମ୍ପାଦକ ଓ ସଭ୍ୟମାନଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନପୂର୍ବକ ସଭା ଭଙ୍ଗ କଲେ ।

ଉକ୍ତରୂପ ଭାବ୍ୟ ଅଞ୍ଚଳରେ ଉତ୍କଳ ବ୍ରାହ୍ମଣମାନେ ବାସ କରୁଥିବା ସତ୍ତ୍ୱେ ସେ ସ୍ଥାନ ସମୂହକୁ ପ୍ରତିନିଧି ପ୍ରେରଣଦ୍ୱାରା ସେମାନଙ୍କ ଏହି ସମିତିର ନିୟମ ପାଳନ ଓ ସୁଶୃଙ୍ଖଳିତ କାର୍ଯ୍ୟରେ ବ୍ରତୀ କରାଇବା ସମ୍ଭବପର ହେବ । ଏଣୁ ଯେପରି ଅନ୍ୟାନ୍ୟ ପ୍ରଦେଶବାସିମାନେ ସମ୍ବାଦପତ୍ରମାନଙ୍କରେ ପ୍ରବନ୍ଧ ପ୍ରକାଶ କରିବା ସଙ୍ଗେ ସୁଦ୍ଧା ପ୍ରାର୍ଥନା ଓ ପ୍ରାପ୍ତି ଶେଷରେ ସ୍ୱୀକାର ପ୍ରକାଶଦ୍ୱାରା ସମସ୍ତଙ୍କ ଦୃଷ୍ଟିକୁ ତଦ୍ବିଷୟରେ ଆକୃଷ୍ଟ କରୁଅଛନ୍ତି ଉତ୍କଳ ବ୍ରାହ୍ମଣ ସମିତିର କାର୍ଯ୍ୟ ସେହି ନିୟମକୁ ଅନୁସରଣ କଲେ ନିଜ ଉଦ୍ଦେଶ୍ୟ ସାଧନ ପକ୍ଷେ ବିଶେଷ ପରିମାଣରେ ସକ୍ଷମ ହୋଇ ପାରିବ । ବ୍ରାହ୍ମଣ ଜାତି ହିନ୍ଦୁଧର୍ମର ଏକମାତ୍ର ରକ୍ଷକ ହୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏପରି ସ୍ଥଳରେ ଉକ୍ତ ଜାତିର ଉନ୍ନତି ବିଧାନ କରିବା ସର୍ବ ଶ୍ରେଣୀୟ ହିନ୍ଦୁମାନଙ୍କର ଗୋଟିଏ ପ୍ରଧାନ କର୍ମ ଅଟେ । ଉତ୍କଳରେ ଉପଯୁକ୍ତ ବ୍ୟକ୍ତି ଓ ସମ୍ବାଦ ପତ୍ରର ଅଭାବ ନ ଥିବା-ସ୍ଥଳେ ସେମାନେ ଏଦୃଶ ଗୁରୁତର ବିଷୟ ସାଧନ ନିମିତ୍ତ ଉଦ୍‌ଯୋଗୀ ନ ହେବା ଅତୀବ ଦୁଃଖର ବିଷୟ ଅଟେ । ଅତଏବ ଉତ୍କଳର ବରପୁତ୍ର ଓ ଦେଶ ହିତୈଷୀ ସମ୍ବାଦ ପତ୍ରମାନଙ୍କୁ ପ୍ରାର୍ଥନା କରୁଅଛି ଯେ ସେମାନେ ଯେପରି ଏ ସମସ୍ତ ଦେଶହିତକର କାର୍ଯ୍ୟ ସାଧନରେ ପଶ୍ଚାତ୍‌ପଦ ହେବେ ନାହିଁ ।

ଆପଣଙ୍କର

ଶରଣ୍ଡା } ଶ୍ରୀ ବୃନ୍ଦାବନ ଆଚାର୍ଯ୍ୟ
୩୦।୧୧।୧୯୦୯ } ହେଡ୍‌ମାଷ୍ଟର ଶରଣ୍ଡା ପୋଲିଟିକଲ—ହୋଟ

☞ ଉତ୍କଳ ବ୍ରାହ୍ମଣ ତଥା ଅନ୍ୟାନ୍ୟ ସମିତିର କାର୍ଯ୍ୟାବଳୀ ଯଥାସାଧ୍ୟ ପ୍ରକାଶ କରିବାରେ ଉତ୍କଳୀୟ ସମ୍ବାଦପତ୍ରମାନ ହେଳାକରିବାର ଅମ୍ଭେମାନେ କହି ନ ପାରୁଁ । ସମିତିର କର୍ତ୍ତୃପକ୍ଷମାନେ ସରଳ ଭାବରେ ତତ୍ତ୍ୱର କାର୍ଯ୍ୟ କଲେ ସମ୍ବାଦପତ୍ରରେ ସବୁଦିନ ରହିଁ ଛପା ହୋଇପାରିବ ।

—ସଂ

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଯାଜପୁର ସବଡିଭିଜନ ଅନ୍ତର୍ଗତ । ପୁ, ଅଲତି ବରୁଆ ଡଙ୍ଗାଳରେ ବଡଚଣ୍ଡ ନାମକ ଗୋଟିଏ ପାହାଡ଼ ଅଛି । ଏହିଁରେ ବହୁତ ଜଙ୍ଗଲ ନାହିଁ । କିନ୍ତୁ ପାହାଡ଼ର ଲମ୍ବା ପ୍ରାୟ ମାଇଲ ୧ ଓ ଓସାର ପ୍ରାୟ ୨ ପ୍ରାୟ ପୂର୍ବ ଭାଗ ବୃଷ୍ଟିରେ ହେବ । ସେହି ପାହାଡ଼ରେ ଅନେକୁ ୨ ବାରମାସ ହେବ ଦଶଣି ଜଙ୍ଗଲରୁ ଏକ ମହାବଳ ବାଘ ଆସି ଅନେକ ଗୋରୁ ଓ ମଇଁଷି ପ୍ରଭୃତି ପଶୁମାନଙ୍କୁ ମାରୁଅଛି । ଅନେକ-ସୁଦ୍ଧା ମଇଁଷି ଗୋ ୨୦ ଟା, ବଳଦ ଗୋ ୩ ଟା ଓ ଗୋରୁ ପ୍ରାୟ ଗୋ ୩୦ ଟା, ଏହିପରି ପଶୁମାନଙ୍କୁ ମାରି ଖାଇଅଛି । ଅମ୍ଭ ଅଞ୍ଚଳର ମହାନ୍ତିମ ଉଠିବିଲା ଓ ଭଣ୍ଡାରୁ ଏକ ବାଣୁଆ ନେଇ କେତେକ ଗୋରୁ ନେଇ ବାଣୁଆମାନଙ୍କ ସହିତରେ ଏକ ଉତ୍କୃଷ୍ଟ ବାଘ ଗୋଟିଏ ୮ ୨୫ ଟଙ୍କା ମୂଲ୍ୟର ମଇଁଷି ଖିଆଇବା ପରେ ବାନ୍ଧିଥିଲେ । ସେହି ରାତ୍ର ଉକ୍ତ ବାଘ ଆସି ଉକ୍ତ ମଇଁଷିକୁ ମାରିଲା ସେହି ମଇଁଷିକୁ ଟାଣିନେଇ ମାରୁଥିବା ଖାଇଗଲା । ବାଣୁଆମାନେ ବାଘର ଭୟଙ୍କର ରୂପ ଦେଖି ଭୟ ପ୍ରାପ୍ତ ହେଲେ ଏବଂ ବନ୍ଧୁକ ମାରିବାରୁ ଭାଙ୍ଗର ହାତ ଦେଲା ନାହିଁ । ବଡ଼ କଷ୍ଟରେ ଗୃହ ଶେଷଯାଏ ସେହି ସମୟରେ ରହି ପ୍ରଭାତରେ ଘରକୁ ଫେରି ଆସିଲେ । ଉକ୍ତ ପାହାଡ଼ ନିକଟସ୍ଥ ଗ୍ରାମମାନଙ୍କର ଲୋକମାନେ ବର୍ଷରେ ଅତି ସାବଧାନରେ ଓ ଭୟଭୀତ ହୋଇ ଦିନ କାଟୁଅଛନ୍ତି କିନ୍ତୁ ସନ୍ଧ୍ୟା ହେଲାପରେ କେହି ଘରୁ ବାହାରି ପାରୁ ନାହାନ୍ତି ଏହାଦ୍ୱାରା ଦୂରବର୍ତ୍ତୀ ଗ୍ରାମମାନଙ୍କୁ ବାଘ ଯାଇ ଗୋରୁ ଓ ମଇଁଷିମାନ ମାରୁଅଛି । ଉକ୍ତ ବରୁଆ ଦଣ୍ଡାରୁ ପାଣି ଜମି ହୋଇ ଯିବାରୁ ବାଘ ଅନ୍ଧାରକୁ ପାଇ ହୋଇ ଗୋଠମାନଙ୍କରୁ ମଇଁଷିମାନ ମାରୁଅଛି । ଅମ୍ଭମାନଙ୍କର ଦାସଭଗବଁ ଶ୍ରୀଲ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ମହୋଦୟ ଉକ୍ତ ବାଘକୁ ମାରିବା ନିମନ୍ତେ ବିହିତ ବିଧାନ କରନ୍ତୁ ଅମ୍ଭେମାନେ ଏତଦ୍ବିଷ୍ୟ ପ୍ରାର୍ଥନା କରୁଅଛୁଁ । ବିଶେଷ ଏହି ବାଘର ଉପଦ୍ରବ ବୃଦ୍ଧି ହେଉଅଛି ଓ ଲୋକମାନେ ସନ୍ଧ୍ୟା ହେବାରୁ ଘର ଛାଡିବା ଭୟରେ ଆପଣାର କାର୍ଯ୍ୟମାନ କରିପାରୁ ନାହାନ୍ତି ।

୨୮।୧୧।୦୯ } ଆପଣଙ୍କର ବଶମ୍ବଦ
ଶ୍ରୀ ଶ୍ୟାମଚରଣ ମହାନ୍ତି
ମଠ ପୋଖରୀପଦା ।

ମୂଲ୍ୟ ପ୍ରାପ୍ତି ।

| | |
|---|---|
| ଶ୍ରୀମ । ବା । ବଳରାମପୁର | ୫୦( |
| ବାବୁ ସତ୍ୟବାଦୀ ମିଶ୍ର ମହାସୁର | ୫୦( |
| ବାବୁ କେଦାରନାଥ ସିଂହ ଗଏଲବାଦ | ୬୦( |
| ବାବୁ ବଳରାମକୃଷ୍ଣ ଚନ୍ଦ୍ର ରାୟ କେନ୍ଦାପଡ଼ା | ୫୭( |
| ବାବୁ ଶ୍ୟାମସୁନ୍ଦର ନରେନ୍ଦ୍ର ,, | ୫୭( |
| ବାବୁ ବୃନ୍ଦାବନ ସେନା. କୋରଡ଼ା | ୫୦( |
| ବାବୁ ଗୋପୀନାଥ ଦାସ ସୁଜଙ୍ଗ | ୫୨( |
| ବାବୁ ରାଜକୁମାର ସେନ ଚନ୍ଦ୍ରାଇପୁର | ୫୦( |
| ବାବୁ ଯାଦବାନନ୍ଦ ମହାନ୍ତି ସୁବାସେ | ୫୦( |
| ମହନ୍ତ ମହାବୀର ଦାସ ରାଜସୁନ୍ଦର ମଠ | ୫୦( |
| ବାବୁ ଲୋକନାଥ ମହାନ୍ତି ରଙ୍ଗଣ | ୫୦( |
| ବାବୁ ମାଧବଧର ଦାସ କଟକ | ୫୦( |
| ବାବୁ ଗଣେଶ ଉପାଧ୍ୟାୟ ଜଗନ୍ନାଥପୁର | ୫୦( |

Split by PDF Splitter
Digitized by srujanika@gmail.com

Split by PDF Splitter



# NOTICE.

Wanted a Forest Clerk on Rs. 25 per month. None need apply who has not passed the Entrance Examination and has not experince of office works. Applications will be received till the 25th instant.

Nayagarh State } The December 09 } — Sudersen Das for Superintendent, Nayagarh.

---

Wanted F. A. assistant master for the Maurbhanj H. E. school on Rs. 30 rising to Rs. 40. Experienced Oriya candidates should apply to the undersigned, stating age and qualifications, by the 3rd January 1910.

Baripada } 10–12–09 } — S. N. Chakravarti, Superintendent of Education, Maurbhanj State.

---

Wanted an experienced Mahat ( elephant driver ) for Ranpur State on a salary Rs. 12 ( twelve ) per month to train and treat newly caught elephants. None need apply who is not specially well versed with elephant treatment and is ignorant of whole things about them. Applications with testimonials will be received by the undersigned up to 31st December 09.

Ranpur Dist. Puri. Orissa 13–12–09 } — Rajah of Ranpur State.

---

# ନୂତନଗ୍ରନ୍ଥ ।

## ଚିକିତ୍ସାରତ୍ନ ।

( ଏଲୋପାଥି ଚିକିତ୍ସା—ବୃନ୍ଦାବନ ଚୌଧୁରୀ )

ଏପରି ଗ୍ରନ୍ଥ ବଙ୍ଗଳା ବା ଓଡ଼ିଆ ଭାଷାରେ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିଲା । ଏଥିରେ ଯାବତୀୟ ରୋଗର ଲକ୍ଷଣ ନିଦାନ, ଚିକିତ୍ସା ଏବଂ ବହୁପରୀକ୍ଷିତ ଔଷଧମାନ ସରଳ ଓ ସହଜଭାଷାରେ ଲିଖିତ ହୋଇଅଛି । ଏହାର ସାହାଯ୍ୟରେ ଅଥବା ଚିକିତ୍ସାଶାସ୍ତ୍ରରେ ଅନଭିଜ୍ଞ ବ୍ୟକ୍ତିଗଣ କଠିନ ରୋଗର ଚିକିତ୍ସାରେ ଏହି ପୁସ୍ତକରୁ ଯଥେଷ୍ଟ ସାହାଯ୍ୟ ପାଇ ପାରିବେ । ଏଥିରେ ସହଜ ପ୍ରାପ୍ୟ ଓ ସ୍ୱଳ୍ପ ମୂଲ୍ୟର ବହୁ-ପରୀକ୍ଷିତ ଔଷଧମାନ ସନ୍ନିବେଶିତ ହୋଇଥିବାରୁ ଏହାଦ୍ୱାରା ପ୍ରତ୍ୟେକ ଗୃହସ୍ଥଙ୍କର ଯଥେଷ୍ଟ ଉପକାର ସାଧିତ ହେବ । ଏହି ପୁସ୍ତକ ଥିଲେ ତାଙ୍କର ବୈଦ୍ୟ ଡାକିବାକୁ ହେବ ନାହିଁ । ସୁତରାଂ ଅର୍ଥବ୍ୟୟର ଯଥେଷ୍ଟ ଲାଘବ ହେବ । ଚିକିତ୍ସକ ନ ଥିବା ସ୍ଥାନରେ ସମୟ ବିଶେଷରେ ଏହି ପୁସ୍ତକରୁ ଏପରି ସାହାଯ୍ୟ ମିଳି ପାରିବ, ଯାହା ଅନ୍ୟ କୌଣସି ଉପାୟ କଲେ ମଧ୍ୟ ସମ୍ଭବ ହେବ ନାହିଁ । ଡାକ୍ତର, ଚିକିତ୍ସକ, ଧନୀ, ଦରିଦ୍ର ସମସ୍ତଙ୍କର ଏହି ପୁସ୍ତକ ଅତ୍ୟନ୍ତ ପ୍ରୟୋଜନୀୟ ଏବଂ ଉପକାରରେ ଆସିବ ବୋଲି । ମୂଲ୍ୟ ଏକଟଙ୍କା ମାତ୍ର । ।୦ । ମାଶୁଲ ୦ ଆନା ମାତ୍ର ।

ପ୍ରାପ୍ତି ସ୍ଥାନ କଟକର ସମସ୍ତ ପୁସ୍ତକ ଦୋକାନ ଓ ଶ୍ରୀ ଗୋପୀନାଥ ଦାସ ବକ୍ସିବଜାର ଅନୁମୋଦିତ ଔଷଧାଳୟ ବ ଦ୍ୱାରା ପୋ: ଚାନ୍ଦନୀଚୌକ—କଟକ

---

# ଭାରତ ଇନସିଓରେନ୍ସ କମ୍ପାନୀ, ଲେମିଟେଡ୍

ସ

ହେଡ ଅଫିସ—ଭାରତ ବିଲ୍ଡିଙ୍ଗସ୍, ଲାହୋର ।

( ଏ ଦେଶୀୟଙ୍କର ସ୍ୱଦେଶୀ ଅଫିସ )

ବ୍ରାଞ୍ଚ ଅଫିସ : ଲାହୋର, ରାୱଲପିଣ୍ଡି, ମଲ୍ଟାନ୍, କାନପୁର, ଅଜମିର, ଅହ୍ମଦାବାଦ ମାନ୍ଦ୍ରାଜ, ହାଇଦରାବାଦ, ଢାକା

ଚିଫ ଏଜେନସି : — କଲିକତା ଓ ବମ୍ବେ

ଚେୟାରମ୍ୟାନ :—ଅନରେବଲ ମିଷ୍ଟର ହରକିଷନ୍ ଲାଲ୍, ଓକିଲ, ଲାହୋର,

ବାର୍ଷିକ ଆୟ :—ଟ ୪୦,୦୦୦ ହଜାର ଉପ୍ଟ

ସାଧାରଣ ଦାନ, ବାଣିଜ୍ୟ, ବିବାହ ଓ ଶିକ୍ଷା, ପୁରସ୍କାର ଓ ପେନସନ୍ ଓ ଟଙ୍କା ବାବଦ ସୁଦ୍ଧା, ସ୍ୱାସ୍ଥ୍ୟପରୀକ୍ଷା ବିନା ଜୀବନର ବୀମା କରାଯାଏ ।

୧ ବୀମା କୌଣସି ପ୍ରକାରେ ନଷ୍ଟ ହୁଏ ନାହିଁ ।

୨ ଦେୟ ମୂଲ୍ୟ ସ୍ଥିର ଥାଏ ।

୩ ବୀମାକାରୀମାନେ କମ୍ପାନୀର ଲାଭରୁ ଅଂଶ ପାଇ ପାରନ୍ତି ।

୪ ଦାବୀ ଟଙ୍କା ନିଯୁକ୍ତ ସମୟରେ ଦିଆଯାଏ

୫ ସମସ୍ତ ପ୍ରକାର ସୁବିଧା ଦିଆଯାଏ

ଜାମିନ ସଙ୍ଗେ ରେଟ୍‌ର ସମାନ ଅନୁପାତ

ଭାରତର ସମସ୍ତ ପରୀକ୍ଷକମାନଙ୍କଦ୍ୱାରା ଏବଂ ପୃଷ୍ଠପୋଷିତ ବ୍ୟବସାୟିମାନଙ୍କ, ସର୍ବଦା ଉତ୍ସାହିତ କରାଯାଏ ।

ବିଶେଷ ବିବରଣ ଜାଣିବାକୁ ନିମ୍ନଲିଖିତ ଠିକଣାରେ ଆବେଦନ କର ।

ଲକ୍ଷ୍ମୀପତି ରାୟ ସାହି
ମେନେଜର

---

# NOTICE

## District Board, Cuttack.

Tenders are hereby invited for the execution of the undermentioned works and intending Contractors can obtain information respecting them from the office of the District Engineer. The tenders are for rates only without regard to quantity.

| No | Name of work. | | Items. | Unit of rate. |
|---|---|---|---|---|
| 1 | Cuttack Taldanda | Road | 55,720 | cft. |
| 2 | Jobra Pilgrim | ,, | 6000 | ,, |
| 3 | Taldanda cross | ,, | 700 | ,, |
| 4 | Kandalpur Machagan | ,, | 11,600 | ,, |
| 5 | Cuttack Chandbali | ,, | 26,980 | ,, |
| 6 | ,, Sonepur | ,, | 23,060 | ,, |
| 7 | Tanghi Haripur | ,, | 14,600 | ,, |
| 8 | Kendrapara Jajpur | ,, | 1,000 | ,, |
| 9 | Jajpur Pachikote | ,, | 29 000 | ,, |
| 10 | Chatia Mahanga | ,, | 4,000 | ,, |
| 11 | Jenapur Station | ,, | 4,000 | ,, |
| 12 | Cuttack main Station | ,, | 1,350 | ,, |
| 13 | Dhanmandal Station | ,, | 4,000 | ,, |
| 14 | Burchana Gonguti | ,, | 4 500 | ,, |
| 15 | Taldanda Canal bank | ,, | 5,000 | ,, |
| 16 | Vyassarobar Station | ,, | 17,000 | ,, |
| 17 | Tanghi Ghantimunda | ,, | 7,000 | ,, |
| 18 | Burchana Dhanmandal | ,, | 5,200 | ,, |
| 19 | Jajpur Station | ,, | 5,000 | ,, |
| 20 | Vassarobar Kuenjhar | ,, | 19,400 | ,, |
| 21 | Jenapur Hatibari | ,, | 2,500 | ,, |

### RULES.

1. All tenders which must be on Form No. 1 obtainable at this office ( price 0-1-0 each ) must be enclosed in sealed covers and on the outside the name of the work legibly written.

2. All tenders must specify the rates at which the intending contractor will execute the work.

3. Tenders will be received up to 18th December, 1909 4 P. M.

4. Tenders not in the proper Form above mentioned will be rejected.

5. The undersigned does not bind himself to accept the lowest or any tender.

Cuttack The 4th December 1909 } — Nagendra Nath Mitra, District Engineer, Cuttack.

---

# ହସ୍ତୀ ବିକ୍ରୟ ।

ଛୋଟ ବଡ଼ ସ ୨୨ ଭ ହସ୍ତୀ ବିକ୍ରୟ ଧରା ହୋଇଅଛନ୍ତି । ଦେ—ଶିରସ୍ତା ହସ୍ତୀ କେହି କିଣି କରିବାକୁ ଇଚ୍ଛା କଲେ ସୁଲଭ ମୂଲ୍ୟରେ ଦିଆ ଯାଇ ପାରିବ । ଯଦ୍ୟପି କେହି ଏହି କରିବାକୁ ଇଚ୍ଛା କରନ୍ତି ତେବେ ତାଙ୍କୁ ଅନୁରୋଧ ଯେ ସେ ପ୍ରଥମେ ଆପଣା ତରଫରୁ ଲୋକ ପଠାଇ ହସ୍ତୀ ଦେଖି ମୂଲ୍ୟ ସ୍ଥିର କରନ୍ତୁ । ୩।୧୨।୦୯

Rajah of Athmalik

Digitized by srujanika@gmail.com

ଓଡ଼ିଶାର ତେଜାଳ ସମୂହକୁ ଦାକ୍ତର ଖାନ ସହାଯେ ଜଳ ନେଇବା ଜଳର ଜଳକର ଅନ୍ୟାୟର କାରଣ ତା ୧୫ ରଖ ମଠରୁ ତା ୧ ରଖ ଜୁଲାଇକୁ ଦୂଷିତ ହେବାକୁ ମାନ୍ୟବର ଲର୍ଡ଼ଙ୍କର ପ୍ରସ୍ତାବ କରି ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି । ଏଥିର ଉତ୍ତର ଆପତ୍ତି ଥିଲେ ଜଣାଇବେ ।

---

ଗତ ମାସର ତା ୧୫ ରଖର ଝଡ ବର୍ଷାରେ ହୁଅଲକରେ ୭୯ ଇଞ୍ଚ, ବାଲେଶ୍ୱରରେ ପ୍ରାୟ ୫ ଇଞ୍ଚ, ଜଳଗାଁଥାନାରେ ୮୩ ଇଞ୍ଚ, ଗୋପାଳପୁରରେ ୩ ଇଞ୍ଚ ଏବଂ କଟକରେ ୬ ଇଞ୍ଚ ଜଳ ହୋଇଥିଲା । ଏହିଠାରୁ ଅନୁମାନ ବର୍ଷାକାଳର ଶେଷ ହେଲା । ଏଣିକି ଶୀତକାଳର ବୃଦ୍ଧି ହେବାର ଦେଖାଯିବ ।

---

ଗତ ତା ୪ ରଖରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୪୦୧୩ ମୃତ୍ୟୁ ହୋଇଥିଲା ଯେ ତହିଁ ମଧ୍ୟରେ ଅଧିକ ମୃତ୍ୟୁ ଯୁକ୍ତପ୍ରଦେଶରେ ୧୦୪୧, ପଞ୍ଜାବରେ ୭୦୧, ବମ୍ବେଇରେ ୬୨୭, ମଧ୍ୟପ୍ରଦେଶରେ ୪୩୧ ଓ ହାଇଦ୍ରାବାଦରେ ୨୪୮ ଥିଲା । ତହିଁ ପୂର୍ବ ସପ୍ତାହର ମୃତ୍ୟୁ ୩୭୩୪ ଥିଲା । ଅତଏବ ସାମାନ୍ୟ ବୃଦ୍ଧି ହୋଇଅଛି ମାତ୍ର ଶୀତକାଳରେ ରୋଗର ପ୍ରକୋପବୃଦ୍ଧିରେ ଏହା ଅଧିକ ନୁହେ ।

---

ଗଡ଼ଜାତମାନଙ୍କ ସମ୍ପର୍କରୁ ମଧ୍ୟପ୍ରଦେଶର ପ୍ରଧାନ କମିଶନର ସନ ୧୯୦୧ ସାଲର ତା ୧ ରଖ ଅଗଷ୍ଟର ନ ୩୮୧୫ ନମ୍ବର ବିଜ୍ଞାପନ ଅନୁସାରେ ଯେଉଁ ନିୟମାବଳୀ ପ୍ରସ୍ତୁତ କରିଅଛନ୍ତି ତାକୁ ସେତେବେଳେ ସ୍ୱୀକାର କରି ବଙ୍ଗେଶ୍ୱର ଲେଫ୍ଟେନାଣ୍ଟ ଗବର୍ଣ୍ଣର ତହିଁର ଏହିପରି ସଂଶୋଧନ କରିଅଛନ୍ତି ଯେ ଧାରା ୧ ର ଓ ଧାରା ୩୧ ରେ ଯେଉଁଠାରେ ପ୍ରଧାନ କମିଶନର ଲେଖା ଅଛି ସେଠାରେ ବଙ୍ଗର ରେଭିନ୍ୟୁବୋର୍ଡ ପଢ଼ିବାକୁ ହେବ ।

---

ଗତ ସୋମବାର ଦଣ୍ଡ ଶୁଦ୍ଧ ଦେଖା ନ ଯିବାରୁ ମୁସଲମାନମାନଙ୍କର ବକରିଦ ପର୍ବ ଚଳିତ ମାସ ତା ୧୪ ରଖ ମଙ୍ଗଳବାର ପଡ଼ୁଅଛି । ସୁତରାଂ ତା ୧୩ ରଖ ସୋମବାର ଯେ ସରକାରୀ ଛୁଟି ହେବାର ଥିଲା ତାହା ହେଲା ନାହିଁ । ଯାହାହେଉ ବଡ଼ଦିନ ଓ ଶେଷଦିନର ଛୁଟି ପରେ ଆଗାମୀ ଜାନୁୟାରୀ ମାସ ତା ୨ ରଖ ରବିବାର ପଡ଼ିବାରୁ ସ୍କୁଲ ଓ କଚେରୀମାନେ ଏକାବେଳକେ ଦଶଦିନ ଛୁଟି ପାଇବେ ।

---

ଚଳିତ ମାସ ଆରମ୍ଭରୁ ପୁରୀ ବଡ଼ ଅଖଡ଼ାରେ "ବୈଷ୍ଣବଧର୍ମ ଶିକ୍ଷା ବିଦ୍ୟାଳୟ" ସ୍ଥାପିତ ହୋଇଅଛି । ଏହି ପାଠଶାଳାରେ ସକଳ ସମ୍ପ୍ରଦାୟର ବୈଷ୍ଣବମାନେ ସଂସ୍କୃତ ବ୍ୟାକରଣ, ସାହିତ୍ୟ ଓ ଧର୍ମଶାସ୍ତ୍ର ପାଠ କରିବେ । ବର୍ତ୍ତମାନ ଏକଜଣ ଶିକ୍ଷକଦ୍ୱାରା ଅଧ୍ୟାପନା କାର୍ଯ୍ୟ ଚଳୁଅଛି । ଉଦ୍ଦେଶ୍ୟ ଅତି ମହତ, ବିଶେଷତଃ ପାଠାର୍ଥୀମାନେ ପୁସ୍ତକ ଭୋଜନ ଓ ବସ୍ତ୍ର ପାଇବା ସ୍ଥଳେ ବିଦ୍ୟାଳୟର ସ୍ଥାୟିତ୍ୱ ଓ ଉନ୍ନତିର ବିଶେଷ ଆଶା ହେଉଅଛି ।

---

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଗତ ବୁଧବାର ଅପରାହ୍ଣରେ ହାବଡ଼ା ରେଲଷ୍ଟେସନରେ ପହୁଞ୍ଚି ଯଥାସମ୍ମାନରେ ଅଭିନନ୍ଦିତ ହୋଇ ଲାଟ ଭବନରେ ଉପନୀତ ହୋଇଅଛନ୍ତି । ଦେଶୀୟମାନଙ୍କ ସହ ସେ ଦଳ ଦଳ ଗୌରବ ବଢ଼ିଲା । ମହାମାନ୍ୟ ମହୋଦୟ ମାନ୍ଦ୍ରାଜରୁ ଏହି ଉପଲକ୍ଷେ ଖାସ ରେଲଗାଡ଼ିରେ ସେହିଦିନ ପ୍ରତ୍ୟାଗମନରେ ବାହାରିଲେ । ରେଲବାଟ ଜଗିବାପାଇଁ ଅନେକ ଚୌକିଦାର ନିଯୁକ୍ତ ହୋଇଥିଲେ ।

---

ଓଡ଼ିଶା ଓ ଛୋଟନାଗପୁରର ଜମିଦାରଗଣ ମଧ୍ୟରୁ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟ ହେବା କାରଣ ରାଜା କନିକା ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୁର ମନୋନୀତ ହୋଇଥିବାର ଏଥିପୂର୍ବେ ଜଣାଇଅଛୁଁ । ଗତ ମଙ୍ଗଳବାର ଏଠା କମିଶନରୀ କଚେରୀରେ ଭାରପ୍ରାପ୍ତ କଲେକ୍ଟର ସାହେବଙ୍କ ସମ୍ମୁଖରେ ନିୟମାନୁସାରେ ଜମିଦାରଙ୍କ ଭୋଟ ଗଣନା ହୋଇ ଦେଖାଗଲା ଯେ କନିକାରାଜାଙ୍କ ପକ୍ଷରେ ୬୫ ଟା ଏବଂ ଅପର ପକ୍ଷରେ ୨ ଟା ଭୋଟ ହୋଇଅଛି । ସୁତରାଂ କନିକା ରାଜା ସଭ୍ୟ ହେବାର ସମ୍ଭବ ।

---

ଦରଭଙ୍ଗାରେ ଗତବର୍ଷ ଦୁର୍ଭିକ୍ଷପୀଡ଼ିତମାନଙ୍କୁ ଅନେକ ଅନାଥିନୀ ସରକାରଙ୍କ ପ୍ରତିପାଳନରେ ଥିଲେ ଓ ସେମାନଙ୍କୁ ଖ୍ରୀଷ୍ଟିୟ ଧର୍ମ ମିଶନରୀଙ୍କୁ ଅର୍ପଣ କରିବାର କଥା ହୋଇଥିଲା ମାତ୍ର ସେଠାର ହିନ୍ଦୁମାନେ ଆପତ୍ତି କରନ୍ତେ ମାନ୍ୟବର ବଙ୍ଗେଶ୍ୱର ସର ବେକର ବାହାଦୁର ହିନ୍ଦୁ ଅନାଥିନୀଙ୍କୁ ହିନ୍ଦୁମାନଙ୍କୁ ଅର୍ପଣ କରିବାକୁ ସ୍ୱୀକୃତ ହେବାରେ ମାନ୍ୟବର ମହୋଦୟଙ୍କୁ ଧନ୍ୟବାଦ ଦେବା କାରଣ ଗତ ଶନିବାର ବାଙ୍କିପୁରରେ ଏକ ସଭା ହୋଇଥିଲା । ଟିକାରୀର ମହାରାଜା ସଭାପତି ହୋଇଥିଲେ ଏବଂ ତ୍ରିଶହେ ହିନ୍ଦୁ ଓ ମୁସଲମାନ ନେତା ଓ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ମାନ୍ୟବର ମହୋଦୟଙ୍କୁ ଧନ୍ୟବାଦ ଦିଆଯାଇ କହାଗଲା ଆଗକୁ ଅନାଥ ହିନ୍ଦୁ ପିଲାଙ୍କ ସହାୟେ ସେହିପରି ଅନାଥ ପ୍ରତିପାଳନ କରିବାକୁ ଧାର୍ଯ୍ୟ ହୋଇଅଛି । ଓଡ଼ିଶା ସହାୟେ ଗୋଟିଏ ଅନାଥାଶ୍ରମ ସ୍ଥାପନ କରିବାର ଚେଷ୍ଟା କେବେ ହେବ ? ଏ ପ୍ରଦେଶରେ ଏତେ ଅନାଥପଲ୍ଲୀର ଦୁର୍ଦ୍ଦଶା କଥା ତାହାଙ୍କୁ ଅବଗତ ନାହିଁ ।

---

ଆମ୍ଭମାନଙ୍କର ସୁପରିଚିତ ଦେଶ ଶ୍ରୀ ମହୋଦୟଙ୍କ ଦ୍ୱିତୀୟ ପୁତ୍ର ଶ୍ରୀମାନ ସୁରେନ୍ଦ୍ରନାଥ ଗୁପ୍ତଙ୍କର ଶୁଭ ବିବାହ କଲିକତାରେ ପାଥୁରିଆଘାଟା ନିବାସୀଙ୍କର କନ୍ୟା କୁମାରୀ ଲେଭେଲ ଷ୍ଟ୍ରିଟ୍ ... ଚଳିତ ମାସ ତା ୪ ତାରିଖରେ ସମ୍ପନ୍ନ ହୋଇ ଯାଇଅଛି । ସୁରେନ୍ଦ୍ର ଗୁପ୍ତ ବୈଦ୍ୟୁତିକ ଶିଳ୍ପ ବିଦ୍ୟା ଶିକ୍ଷା କରିବା କାରଣ ସନ ୧୯୦୩ ମସୀହାରେ ଆମେରିକାକୁ ଯାଇଥିଲେ । ସେଠାରେ ଅବସ୍ଥାନ କରୁଥିବା ସମୟରେ ସେ ତାହା ମାତାଙ୍କ ଅନୁମତି ନେଇ ଜଳବର୍ଦ୍ଧ ସାହେବଙ୍କ ଉପଦେଶରେ କନ୍ୟାଙ୍କ ସହିତ ବିବାହ ପ୍ରସ୍ତାବ ହେବାରେ ସମ୍ବନ୍ଧ ସ୍ଥିର ହେଇ ଯାଇଥିଲା । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସୁରେନ୍ଦ୍ର ଭାରତକୁ ଫେରିଆସି କାଶୀର ସହାୟେ ବୈଦ୍ୟୁତିକ ଶିକ୍ଷାସ୍ଥଳର କାର୍ଯ୍ୟ କରୁଅଛନ୍ତି । ତାଙ୍କ ପିତା ଦେଶ ଗୁପ୍ତ ମହୋଦୟ କଲିକତାକୁ ଆସିଲେବେଳେ ପୁତ୍ରବଧୂଙ୍କୁ ସଙ୍ଗେ ଘେନି ଆସିଥିଲେ । ପାଶ୍ଚାତ୍ୟ ରମଣୀଙ୍କ ସହିତ ଭାରତବାସୀର ବିବାହ ନୂତନ କଥା ନୁହେ । ଉତ୍କଳର ପାଠକମାନେ ଅର୍ଦ୍ଧଶତ ଲୋକଙ୍କ ଦ୍ୱାରା ଏପରି ବିବାହ ହେବା କଥା ଜାଣନ୍ତି । ଆମ୍ଭେମାନେ ନବଦମ୍ପତିଙ୍କର ସୁଖମୟ ଦୀର୍ଘଜୀବନ କାମନା କରୁଅଛୁଁ ।

---

ପୁରୀ ଗୋବର୍ଦ୍ଧନ ମଠାଧୀଶ୍ୱର ପୂଜ୍ୟପାଦ ଶ୍ରୀ ମଧୁସୂଦନ ତୀର୍ଥ ସ୍ୱାମୀ ମହାରାଜ ତାହାଙ୍କୁ ବହୁଦିନ ରହି ବର୍ଷ, ସମସ୍ତଙ୍କୁ ଚୌକିଦାର ସଙ୍ଗେ ଘେନି ୮।୧୦ ଦିନ ହେଲା ଗୋବର୍ଦ୍ଧନ ମଠରୁ କେଉଁଆଡ଼େ ଚାଲି ଯାଇଅଛନ୍ତି । ବହୁ ଦିନପୂର୍ବରୁ ସ୍ୱାମୀଜୀ ତାହାଙ୍କର ପ୍ରଧାନ ଶିଷ୍ୟ ସ୍ୱାମୀ ବ୍ରହ୍ମସ୍ୱରୂପ ଶ୍ରୀ ଜଗନ୍ନାଥ ତୀର୍ଥ ସ୍ୱାମୀଙ୍କୁ ଉପଦେଶରୁ ଉଠାଇ ଆଣିଥିଲେ ଏବଂ ଏହା ପତ୍ର ଲେଖି ରଖିଦେଇଥିବାର ପରଦିନ ଦେଖାଗଲା । ପତ୍ରର ମର୍ମ ଏହି ଯେ ବହୁ ଦିନରୁ ତାହାଙ୍କର ସନ୍ନ୍ୟାସୀ ହୋଇ ଯିବାର ବାସନା ଥିଲା । ବର୍ତ୍ତମାନ ଉକ୍ତ ଶିଷ୍ୟଙ୍କଠାରେ କାର୍ଯ୍ୟଭାର

Split by PDF Splitter
Digitized by srujanika@gmail.com

ଅପଣ କର ମଠରୁ ଅନ୍ତର୍ହିତ ହୋଇ ଅପଣାର ଅଭିଳଷିତ ସ୍ଥାନକୁ ଗମନ କରୁଅଛନ୍ତି । ଯଥା-ନିୟମରେ ମଠର ଚାର୍ଜ ଦିଆଯିବା ଏବଂ ତାହାଙ୍କର ଅନୁସନ୍ଧାନ କରିବା ଦଣ୍ଡ ମଧ୍ୟ ପଶ୍ଚାତରେ ଦେଖାଯାଉ । ଶ୍ରୀ ଜଗନ୍ନାଥ ମଠ ମହନ୍ତ ଦାମୋଦର ଦାସଙ୍କର ଉତ୍ତରାଧିକାରୀ ଏବଂ ଅସାଧାରଣ ପଣ୍ଡିତ ଓ ପ୍ରକୃତ ସନ୍ନ୍ୟାସ ଧର୍ମାନୁରାଗୀ ଥିଲେ ତାହାଙ୍କର ସହସା ଅନ୍ତର୍ଦ୍ଧାନରେ ପୁରୀର ଜନସାଧାରଣ ବିଶେଷତଃ ଯାବତୀୟ ବ୍ରାହ୍ମଣ ପଣ୍ଡିତମଣ୍ଡଳୀ ଦୁଃଖିତ ଅଛନ୍ତି ।

---

କାପିଟାଲ ଭାରତ ବ୍ୟବସାୟ ସମ୍ବନ୍ଧୀୟ ପତ୍ରିକାରେ 'ମାର୍ଷ' ପ୍ରକାଶ କରୁଅଛନ୍ତି ଯେ ଅଳ୍ପଦିନରେ ଯେ ମୃଣ୍ମୟର ବ୍ୟବସାୟ ବୃଦ୍ଧି ସ୍ୱଦେଶୀ ଶିଳ୍ପ ଉନ୍ନତି କରିବା ଯେଉଁ ଉପଦେଶ ଦେଇଥିଲେ ତାହା ସେସମୟରେ ଲୋକେ ଉପହାସ କରି ଉଡ଼ାଇ ଦେଲେ । ମାତ୍ର ଏହା କଲିକତାରେ ଯେତେ ମୃଣା ଅଛନ୍ତି ତଦ୍ୱାରା ଗୋଟିଏ ଶିଳ୍ପ ନୂତ ସହଜରେ ହୋଇ ପାରେ । ବର୍ତ୍ତମାନ ମଣ୍ଡୋଦର ପଦାର୍ଥ ପ୍ରସ୍ତୁତ କରିବାରେ ମୃଣ୍ଡେକର୍ଡ଼ ଜଙ୍ଗଲ ପରିମାଣରେ ବ୍ୟବହୃତ ହେଉଅଛୁ ଏବଂ ଏହା କଲିକତାରେ ଗତବର୍ଷ ମୃଣା ଭମର ଦ୍ରବ୍ୟ ସାର୍କ ୪ ଲକ୍ଷ ଟଙ୍କାର ବିକ୍ରୟ ହୋଇଥିଲା । କଲିକତାର ଏକ ସମ୍ପାଦକ ଲେଖିଅଛନ୍ତି ଯେ କଲିକତାରେ ଅସଂଖ୍ୟ ମୃଣା ଥିବାରୁ ସେଠାରେ ମୃଣତାର କାରଖାନା ସ୍ଥାପନରୁ ଯେ ଉପାୟରେ । ଏହା କହି 'ମାର୍ଷ' ପଚାରୁଅଛନ୍ତି ଯେ ସ୍ୱଦେଶୀପ୍ରିୟ ଭାରତବାସୀମାନେ ଏ ବ୍ୟବସାୟର ହାତ ଦେବେ କି ନା ବିଦେଶୀୟମାନେ ଏଥିର ବ୍ୟବସାୟ କରି ଭାରତରୁ ଧନ ନେଇଯିବେ? ଆମ୍ଭେମାନେ ହିତ ସ୍ୱଦେଶୀପ୍ରିୟ ଲୋକମାନଙ୍କୁ ଏ ବିଷୟ ପ୍ରତିଷ୍ଠାରେ ଉତ୍ସାହିତ ହେବା କାରଣ ଅନୁରୋଧ କରୁଅଛୁ ।

---

ତୁରସ୍କର ଶାସନାଧୀନ ଅରବ ରାଜ୍ୟରୁ ଦାସତ୍ୱ ପ୍ରଥା ଉଠାଇଦେବାର ଘୋଷଣାପତ୍ର ହେଯାଜର ଶାସନକର୍ତ୍ତା ପଣ୍ଡିତପାଶା ମହାଶୟ ପ୍ରଚାର କରି ଯେଉଁମାନେ ଦାସ ରଖିଅଛନ୍ତି ସେମାନେ ବିନା, କ୍ଷତିପୂରଣ ଦାବିରେ ଅପଣା ଦାସ ଛାଡ଼ିଦେବ, କାରଣ ଏ ଆଦେଶ ହେବାରୁ ଅରବର ଲୋକମାନେ ଉତ୍ତେଜିତ ହୋଇ ପଣ୍ଡିତପାଶାଙ୍କୁ ସେ ଆଦେଶ ରହିତ କରିବାକାରଣ ପ୍ରାର୍ଥନା କଲେ । ପାଶାମହାଶୟ ଆଦେଶ ଦେଲେ ଯେ ଯେଉଁ ବ୍ୟକ୍ତି ଉକ୍ତ ଆଦେଶ ନ ମାନିବ ସେ ଦଣ୍ଡନୀୟ ହେବ । ଏଣୁ ଅରବର ଲୋକେ ଅନନ୍ୟୋପାୟ ହୋଇ ଜେଦା ଓ ମକ୍କା ମଦୀନା ପ୍ରାନ୍ତରେ ବାସ କରୁଥିବା ଯାତ୍ରୀମାନଙ୍କଠାରୁ ଦ୍ରବ୍ୟ ଲୁଟିନେବା ଏବଂ ସେମାନଙ୍କୁ ଖାଦ୍ୟ ଓ ପାନୀୟ ନ ଯୋଗାଇବାରେ ଲାଗି ଅଛନ୍ତି । ଏ ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସେମାନେ ଯାତ୍ରୀଙ୍କଠାରୁ ଲୁଟି ନେଇଅଛନ୍ତି ଏବଂ ଅନେକେ କ୍ଷୁଧା ଓ ତୃଷାରେ କାଳକବଳରେ ପଡ଼ିଅଛନ୍ତି । କୌଣସି ଗୋଟିଏ ନୂତନ ସଂସ୍କାର କରିବାରୁ ଗଲେ ବାଧା ବିଘ୍ନ ଉପସ୍ଥିତହେବା ଅପରିହାର୍ଯ୍ୟ । ଅମ୍ଭମାନଙ୍କର ଦୃଢ଼ ବିଶ୍ୱାସ ପାଶାମହୋଦୟ ଏଥିରେ ନ ହଟି ଆପଣାର ଆଦେଶକୁ ସ୍ଥିର ରଖି ଦୁଷ୍ଟଲୋକଙ୍କୁ ଉପଯୁକ୍ତ ଶାସ୍ତି ଦେବାରେ ପଶ୍ଚାତ୍ପଦ ହେବେନାହିଁ ।

---

ମଧ୍ୟ କଲିକତା ଓ ମୋଫସଲରେ ବହୁ ଔଷଧ ବ୍ୟବସାୟୀ ଏମ୍ ବି, ଏଲ ଏମ୍ ଏସ୍, ଏମ୍ ଡି ପ୍ରଭୃତି ଉପାଧି ବ୍ୟବହାର କରୁଥିବା ପ୍ରସଙ୍ଗରେ କଲିକତା ଉନିଭରସିଟିର ଉପାଧିଧାରୀ କେତେଜଣ ଡାକ୍ତର ସ୍ୱନାମଖ୍ୟାତ ସେନେଟର ମାନ୍ୟବର ଡାକ୍ତର ଅଶୁତୋଷ ମୁଖୋପାଧ୍ୟାୟଙ୍କ ସହିତ ସାକ୍ଷାତ୍ କରିଥିଲେ । ମୁଖୋପାଧ୍ୟାୟ ମହାଶୟ କହିଲେ କୌଣସି ଉନିଭରସିଟିର କୌଣସି ଉପାଧି ଆଇନଦ୍ୱାରା ସୁରକ୍ଷିତ ନୁହେ । ଯେ କେହି ସେ ସବୁ ଉପାଧି ବ୍ୟବହାର କରି ପାରନ୍ତି; ଉନିଭରସିଟିର କର୍ତ୍ତୃପକ୍ଷମାନେ ଏ ବିଷୟରେ ବନ୍ଦ କରିପାରିବେ ନାହିଁ । କେବଳ ଦେଶର ଲୋକେ ଯେବେ ଉପାଧି ରକ୍ଷାର୍ଥ ନୂତନ ଆଇନ ସଭାରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାନ୍ତି ଓ ଗବର୍ଣ୍ଣମେଣ୍ଟ ଯେବେ ସେହି ଆଇନର ଉପଯୋଗିତା ବୁଝନ୍ତି ତାହାହେଲେ ଆଇନ ହୋଇପାରେ । ଆମ୍ଭମାନେ ଦୁଃଖର ସହିତ ଏ କଥା ପାଠ କରି କ୍ଷୁବ୍ଧ ହୋଇଅଛୁଁ । ଉପାଧିର ମୂଲ୍ୟ କମାଇବା ଯେତେ ଭଣ୍ଡ ଦୁଏ କେତେ କଲ । ଉପାଧିର ମୂଲ୍ୟ ହେବାରେ ମନୁଷ୍ୟତାର ମୂଲ୍ୟ କମି ଯାଉଅଛି । ଯେ ସେ ଉପାଧି ବ୍ୟବହାର କଲେ ତାହିଁରେ ନେଞ୍ଛି ତାହିଁ ବୋଲି ଜନେ କେତେ ବୁଝିପାରିବେ ଏବଂ ଗୁଣକୁ ଖୋଜନ୍ତେ ।

---

ସନ ୧୯୦୮।୦୯ ସାଲରେ ଓଡ଼ିଶା ବନ୍ଦର ସମୂହର ଆୟ ୮୭୯୨୭୩।୬ ଓ ତହିଁ ପୂର୍ବ ବର୍ଷର ଆୟ ୮୬୫୧୮। ଥିଲା । ପୂର୍ବବର୍ଷର ଆୟଠାରୁ ଏ ବର୍ଷ ବନ୍ଦରରେ ଟ ୧୬୦୧୧ ଟଙ୍କା ଉଣା ମାତ୍ର ପଣ୍ଡରେ ଟ ୧୧୫୪୯ ଟଙ୍କା ବୃଦ୍ଧି ହୋଇଥିଲା । ଫସଲ ଲୋକସାନ ହେତୁ ଶସ୍ୟର ରପ୍ତାନି ଉଣା ପଡ଼ିବା କାରଣରୁ ଆୟରେ ତ୍ରୁଟି ପଡ଼ିଅଛି । ରଙ୍ଗୁନ ଓ ପୁରୀ ମଧ୍ୟରେ ବ୍ରିଟିଶ ଇଣ୍ଡିଆ ଷ୍ଟିମନେଭିଗେସନ କମ୍ପାନି ନିୟମିତ ରୂପେ ସାପ୍ତାହିକ ଜାହାଜ ଚଳାଇବା ପୁରୀରେ ଆୟ ବୃଦ୍ଧିର କାରଣ ଅଟେ । ପୂର୍ବବର୍ଷର ମୋଟ ବ୍ୟୟ ୮୧୬୬୫୬।୬ରୁ ଏ ବର୍ଷର ବ୍ୟୟ ୮୧୬୪୩୨।୬ ହୋଇଥିଲା । ଆୟରୁ ବ୍ୟୟ ଅଧିକ ହେବାହେତୁ ପ୍ରାଦେଶିକ ରାଜସ୍ୱରୁ ସରକାର ଟ ୧୧୪୯୫୮ ଭରଣା କରୁଅଛନ୍ତି । ଓଡ଼ିଶା ବନ୍ଦର ପାଣ୍ଠିର ଅର୍ଥାତ୍ ଅବସ୍ଥା ଅର୍ଥାତ୍ ଆୟବ୍ୟୟର ସମତା ରକ୍ଷାପ୍ରସଙ୍ଗ ଗବର୍ଣ୍ଣମେଣ୍ଟ ବିଚାର କରୁଅଛନ୍ତି । ଗତବର୍ଷର ବାଣିଜ୍ୟର ମୂଲ୍ୟ ୫୪ ଲକ୍ଷରୁ ଏ ବର୍ଷର ମୂଲ୍ୟ ପ୍ରାୟ ୬୦ ଲକ୍ଷ ହୋଇଥିଲା । ମାତ୍ର ଖାଦ୍ୟର ଦୁର୍ମୂଲ୍ୟତା ହେତୁ ବ୍ରହ୍ମରୁ ଅନେକ ଚାଉଳ ଓଡ଼ିଶାକୁ ଆସିଲା ଓ ବର୍ଷର ଶେଷଭାଗରେ ବାଲେଶ୍ୱରରୁ ବହୁ ଚାଉଳ ନିୟମିତ ଚଳାଚଳ ହେଉଥିବା ଜାହାଜ ଯୋଗେ ଅନ୍ୟତ୍ରକୁ ଯିବା ହେତୁ ବାଣିଜ୍ୟର ମୂଲ୍ୟ ବଢ଼ିଅଛି ମାତ୍ର ଜାହାଜ ମାସୁଲର ଆୟ ବଢ଼ି ନାହିଁ ।

---

ବାବୁ ଗୋକୁଳାନନ୍ଦ ଚୌଧୁରୀ ଓଡ଼ିଶା ଡିଷ୍ଟ୍ରିକ୍ଟ ବୋର୍ଡ଼ ସଂପୃକ୍ତ ସଦସ୍ୟ ନିର୍ବାଚନ ବିଷୟରେ ଖଣ୍ଡିଏ ଇଂରାଜୀ ଛପା ବର୍ଣ୍ଣନାପତ୍ର ବାହାର କରି ତାହା ଏ ପତ୍ରିକାରେ ପ୍ରକାଶ କରିବା କାରଣ ଅନୁରୋଧ କରିଅଛନ୍ତି । ମାତ୍ର ଲେଖାଟି ଅତ୍ୟନ୍ତ ଦୀର୍ଘ ଏବଂ ଏହି ସମ୍ବାଦ ପୂର୍ବରୁ ଯଥେଷ୍ଟ ପରିମାଣରେ ବକ୍ତୃତାଦ୍ୱାରା ସାଧାରଣରେ ପ୍ରଚାର ହୋଇଥିବା ସ୍ଥଳେ ତାହାଙ୍କ ଅନୁରୋଧ ରକ୍ଷା କରିବା ଉଚିତ୍ ଅବଶ୍ୟକ ବୋଧ କରୁ ନାହୁଁ ବିଶେଷତଃ ନିର୍ବାଚନ ଶେଷ ହୋଇଅଛି ଓ ସେ ସମ୍ବନ୍ଧରେ ପୁନର୍ବାର କଥା କହୁନାହିଁ ବର୍ଣ୍ଣନାପତ୍ରର ସାର ମର୍ମ ଏହି ଯେ ମଧୁବାବୁ ତାହାଙ୍କୁ ସଦସ୍ୟ-ପଦ ପ୍ରାର୍ଥୀ ହେବା କାରଣ ଉତ୍ସାହ ଦେଇ ଯଥାସାଧ୍ୟ ସାହାଯ୍ୟ କରିବାକୁ ପ୍ରତିଶ୍ରୁତ ହୋଇ ପରିଶେଷରେ ଅପର ପ୍ରାର୍ଥୀ ହୋଇ ଅନ୍ୟାୟ କରିଅଛନ୍ତି । ଏଥିରୁ ଆମ୍ଭେମାନେ ଅନ୍ୟ ପ୍ରକାରରେ ଦେଖୁଅଛୁଁ ଯେ ଚୌଧୁରୀଙ୍କ ପ୍ରାର୍ଥିତାରେ କେତେକ ଲୋକର ମତ ନ ମିଳିବାରେ ମଧୁବାବୁଙ୍କୁ ଛିଡ଼ା କଲେ ଏବଂ ଅଧିକାଂଶ ଲୋକ ମଧୁବାବୁଙ୍କ ଯୋଗ୍ୟତାର ଜାଣି ତାଙ୍କ ସପକ୍ଷେ ମତ ଦେଲେ । ସଦସ୍ୟପଦ ହେବା ମଧୁବାବୁଙ୍କର ଦାବିର କଥା ନୁହେ ଏବଂ ନିର୍ବାଚକମାନେ ଏତେ ମୂର୍ଖ ନୁହନ୍ତି ଯେ ମଧୁବାବୁଙ୍କ ଯୋଗ୍ୟ ହୋଇ ମାନିଲେ ସୁଦ୍ଧା ସେ ଯାହାପାଇଁ କହିବେ ତାହାପାଇଁ ମତ ଦେବେ । ପୁଣି ମଧୁବାବୁ ପାଞ୍ଚ ଜଣର ଅନୁରୋଧରେ ଛିଡ଼ା ହୋଇ ନ ଥିଲେ -ଗୋକୁଳାନନ୍ଦ ବାବୁ ନିଶ୍ଚୟ କୃତକାର୍ଯ୍ୟ ହୋଇ,

Split by PDF Splitter
Digitized by srujanika@gmail.com

ଆମ୍ଭେ ବୋଲି ସେ କରୁଛେ ନାହିଁକି ? ଅତ ଏବ ତାହାଙ୍କର ଲେଖା ଯୁକ୍ତି ବା ଯୁକ୍ତିସଙ୍ଗତ ବୋଧ ହେଉ ନାହିଁ ।

-୦✳୦-

ବାଲେଶ୍ୱର ଆଦାଲତ ପ୍ରସ୍ତାବିତ ଡାକ୍ତରଖାନା ସମ୍ପୂର୍ଣ୍ଣ ଭାବରେ ସ୍ଥାପିତ ହେବା ପ୍ରସଙ୍ଗରେ ଜଣେ ପତ୍ରପ୍ରେରକ ଏତ ସାହେବ ଲେଖିଅଛନ୍ତି ଯେ ଉକ୍ତ ସ୍ଥାନ ଯୋଗାଇ ପାରିଲେ ନାହିଁ । ତାହାଙ୍କର କଥା ଏହି କି ସୁନ୍ଦରା ଅଞ୍ଚଳ ଧୋୟା ସ୍ୱତନ୍ତ୍ର ଅସ୍ୱାସ୍ଥ୍ୟକର ଲୋକଙ୍କ ଅବସ୍ଥା ମନ୍ଦ ଏବଂ ସଡ଼କ ବାଟର ଅଭାବ ହେତୁ ଡାକ୍ତରଖାନାର ଉଚିତ ସ୍ଥାନ । ବାଲେଶ୍ୱର ସ୍ୱାସ୍ଥ୍ୟକର ଓ ସେ ଅଞ୍ଚଳରେ ଏପରି ଧନୀ ଅଛନ୍ତି ଯେଉଁମାନେ ଅନାୟାସରେ ଡାକ୍ତରଖାନା କରି ପାରନ୍ତି । ଏ ଯୁକ୍ତି ଆମ୍ଭେମାନେ ଅନୁମୋଦନ କରି ନ ପାରି ଦୁଃଖିତ ହେଲୁଁ । ସ୍ଥାନ ବିଶେଷରେ କୌଣସି ସ୍ଥାନରେ କୌଣସି ସମୟରେ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ହେଲେ ସେଠାକୁ ସତର ଡାକ୍ତର ପଠାଇବାର ବ୍ୟବସ୍ଥା ଅଛି । ଯଦି ଅଞ୍ଚଳ ସମ୍ବନ୍ଧରେ ଏହା କୁହାଯାଇ ଅଛି ସେଠାରେ ଅତ୍ୟାଦ୍ୟ ସ୍ଥାନପ୍ରତି ରୋଗବିଶେଷର ଅଧିକ ପ୍ରଭାବ ଥିବାର ନଥି ପ୍ରମାଣ ନାହିଁ । ବାଟର ଅସୁବିଧା ଥିଲେ ବୋଡ଼ ମନେ କଲେ ସହଜରେ ଦୂର ହୋଇ ପାରନ୍ତି । ଅପ୍ରଶସ୍ତ ସ୍ଥାନରେ ସାଧାରଣ ଡାକ୍ତରଖାନା ସ୍ଥାୟୀରୂପେ ବସାଇବା ପ୍ରତି ସେ ସମସ୍ତ ଯୁକ୍ତି କାର୍ଯ୍ୟକର ନୁହେ । ସାଧାରଣ ଲୋକଙ୍କ ସୁବିଧା ହେବା ଡାକ୍ତରଖାନା ଏମନ୍ତ ସ୍ଥାନରେ ହେବା ଉଚିତ ଯେଉଁଠାରେ ଅଧିକାଂଶ ଲୋକ ଚିକିତ୍ସା ଏବଂ ଅନ୍ୟାନ୍ୟ ଉପ-ସାଧାରଣ ସହଜରେ ପହଞ୍ଚି ପାରିବେ ଏବଂ ଲୋକଙ୍କର ଅସୁବିଧା ହେବ ନାହିଁ । ବାଲେଶ୍ୱର ସ୍ୱାସ୍ଥ୍ୟକର ସ୍ଥାନ ବଡ଼ ସଡ଼କ ଓ ବଡ଼ ହାଟର ସେଠାରେ ଅଛି ଯଥେଷ୍ଟ ବହୁ ଲୋକର ସମାଗମ ଲାଗିଅଛି । ତେଣୁ ତାହାକୁ ଯେବେ ସକଳ ବିଷୟର ନ କରି ସମ୍ପୂର୍ଣ୍ଣ ଭାବରେ ଡାକ୍ତରଖାନା ବସାଇବାର କଥା ହେବ ତେବେ ଉକ୍ତ ବଲ ତାହାର ? ମାତ୍ର ତାହା ସ୍ୱତନ୍ତ୍ର ହେବ ନାହିଁ । ମାତ୍ର ସେ ବିଷୟ ସ୍ୱରୂପେ ବହୁ ବିବେଚନା କରି ତାହାନ୍ତି ଏବଂ ଆମ୍ଭମାନଙ୍କର ଆଶା ଅଛି ଯେ ଏସ ଧୀରଭାବରେ ବିଷୟ କରି ଆମର ସଦନୁଷ୍ଠାନ ଅର୍ଥାତ୍ ବାଲେଶ୍ୱରରେ ବୋର୍ଡ଼ର ଡାକ୍ତରଖାନା ସ୍ଥାପନ କରିବେ ।

-✳-

ଲାଟକୌନ୍ସିଲ୍‌କୁ ସଦସ୍ୟ ନିର୍ବାଚନ ।

ବ୍ୟବସ୍ଥାପକ ସଭାସମୂହର ନୂତନ ସଂସ୍କାର ବିଷୟକ ନିୟମାବଳୀ ପ୍ରଚଳିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ଲୋକାଲବୋର୍ଡ଼ ସମୂହ ଏଥର ବଙ୍ଗୀୟ ବ୍ୟବସ୍ଥାପକ ସଭା ସକାଶେ ଜଣେ ସଦସ୍ୟ ନିର୍ବାଚନ କରିବାର ଦେଖି ପ୍ରଥମେ ବାବୁ ଜାନକୀନାଥ ବୋଷ ଓ ତାଙ୍କ ପରେ ବାବୁ ଗୋପାଳଚନ୍ଦ୍ର କୌଣସି ପ୍ରାର୍ଥୀ ହେବାର ପ୍ରକାଶ କଲେ । ଏହି ଦୁଇଜଣ ମୁଣ୍ଡବ୍ୟକ୍ତି ହୋଇ ନିଜ ନିଜ ସପକ୍ଷରେ ଭୋଟ ସଂଗ୍ରହ କରିବାର ଚେଷ୍ଟାରେ ପ୍ରବୃତ୍ତ ହେଲେ । ଏହି ସମୟକୁ ଏ ନଗରରେ ଆନ୍ଦୋଳନ ଆରମ୍ଭ ହେଲା । କ୍ରମେ ବାବୁ ଗଙ୍ଗାଧର ଦାସ ଓ ଶ୍ରୀଯୁକ୍ତ ମଧୁସୂଦନ ଦାସ ସି. ଆଇ. ଇ. ପ୍ରାର୍ଥୀ ମନୋନୀତ ହୁଅନ୍ତେ ଆନ୍ଦୋଳନ ଅଧିକ ହୋଇ ଉଠିଲା । ଏଥିରେ ଯେତେ କଳହ, ଦଳାଦଳି, ଦ୍ୱେଷ ଦ୍ୱେଷ, ଖୋସାମଦ, ଅନୁରୋଧ, ଉପରୋଧ, ଅଭିଯୋଗ, ମନ୍ତ୍ରଣା, ଜଳ୍ପନା, କଳ୍ପନା ଇତ୍ୟାଦି ଯେତେ ଅଦ୍ଭୁତ ଦେଖାଗଲା ତାହା କହିଲେ ନ ସରେ । ସମଗ୍ର ଓଡ଼ିଶା ଭାଗ୍ୟକୁ ଗୋଟିଏ ବନ୍ଧନରେ ଚିଠିଅଛି ନ ସହିଲେ ତନ୍ତ ନ ମିଳୁ ଓ ତାହାକୁ ଜଣେ ଶରଣ ହେଉ ପଛେ ଭୋଟ ଗଣନା ଦରବାରରେ ବସିବାକୁ ହେବ ଏ ସୁଯୋଗଟା କି ସହଜେ ଛାଡ଼ିହୁଏ ? ସମ୍ମାନ ସକାଶେ କ୍ଷମତା ଦେଖାଇବା ଅଯୋଗ୍ୟ ନୁହେ । ବୋଧ ହୁଏ ଏହିପରି ବହୁ ଭାବ ଭାବିଥିବାରୁ ଭୋଟ ପାଇବାର ଚେଷ୍ଟା ହେଲା ଏବଂ ସେଥି-ସାଙ୍ଗ ସ୍ୱାର୍ଥ ଓ ଅନ୍ୟାନ୍ୟ ସଙ୍ଗେ ବିବାଦ ମଧ୍ୟ ହୋଇଗଲା । ଏ ଦାଣ୍ଡ ଏଥେକୁ ବଢ଼ିଗଲା ଯେ ସଦସ୍ୟ ଲେଖିବାର ଗବର୍ଣ୍ଣମେଣ୍ଟର ମୂଳ ଉଦ୍ଦେଶ୍ୟ ଯଥା ତାହା ଶାସିତ ବର୍ଗର ଯୋଗ୍ୟ ଲୋକଙ୍କ ପରାମର୍ଶରେ ଦେଶ ଶାସନର ବ୍ୟବସ୍ଥା କରିବାଟା ବନ୍ଦ ହୋଇ ନିଜର ସ୍ୱାର୍ଥ ବା ସମ୍ମାନ ପ୍ରଧାନ ହେଲା । ଏ କଥା ଓଡ଼ିଶାର ସମସ୍ତ ଶ୍ରେଣୀର ଲୋକ ବା ସମସ୍ତ ସ୍ଥାନ ପ୍ରତି ପ୍ରଯୋଜ୍ୟ ଏପରି ଆମ୍ଭେମାନେ କହୁ ନାହୁଁ । ବାସ୍ତବରେ ଶିକ୍ଷିତସମାଜ ଛଡ଼ା ଦେଶର ଅପର ଜନସାଧାରଣ ସଦସ୍ୟ ନିର୍ବାଚନ ତଥା ଭୋଟବାର ସୁବିଧା କୌଣସି ବିଷୟରେ ପରୀକ୍ଷା ହୋଇ ନାହିଁ । ସକଳସ୍ଥାନର ଶିକ୍ଷିତ ସମାଜ ମଧ୍ୟ ସେତେ ବ୍ୟସ୍ତ ହୋଇ ନାହାନ୍ତି । କେବଳ ଏ ନଗରରେ ଅନ୍ୟମାନେ ଦୁଇଜଣ ପଦ ପ୍ରାର୍ଥୀଙ୍କ କଥା ଯେଉଁପରି ଦମ୍ଭକୁ ହେଲେ ଲୋକଙ୍କୁ ଟାଣିବାରେ ଦୁଇଦଳ ଘୋର ପ୍ରତିଦ୍ୱନ୍ଦ୍ୱିତା କଲେ । ପରେ ଉଭୟଙ୍କ ଯୋଗ୍ୟତାରେ ଭେଦରେ ଶିକ୍ଷିତଲୋକର ମତ ନ ମାନିବାରୁ ସେମାନେ କଟକର ସର୍ବାପେକ୍ଷା ଯୋଗ୍ୟବ୍ୟକ୍ତି ସେହି ଅପର ଦାସ ସକାଶେ ଚେଷ୍ଟା କଲେ । ଏହିପରି ଉଭୟଦଳର ଝଗଡ଼ା-ଝାଟିରେ ଦୁହେଁ ବ୍ୟାପାର ହୋଇଗଲା । ଅନ୍ୟ ଲୋକମାନେ କୌତୁକ ଦେଖିବାରେ ମତ୍ତ ହେଲେ । ପରିଶେଷରେ ଗତ ସୋମବାର ଲୋକାଲ-ବୋର୍ଡ଼ ପ୍ରତିନିଧିମାନଙ୍କର ମତ ଦେବା ଲାଗି ତାରିଖ ଉପସ୍ଥିତ ହେଲା ଓ ମଫସଲର ପ୍ରତିନିଧିମାନେ ଯଥାସମୟରେ କମିଶନର୍ ଦପ୍ତରରେ ପହଞ୍ଚି ସାହେବ ମହୋଦୟ ଉପସ୍ଥିତ ନ ଥିବା ହେତୁ ତାହାଙ୍କ ପ୍ରଦତ୍ତ କ୍ଷମତା ଅନୁସାରେ ଜଣ୍ଟ ମାଜି-ଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ ହୋଇ ଯେଯାହା ପକ୍ଷରେ ଯଥାବିଧିରେ ଭୋଟ ଲେଖି ଦେଇ ଚାଲିଗଲେ । ସେମାନେ ଯେମନ୍ତ ଭୋଟ ଦେବା ପୂର୍ବେ ତେମନ୍ତ ପରେ ସେ କଥା ପ୍ରକାଶ ନ କରି ନିଜର ସ୍ୱାଧୀନତା ସମ୍ପୂର୍ଣ୍ଣ ଦେଖାଇଲେ । ଏଥିରେ ପାର୍ଟୀ ଓ ପକ୍ଷୀୟ-ଲୋକଙ୍କର ଉତ୍କଣ୍ଠା ଅଧିକ ବଢ଼ିଥିଲା ଓ କେତେ ଲୋକ କେତେ କଥା କହୁଥିଲେ ଓ କୌତୁକ କରୁଥିଲେ ତାହା କହିବା ବାହୁଲ୍ୟ । ପରଦିନ ମଙ୍ଗଳବାର ଦପ୍ତରରେ ଭୋଟ କାଗଜମାନ କଲେକ୍ଟର ସାହେବ ବାହାର କରି ଗଣି ଦେଖିଲେ ଯେ ଶ୍ରୀଯୁକ୍ତ ମଧୁସୂଦନ ଦାସ ୮ ଟା ଏବଂ ବାବୁ ଜାନକୀନାଥ ବୋଷ ୬ ଟା ଭୋଟ ପାଇଅଛନ୍ତି । ତହୁଁ ଶ୍ରୀଯୁକ୍ତ ମଧୁସୂଦନ-ଦାସ ପ୍ରଥମରେ ନିର୍ବାଚିତ ହେବାର ପ୍ରକାଶ କଲେ । ଜାନକୀବାବୁ କେବଳ ବାଲେଶ୍ୱରର ଦୁଇଟି ଭୋଟ ପାଇଥିଲେ ଓ କଟକ, ପୁରୀ ଓ ସମ୍ବଲପୁରର ସମସ୍ତ ୮ ଟା ଭୋଟ ମଧୁବାବୁଙ୍କ ନାମରେ ପଡ଼ିଥିଲା । ଅନ୍ୟ ଦୁଇ ପ୍ରାର୍ଥୀ ନିଷ୍ଫଳ ରହିଗଲେ । ଆମ୍ଭେମାନେ ମନେ କରୁଁ ଯେ ବାଲେଶ୍ୱରର ପ୍ରତିନିଧି ଅଧିକ ଚିନ୍ତା କରିଥିଲେ ଅନ୍ୟ ପ୍ରତିନିଧିଙ୍କ ସଙ୍ଗେ ଏକମତ ହୋଇଥାନ୍ତେ ମଧୁବାବୁଙ୍କର ଦାବି ସର୍ବାପେକ୍ଷା ଉତ୍କୃଷ୍ଟ ଥିବା ବିଷୟ ତାହାଙ୍କୁ ଅଜଣା ନାହିଁ । ଯାହା ହେଉ ପ୍ରୀତି ଓ କର୍ତ୍ତବ୍ୟର ସନ୍ଧିବେଳେ ପ୍ରତିନିଧିମାନେ ଆପଣା କଥା ଭୁଲିଯାଇ ସାଧାରଣ ମଙ୍ଗଳ-ଚିନ୍ତାରେ ରତ ହୋଇ ନିରପେକ୍ଷ ସ୍ୱାଧୀନମତ ଦେବାଦ୍ୱାରା ନିଜ ଏବଂ ସେମାନଙ୍କର ନିର୍ବାଚକ-ଦାସ ଲୋକାଲବୋର୍ଡ଼ର ... ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏହି ନିମନ୍ତେ ଆମ୍ଭେମାନେ ଦାସମହାଶୟଙ୍କୁ ମଙ୍ଗଳ-ବାଦ କରୁଅଛୁ । ଯେଉଁମାନେ ବିଫଳ ହେଲେ ସେମାନଙ୍କ ସ୍ୱଦେଶ କାର୍ଯ୍ୟରେ ଅଗ୍ରସର ହେବାର ଦେଖି ଉତ୍ସାହ ଦେଉଁ ଓ ସେମାନେ ଯାହା ଲୋଡ଼ୁଥିଲେ ତହିଁପାଇଁ ଭାବୀ ନିର୍ବାଚନରେ ଯୋଗ୍ୟ ହେବାପାଇଁ ଏକାନ୍ତ ଚେଷ୍ଟା କରନ୍ତୁ । ପରମେଶ୍ୱର ସେମାନଙ୍କୁ ସେ ବିଷୟରେ ଧନ

ଓ ବସ୍ତୁ ହେଉଅଛନ୍ତି ଓ ଯେସମସ୍ତ ଶତ୍ରୁଙ୍କର ସେମାନଙ୍କ ହସ୍ତରେ ବର୍ତ୍ତମାନ ରହିଅଛି ସେମାନେ ସାଧାରଣ ହିତାର୍ଥେ ସେ ସମସ୍ତର ସଦ୍‌ବ୍ୟବହାର କଲେ ଉତ୍କଳରେ ସେମାନଙ୍କୁ ଜନସାଧାରଣ ଅବଶ୍ୟ ଲୋଡ଼ିବେ । ମଧୁବାବୁ ଚିରକାଳ ରହିବେ ନାହିଁ । ତଦବର୍ତ୍ତୀଙ୍କୁ ପୁଣି ଯୋଗ୍ୟତାକୁ ଖୋଜା ଯିବ । ସେଥିପାଇଁ ପ୍ରସ୍ତୁତ ହେବା ଆବଶ୍ୟକ ଯେ ଆପଣାର ସ୍ୱ ସ୍ୱଜନତା ଅପେକ୍ଷା ସାଧାରଣ ଶୁଭଚିନ୍ତା କରିବ ଏବଂ ତହିଁ ପାଇଁ ତ୍ୟାଗସ୍ୱୀକାର କରିବ ତାହାକୁ ଅବଶ୍ୟ ଲୋକେ ଲୋଡ଼ିବେ ।

---

ଟ୍ରାନସଭାଲରେ ଭାରତବାସିଙ୍କ ଦୁଃଖ ।

ଆଫ୍ରିକା ମହାଦେଶର ଟ୍ରାନସଭାଲ ରାଜ୍ୟରେ ବାଣିଜ୍ୟ ବ୍ୟବସାୟ କରିବା ଓ ମୂଲଲାଗିବା କାର୍ଯ୍ୟରେ ବିଦ୍ୱାନ୍ ଓ ମୂର୍ଖ ଅନେକ ଭାରତବାସୀ ବାସ କରନ୍ତି । କେତେକବର୍ଷ ହେଲା ସେମାନଙ୍କ ପ୍ରତି ଯେ ସମସ୍ତ ଅନ୍ୟାୟ ଓ ଅତ୍ୟାଚାର ହେଉଅଛି ଓ ସେମାନେ ସେ ସମସ୍ତ ସହି ସ୍ୱଦେଶର ସ୍ୱାଧୀନତାର ରକ୍ଷା ନିମନ୍ତେ ଯେପରି ପ୍ରାଣପଣେ ଚେଷ୍ଟା କରୁଅଛନ୍ତି ପାଠକମାନଙ୍କୁ ସମୟେ ସମୟେ ଜଣାଇଅଛୁଁ । କେବଳ ସେମାନଙ୍କର ଦୁଃଖ ଏତ ଅଧିକ ଥିବାରୁ ନ୍ୟାୟବାନ୍ ଇଂରେଜଗଣ ସେମାନଙ୍କର କଷ୍ଟ ମୋଚନର ସୁବ୍ୟବସ୍ଥା କରିବାରେ ବିଳମ୍ବ କରୁଅଛନ୍ତି । ଏଥିରେ ସମସ୍ତ ଭାରତବାସୀ ଅତ୍ୟନ୍ତ ଦୁଃଖିତ ଓ ଚିନ୍ତିତ ହେଉଅଛନ୍ତି । ଟ୍ରାନସଭାଲ ନିବାସୀ ଭାରତୀୟ ଭ୍ରାତାଙ୍କର ଦୁଃଖରେ ସହାନୁଭୂତି ଦେଖାଇବା ଏବଂ ଯଥାସାଧ୍ୟ ସେମାନଙ୍କର ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଗତ ତା ୩ ରଖ କଲିକତା ଟାଉନହଲରେ ଏକ ବୃହତ ସଭା ହୋଇଥିଲା ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜନସାଧାରଣ ସଭାରେ ଉପସ୍ଥିତ ଥିଲେ । ନବାବ ବାହାଦୁର ମୌଲବୀ ଅବଦୁଲ ଜବର ସି, ଆଇ, ଇ ସଭାପତିର ଆସନ ଗ୍ରହଣ କରିଥିଲେ । ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ଏକ ପ୍ରସ୍ତାବ ଏହି ମର୍ମରେ ଉପସ୍ଥିତ କଲେ ଯେ ରେଜଷ୍ଟର ଆଇନ ଓ ଇମିଗ୍ରେସନ ଆଇନର କାର୍ଯ୍ୟଦ୍ୱାରା ଟ୍ରାନସଭାଲସ୍ଥ ଭାରତବାସିଙ୍କ ପ୍ରତି ଅତ୍ୟନ୍ତ ଅବିଚାର ଓ ଅତ୍ୟାଚାର ହେବା କଥା ଏ ସଭା ଇଂଲଣ୍ଡର ମନ୍ତ୍ରିଗଣ ଏବଂ ପାର୍ଲିଆମେଣ୍ଟର ସଭ୍ୟଗଣଙ୍କୁ ଜଣାଇ ତାହା ନିବାରଣର ଉପାୟ କରିବା ପାଇଁ ଅନୁରୋଧ କରୁଅଛନ୍ତି । ଇଂରେଜ ସାମ୍ରାଜ୍ୟ ଅନ୍ତର୍ଗତ ଏହି ଦେଶର ଲୋକପ୍ରତି ଅନ୍ୟଦେଶର ଏପରି ଅତ୍ୟାଚାର [illegible] ଶୋଷଣର ବହିର୍ଭୂତ ଅଟେ । ପୁଣି ଭାରତ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରାଯାଉ ଯେ ଦକ୍ଷିଣ ଅଫ୍ରିକାର ଇଂରେଜ ରାଜ୍ୟରେ ଭାରତବାସିଙ୍କ ସମ୍ମାନ ସନ୍ତୋଷଜନକ ରୂପେ ସ୍ଥିର ନ ହେବାଯାଏ ସେ ଦେଶକୁ ଭାରତରୁ ଶ୍ରମଜୀବୀ ପଠାଇବା ବନ୍ଦ କରନ୍ତୁ । ନାଗପୁର ମହମ୍ମଦ ଇଦରସ୍ ଏ ପ୍ରସ୍ତାବକୁ ଅନୁମୋଦନ କଲାରୁ ଏହା ବାହ୍ୟରେ ଧାର୍ଯ୍ୟ ହେଲା; ବାବୁ ହେରମ୍ବଚନ୍ଦ୍ର, ମୈତ୍ରଙ୍କ ପ୍ରସ୍ତାବ ଏବଂ ମୌଲବୀ ସମସୁଲହୁଦାଙ୍କ ଅନୁମୋଦନକ୍ରମେ ଧାର୍ଯ୍ୟ ହେଲା ଯେ ଟ୍ରାନସଭାଲସ୍ଥ ଭାରତବାସିଗଣ ଏହି ଅନ୍ୟାୟର ପ୍ରତିବାଦରେ ଯେପରି ସ୍ୱଦେଶପ୍ରେମ ସହିଷ୍ଣୁତା ଆତ୍ମତ୍ୟାଗ ଦେଖାଇଅଛନ୍ତି ଏ ସଭା ତହିଁପାଇଁ ସେମାନଙ୍କୁ ପ୍ରଶଂସା କରୁ ପୂର୍ଣ୍ଣ ସହାନୁଭୂତି ଦେଖାଉଅଛନ୍ତି । ତତଃପର ସେମାନଙ୍କ ସାହାଯ୍ୟ ନିମନ୍ତେ ଗୋଟିଏ କମିଟି ଗଠିତ ହେବା ଓ କେତେକ ବ୍ୟକ୍ତିଙ୍କ ସାହାଯ୍ୟାର୍ଥେ ଚାନ୍ଦା ସଂଗ୍ରହ କରିବା ଏବଂ ଏ ସଭାର ନିର୍ଦ୍ଧାରଣମାନ ଇଂଲଣ୍ଡ ଏବଂ ଭାରତ ଗବର୍ଣ୍ଣମେଣ୍ଟମାନଙ୍କୁ ଜଣାଇବାର ପ୍ରସ୍ତାବମାନ ଧାର୍ଯ୍ୟ ହୋଇ ସଭା ଭଙ୍ଗ ହୋଇଥିଲା । ସଭାସ୍ଥଳରେ ପ୍ରାୟ ଟ ୬୦୦୦ଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇଥିଲା ଯେ ତହିଁ ମଧ୍ୟରେ ନବାବ ସାହେବ ଏକା ଟ ୨୫୦୦ଙ୍କା ଦେଇଥିଲେ । ଏଥିପୂର୍ବରୁ ଶ୍ରୀଯୁକ୍ତ ରତନଟାଟା ମହୋଦୟ ପଚିଶହଜାର ଟଙ୍କା ଦାନକରି ଗୋଖେଲଙ୍କ ନିକଟକୁ ସେମାନଙ୍କ ସାହାଯ୍ୟ ନିମନ୍ତେ ପଠାଇ ଦେଇଅଛନ୍ତି । ଆଶା କରାଯାଏ ଅନ୍ୟ ଧନୀ ଭାରତବାସିମାନେ ଅନୁକରଣ କରିବେ. ଶାସ୍ତ୍ର ବଦାନ୍ୟ ଭାଇଙ୍କ ସହାୟେ ଯଥାସାଧ୍ୟ ଦାନ କରିବାରେ ମୁକ୍ତହସ୍ତ ହେବେ । ଏହି ସଭାରେ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ବାନର୍ଜ୍ଜୀ ଯେଉଁ ବକ୍ତୃତା କରିଥିଲେ ତହିଁର ସାରାଂଶ ନିମ୍ନେ ପ୍ରକାଶ କଲୁଁ ଯଥା;

ବାବୁ ଗଦାଧର ସେମାନଙ୍କର ଅବସ୍ଥା ବୁଝାଇ ଦେଇ କହିଲେ ସେ ବଙ୍ଗଳାରୁ କେହି ଦକ୍ଷିଣ ଅଫ୍ରିକାକୁ ଯାଇ ନ ଥିବା ଓ ସେଠା ଅଧିବାସିଙ୍କ ଦୁର୍ଦ୍ଦଶା ସ୍ୱଚକ୍ଷୁ ପ୍ରତ୍ୟକ୍ଷ କରି ନ ଥିବାରୁ ବଙ୍ଗଳାରେ ଏତାବତ୍‌କାଳ ଏ ସମ୍ବନ୍ଧରେ ଏତେ ଆନ୍ଦୋଳନ କରାଯାଇ ନ ଥିଲା । ସାମ୍ରାଜ୍ୟର କଥା ଭାବିବାକୁ ଗଲେ ଏହି ସାମ୍ରାଜ୍ୟଭୁକ୍ତ ଭାରତ ଓ ଟ୍ରାନସଭାଲ ରାଜ୍ୟର ଲୋକମାନଙ୍କୁ ସମଭାବରେ ଦେଖିବା କର୍ତ୍ତବ୍ୟ ଏବଂ ତହିଁର ବିପରୀତ ହେବା ଇଂରାଜ ସାମ୍ରାଜ୍ୟ ନୀତିର କଦାପି ଅନୁମୋଦିତ ହୋଇ ନ ପାରେ । ଯେବେ ଦକ୍ଷିଣ ଅଫ୍ରିକା ଭାରତବାସିଙ୍କୁ ରଖିବାକୁ ଅନିଚ୍ଛୁକ ହେବେ ଭାରତଗବର୍ଣ୍ଣମେଣ୍ଟ ସେ ଦେଶକୁ ପଠାଯାଉଥିବା କୁଲି ଚାଲାଣ ବନ୍ଦ କରିଦେଲେ ଏହି ଅନ୍ୟାୟ ନ ହୋଇ ବରଂ ସମୁଚିତ ହେବ । ନେଟାଲ ଏବଂ ଟ୍ରାନସଭାଲର ଏକତା ଆଇନ ଦ୍ୱାରା ଏକତ୍ର ହୋଇଯାଉଅଛି ଏବଂ ସମ୍ରାଟ ମଧ୍ୟ ତହିଁରେ ଅନୁମତି ପ୍ରକାଶ କରିଅଛନ୍ତି । ନେଟାଲ ରାଜ୍ୟରେ ଇକ୍ଷୁଚାଷ ନିମନ୍ତେ ଭାରତୀୟ କୁଲିଙ୍କର ପ୍ରୟୋଜନ ଏବଂ ଟ୍ରାନସଭାଲ ରାଜ୍ୟରେ ମଧ୍ୟ ଖଣିର କାର୍ଯ୍ୟ ନିମନ୍ତେ କୁଲି ପ୍ରୟୋଜନୀୟ ଯେବେ ଦକ୍ଷିଣ ଅଫ୍ରିକାକୁ କୁଲି ଯାଇ ସେମାନଙ୍କର ବସ୍ତ୍ର କର ଦିଏ ତାହାହେଲେ ଭାରତ ଗବର୍ଣ୍ଣମେଣ୍ଟ କେବଳ ହିତର କାର୍ଯ୍ୟଦ୍ୱାରା ବନ୍ଦ କରିବାକୁ ଅବଶ୍ୟ ସ୍ୱୀକୃତ ହେବେ ମାତ୍ର ଫଳରେ ଦେଖାଯାଏ ଯେ କୁଲି ଜଣକେ ବର୍ଷକୁ ପ୍ରାୟ ଟ ୯ଙ୍କା ଘରକୁ ପଠାନ୍ତି ଏବଂ ପାଞ୍ଚବର୍ଷ ପରେ ଟ ୮୦ଙ୍କା ନେଇ ଘରକୁ ଆସନ୍ତି ! ଏମାନେ ଯେବେ ଫ୍ୟାକ୍ଟରୀ ବା ଅନ୍ୟ କାରଖାନାମାନଙ୍କରେ କାର୍ଯ୍ୟ କରନ୍ତି ତାହାହେଲେ ଅଧିକ ଲାଭ କରିବେ । ଅଧିକ ଦେଖାଯାଏ ଯେ କୁଲିମାନଙ୍କ ମଧ୍ୟରେ ଆତ୍ମହତ୍ୟାର ସଂଖ୍ୟା ଅତ୍ୟନ୍ତ ଅଧିକ ଏବଂ ଯେଉଁ ସୁସ୍ଥ ଶରୀରରେ ସେମାନେ ଭାରତରୁ ଯାନ୍ତି ତଦ୍ରୂପ ସ୍ୱାସ୍ଥ୍ୟ ନେଇ ଫେରି ଆସନ୍ତି ନାହିଁ । ସେ ଦେଶରେ ଏତାଦୃଶ ବ୍ୟସନ ରୋଗ ଜାତ ହୁଏ ଏବଂ କୁଲିମାନେ ଫେରି ଆସିବାବେଳେ ସେ ରୋଗ ଯେମନ୍ତ ଏ ଦେଶକୁ ନେଇ ଆସନ୍ତି ତହିଁର ବିଶେଷ ବିଲ୍ କରାଯାଏ । ଏମନ୍ତସ୍ଥଳେ ଭାରତ ଗବର୍ଣ୍ଣମେଣ୍ଟ ଏ ଦେଶରୁ କୁଲି ପଠାଇବା ବନ୍ଦ କରିଦେଲେ ମଙ୍ଗଳ ବିନା ଅମଙ୍ଗଳ ନାହିଁ ଏବଂ ଦେଶଲୋକେ ଗବର୍ଣ୍ଣମେଣ୍ଟଙ୍କ ତଦ୍ରୂପ କାର୍ଯ୍ୟକୁ ନିଃସନ୍ଦେହ ପ୍ରଶଂସା କରିବେ ।

---

ପୁସ୍ତକପ୍ରାପ୍ତି ସ୍ୱୀକାର

ଶ୍ରୀ ରାଧା ଜନ୍ମାଷ୍ଟମୀ ପୂଜା ଓ ବ୍ରତକଥା ।— ଶ୍ରୀ ବାଗୀଶ୍ୱର ଘୋଷଙ୍କଦ୍ୱାରା ସଂକଳିତ ଓ ଅନୁବାଦିତ ଏବଂ କଲିକତା ଉତ୍କଳପ୍ରେସରେ ମୁଦ୍ରିତ ରାଧାଷ୍ଟମୀ ଉପଲକ୍ଷେ ଯେପରି ଭାବରେ ପୂଜା ଇତ୍ୟାଦି କରିବାକୁ ହେବ ତାହା ଏଥିରେ ଅନୁପୂର୍ବିକ ସମସ୍ତ ଲେଖା ଯାଇଅଛି । କଥାମଧ୍ୟରେ ଦେଖିଲୁଁ "ଅତଏବ ତମ୍ଭ ଅନ୍ୟ ଦେବ ଦେବୀଙ୍କ ଭକ୍ତିରୁ ଏକଥା କହିବାକୁ ଦେଲେ ।— କହିଲ ମାନବେ କ୍ଷୟ ହୋଇ ଯାଏ ।" ବୋଧ ହୁଏ ଏଥାଟା ଅସାର ବା ଅଲୌକିକ । ପରେ ଲେଖାଅଛି " ଅମୃତ ପ୍ରିୟତମା ଓ ପ୍ରାଣ ଅପେକ୍ଷା, ଭଗବତୀ ଅଟନ୍ତି ଯେଉଁ ରାଧା ତାଙ୍କ ଛଡ଼ା ଆମ୍ଭେ ଏକ ଅନ୍ୟ ତାହାର ବଣ ହେଉଁ ଏପରି କେହି ତ୍ରିଭୁବନରେ ନାହିଁ ।" ବୋଧ ହୁଏ ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ୍ ରୂପରେ ଏ କଥା କହିବା-

Split by PDF Splitter

Digitized by srujanika@gmail.com

ବେଳେ ସୁଦ୍ଧା ବୃଦ୍ଧ ଓ ବୁଢ଼ୀମା ଉତ୍ସାହର ତଥା ଲୁଚ ଯାଉଥିଲେ ଏବ । ଅଧୁନା ଦେବ-ତାଙ୍କ ଗୌରବ ବଢ଼ାଇବା ସହାଯେ ଏହାର ଅନୁଷ୍ଠିତ ବର୍ତ୍ତିତା ମାର୍କଣ୍ଡ ରଥାପି ଏଥିର ସଂଶୋଧନ ଅବଶ୍ୟକ ।

---

# ସାପ୍ତାହିକ ସମ୍ବାଦ ।

## ଚଳନ୍ତା ଗଜେଟ୍ ।

ଦ୍ୱାରା ଉନ୍ନ୍ୟତେଦେଇର ବାବୁ ଗୋବିନ୍ଦ ମହାପାତ୍ର ଏଥା ସେଣ୍ଡର ଶ୍ରେଣୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହେଲେ ।

ମଣ୍ଡଳିଆ ବ'ସଂରେ ଛୁଟି ୦, ତାହା ଏ ବ ବା'ଲେଶର ଚଳନ ଦେବେ ଉତ୍ତର ଅନୁଷ୍ଠିତ ଶାସନ ପାଠରେ ।

ବାବୁ ଗୋପୀନାଥ ପଣ୍ଡା ପ୍ରବାର ବ ୬ ଓ ସପ୍ତାହେ ୩ୟ ଶ୍ରେଣୀର ମାଜେଷ୍ଟ୍ରେଟ ନିଯୁକ୍ତ ହୋଇ ଭୋର୍ଦା ଖାସାର କେନ୍ଦ୍ରର କାର୍ଯ୍ୟ ନିଯୁକ୍ତ ହେଲେ ।

ଚାନ୍ଦୁଣୀ ଦୈତାରୀ ଉପଜାତର ଉହିମାର ସବଜି-ସ୍ଥର ବାବୁ ଜନିମ କୃଷ୍ଣ ଘୋଷ ଅଥେଥା, ଯାଜପୁର ଉପଜାତ୍ରିବଦଳ ହେଲେ ଓ କୁଇରେ ଥିବା ବାଲେଶ୍ୱର ଜଣକର ଆ ଉପନିମିତ୍ତ ଛୁଟିରୁ ଅଛ, ବଦ୍ଧ ତାଙ୍କ ବାଗେରେ ନିଯୁକ୍ତ ହେଲେ ।

ଅଣେଧଡା, ସାଲିର ଉପଜାତିର ୨ୟ ଶ୍ରେଣୀର ମୁନ-ସବରଜିର ବାବୁ ଦଃମାଧବ ସହୁଭ ଚାନ୍ଦୁଣୀ ଦୈତରୀ ଉପଜାତିକୁ ବଦଳ ହେଲେ ।

ଟ୍ରେଜାରୀର ଶବ ଡେପୁଟି କଲେକ୍ଟର ମୌଲିଭ ମହମ୍ମଦ ମୋଜିନ ଖଁଳ ଚଳନ ସବର ମହକୁମାରେ ସବସ୍ଥାପିତ ହେଲେ ।

ଠିକାଜିଥି ସବ ଡେପୁଟି ଲେକ୍ଟର ବାବୁ ଯୋଗେଶ ଚନ୍ଦ୍ର ମିଶ୍ର ଓ ବାବୁ ଜଗନ୍ନାଥ ପ୍ରସାଦ ନେଇଥିବ ୪ର୍ଥ ଶ୍ରେଣୀର ସବ ଡେପୁଟି କଲେକ୍ଟର ହେଲେ । ପ୍ରଥମ ବାବୁ ବାଲେଶ୍ୱର ଓ ଦ୍ୱିତୀୟ ଚଳନ ଆ ସେଟେଲମେଣ୍ଟ ପରିଷର କାର୍ଯ୍ୟରେ ରହିଲେ ଓ ୬ୟ ବାବୁ ସମ୍ବଲପୁରରେ ସବସ୍ଥିତ ହେଲେ ।

ବାବୁ କୃଷ୍ଣଚନ୍ଦ୍ର ଦେ ୬, ବାବୁ ବୃନ୍ଦାବନର ମର୍ଦ୍ଦରାଜ ବାବୁ ମୋହନ ମୋହନ ସେନାପତି ଓ ବାବୁ ଗୋପୀନାଥ ଦାସ ୫ମ ଶ୍ରେଣୀରେ ବାବୁ ମାଧବଚନ୍ଦ୍ର ମିଶ୍ର ୪ର୍ଥ ଶ୍ରେଣୀରେ ବାବୁ ବଂଶୀଧର ନାୟକ, ବାବୁ ବୈକୁଣ୍ଠନାଥ ମିଶ୍ର ଓ ବାବୁ ଚନ୍ଦ୍ରମଣି ପଟ୍ଟନାୟକ ୩ୟ ଶ୍ରେଣୀରେ ନାହିଁଲ ହେଲେ ।

ବାବୁ ମାଧବଚନ୍ଦ୍ର ମିଶ୍ର, ମୌଲିଭ ଫୈୟଜ ମହମ୍ମଦ ସକର, ବାବୁ ବାସୁଦେବ ମିଶ୍ର ଓ ବାବୁ ହର ନୈଶ ୫ମ ଶ୍ରେଣୀକୁ ଓ ବାବୁ ସଦାନନ୍ଦ ଦାସ ୪ର୍ଥ ଶ୍ରେଣୀକୁ ଉନ୍ନତି ପାଇଲେ ।

ଅନୁଲିଖିତ କର୍ମଚାରୀମାନଙ୍କର ସନ ୧୯୦୯ ମସୀହା ଅକ୍-ଟୋବର ମାସ ୧ ୪ ତାରିଖ ଠାରୁ ପ୍ରାର୍ଥୀ ହୋଇଥିବା ସୁଦ୍ଧା ସ୍ଥାୟୀ ଶ୍ରେଣୀରୁ ସ୍ଥାନ ହେଲା । ଯଥା—

ବଙ୍ଗ ପ୍ରଥମ ଗ୍ରେଡ଼ ମାର୍ଗରେ ।

ମିଃ ଯୋ ... ବ୍ୟକ୍ତି ଦଶ ବଷରେ ଉତ୍ତୀର୍ଣ୍ଣ ।

ଅନୁଲିଖିତ କର୍ମଚାରୀମାନେ ସ୍ୱ ସ୍ୱ ନାମ ପାର୍ଶ୍ୱସ୍ଥିତ ପରୀକ୍ଷା ବଷୟରେ ଉତ୍ତୀର୍ଣ୍ଣ ହେଲେ ।

| | |
|---|---|
| ମିଃ ଏଡ଼ମ ଇ ବେର | ଏକାଉଣ୍ଟସ |
| ବାବୁ ଦେବାନନ୍ଦ ଦାସ | ହୁକ୍ରାଲ |
| „ ଗୋପୀନାଥ ବାନୁର୍ଜୀ | ଓଡ଼ିଆ |
| „ ହେମଚନ୍ଦ୍ର ବାନାର୍ଜୀ | „ |
| ମିଃ କୃଷ୍ଣ ଚନ୍ଦ୍ର ଓଝେଇ | ବଙ୍ଗଳା |
| ବାବୁ ସୁରେନ୍ଦ୍ରନାଥ ମିଶ୍ର | ଓଡ଼ିଆ |

ଅନୁଲିଖିତ କର୍ମଚାରୀମାନେ ସେମାନଙ୍କ ନାମ ପାର୍ଶ୍ୱସ୍ଥିତ ବିଷୟରେ ପାସ କରିବାର ବାଜି ରହିଲେ ।

| | |
|---|---|
| ମୌଲବୀ ଚର୍ଣ୍ଣଚରଣ | ଅଙ୍କ |
| ବାବୁ ଯୋଗେନ୍ଦ୍ର ମିଶ୍ର | ଅଙ୍କ ଓ ଏକାଉଣ୍ଟସ |
| „ ଚନ୍ଦ୍ରମଣି ପଟ୍ଟନାୟକ | ଅଙ୍କ ଓ ଏକାଉଣ୍ଟସ |
| „ ଗୌରଚନ୍ଦ୍ର ଦାସ | „ |
| „ ବଂଶୀଧର ନାୟକ | ହୁକ୍ରାଲ |
| „ ବୈକୁଣ୍ଠନାଥ ମିଶ୍ର | ଏକାଉଣ୍ଟସ ଓ ହୁକ୍ରାଲ |
| ମିଃ ଡବଲଉ, ଜି ହେଲ | ଅଙ୍କ |

ପ୍ରଥମ ବା ଉଚ୍ଚ ଷ୍ଟାଣ୍ଡାର୍ଡ ।

ପରୀକ୍ଷା ବିଷୟରେ ଉତ୍ତୀର୍ଣ୍ଣ ।

| | |
|---|---|
| ବାବୁ ହେମଚନ୍ଦ୍ର ମିଶ୍ର | ଓଡ଼ିଆ |

ଗତ ତା ୧୩ ରଣ ଶେଷ ହେବା ସପ୍ତାହରେ ଗୋଲରର ଦର ଥିବା ଜଣରେ ସେ ୧୦୩ ବାଲେଶ୍ୱରରେ ସେ ୧୮ ର ଅନୁଗୁଳରେ ସେ ୧୧୩୮, ସୁବର୍ଣ୍ଣରେ ସେ ୧୨। ଓ ସମ୍ବଲପୁରରେ ସେ ୧୮ ର ।

---

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଅଧିକ ବର୍ଷା ଓ ସମୁଦ୍ରୋଚ୍ଛ୍ୱାସ ଟିଣ ଶୀତ ହୋଇଅଛି । ସାଧାରଣ ସ୍ୱାସ୍ଥ୍ୟ ଭଲ ଦେଖାଯାଏ ।

ଗତ ରବିବାର ଏଠା କଲେଜ ସର୍ଜ ମହୋତ୍ସବ ଧରମ ପ୍ରଭୃତି ଛାତ୍ରମାନଙ୍କ ଏକ ମନୋହର ଯାତ୍ରାରେ ବହୁଲୋକ ଦେଖିଥିଲେ । ହିନ୍ଦୁ ଓ ମୁସଲମାନ ଦେଶୀ ଲୋକେ ଆନନ୍ଦ କରିବାରୁ ସେହି ଛାତ୍ରେ ପ୍ରତ୍ୟେକକୁ ଅନେକ ପ୍ରଶଂସା ମିଳିଅଛନ୍ତି । ବାସ୍ତବରେ ଏହା ଆନନ୍ଦଜନକ ।

କଟକର ଦେବେନ୍ଦ୍ରନାଥଙ୍କ ପରିଚାଳିତ ଏନ୍ଟ୍ରାନ୍ସ ପରୀକ୍ଷା ଗତ ସୋମବାର ଏଠା କଲେଜିଏଟ ସ୍କୁଲରେ ଆରମ୍ଭ ହୋଇ ଗତ କାଲି ଶେଷ ହେଲା । ଏ ଜେଲ୍ଲାରେ ନ ୫୦ ଜଣ ଛାତ୍ର ପରୀକ୍ଷା ଦେଇଥିଲେ ।

ଶ୍ରୀଯୁକ୍ତ ମହନ୍ତଙ୍କର ସାହେବ ଗଡ଼ଜାତ ବନ୍ତରୁ ଗତ ବୁଧ ବାର ଫେରି ଆସିଅଛନ୍ତି ।

ଶ୍ରୀଯୁକ୍ତ ଜଜ ସାହେବ ବାଲେଶ୍ୱରର ଦାଉରା ଶେଷ କରି ସେଠାରୁ ଏଠାକୁ ଫେରି ଆସିଅଛନ୍ତି । କଟକ ଜିଲ୍ଲାଙ୍କ ସହିତ ଏଠାରୁ ପୁରୀକୁ ଯିବାର ଶୁଣାଯାଏ ।

ପାଇକରାରେ ଟୋପି ଧାନ ଏକ ମହଣ ହୋଇଅଛି ସେ'ହୁମ ଜଳ ଉପରେ ଯାଏ ଅଧିକ ପଡ଼ିବାରୁ କୃଷିକାର୍ଯ୍ୟର ବଡ଼ ବ୍ୟାଘାତ ହେଉଅଛି ।—ଧା ବା ।

ଓଡ଼ିଶାର କମିଶନର ଶ୍ରୀଯୁକ୍ତ ଲେଭିଞ୍ଜ ସାହେବ ଗତ ତା ୧୧ ରିଖରେ ସେଠାରୁ ଦରଖାସ୍ତ ବଂଳ କଳଙ୍ଗର ନିକଟି କରିବାକୁ ଯାଇ ୮ ଦିନ ୮ ଘଣ୍ଟା ଧରି ସେ ହିଁ ସ୍ୱଚ୍ଛ ମହାନଦୀ ବାଗ ଧରି ବନ୍ଧ ସ୍ଥାନରେ ବଧ କରିଅଛନ୍ତି । ସାହେବଙ୍କର ଦକ୍ଷତାର ଅନେକ ଲୋକ ପ୍ରଶଂସା କରୁଅଛନ୍ତି ।—ସ ବା ।

ଗଞ୍ଜେଲଙ୍କର ଘୋଷଣା ଅନୁସାରରେ ତାଳଚେର ରେଲ୍ୱେ ଲାଇନ ନୌକା ପରିବହନର ଉପରେ ୫୦ ଟା ଓ ତାହା ଉପରେ ୧୦ ଟା ଅର୍ଥଦଣ୍ଡ ହୋଇଅଛି ।—

ସ ବା ।

ବଡ଼ଖେମୁଣ୍ଡିର ରାଜା ତାହାଙ୍କର ଗ୍ରାମଭୂମି—ଜମି-ଦାରରେ ଗୋଟିଏ ଯୁଦ୍ଧ ସଭା ଗତ ତା ୨ ରିଖରେ ଉଦ୍‌ଘାଟନ କରିଅଛନ୍ତି । ଏହି ଅର୍ଥଳରରେ ସେ ଉଦାର ଦାନ ଦେଇଅଛନ୍ତି ।—ଗା ସ୍ମା ବା ।

ଗତ ସପ୍ତାହର ମାସର ରୋଗାକ୍ରାନ୍ତରେ ପ୍ରତ୍ୟେକ ହୋଇଥିବା ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ଭଲ ନାହିଁ । ଗଞ୍ଜାମ ଜିଲ୍ଲାର ଅନେକ ସ୍ଥାନରେ ସ୍ୱାସ୍ଥ୍ୟ ଦେଖା ଯାଉଅଛି । ଏହା କେତେ ଦିନ ରହିବ ଜଣାଯାଏ ନାହିଁ । ସ୍ଥାନରେ ଠିକ ହୋଇ ଦେବା ଦେଇଅଛି । ଏଠାରେ ୫୦ ଟା ଦେବା ପଡ଼ିଛି । ସେମାନଙ୍କ ଠାରେ ଗାଁରେ ମଧ୍ୟ ପଡ଼ୁଥିବା ଲୋକ ପ୍ରକାଶ ସାହୁଙ୍କ ପ୍ରଦ ଅଛନ୍ତି ।

ସ ସ ଦ ।

ଫାମଗଡ଼ା ଜାଗିରଦାରଙ୍କ ସ୍ଥାନରେ ଶ୍ରୀଯୁକ୍ତ ଗ୍ରାମର ଜମିରେ ଏକ ସମୟ ଠିକା ନିଆ ହୋଇ ଅନେକ ଲୋକ ମାନ ଚଳାଇବାର ଶୁଣାଯାଏ । ତାହ ଏହା ଶାସ ଦେବାର ଅଧିକାର ନାହିଁ । ତିନୋଟି ତୋଡ଼ି ଦିଆ ଦରଖାସ୍ତର ମଞ୍ଜୁର ମାନ ଦାଖଲ ଅନୁମତି ହୋଇବାରୁ ହେବ ।—ସ ଦ୍ମ ।

ବାଲେଶ୍ୱର ଜଜ ସବଡ଼ିଭିଜନର ମୌଲବୀ ଅବଦୁଲ ସମଦ-ଙ୍କର ଏକ ପୁତ୍ର ଦେଇ ହୋଇବାରୁ ତାଙ୍କ ଚଉଦ ଦେବାନମାନଙ୍କ ଘଟଣାର ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଏକ ମତ ମୌଲବୀ ସାହେବଙ୍କ ନାମ ସ୍ମାରକ ଚାନ୍ଦ ଦେବାର ବାବଦରେ ଅନେକ ଟଙ୍କା ଆଦାୟ କରିଅଛନ୍ତି । ଉକ୍ତ ଜନ୍ମ ମୌଲବୀ ସାହେବ ଏଥିରେ ସାଧାରଣଙ୍କ ପ୍ରୀତି ପ୍ରଦର୍ଶନ କରିବେ ।

ବାଲେଶ୍ୱରର ଉର୍ଦ୍ଦୁ ଅଙ୍ଗୁଳ ସ୍କୁଲର ଚୌଧୁରୀ ମୌଲବୀ ଅବଦୁଲ ଗଫୁର ନାମରେ ସ୍କୁଲ୍ ନିର୍ମାଣ ଖୋଲା ହେବାର ଜାଣି ଏକ ବର୍ଷ ଓ ଏହାର ମୌଲବୀ ସହିତ ୫୦ ଟଙ୍କା ଅର୍ଥଦଣ୍ଡ ଦେଇଥିଲେ । ବିଷୟ ଉପସ୍ଥିତ ଥିଲା । ଜଗତର ପାଇଁ ଆସିଲେ ମାନ୍ୟବର ନିମ୍ନ ଶ୍ରେଣୀ ଲୋକମାନଙ୍କ ପରିବ ପ୍ରଶଂସା କର ବାଧ୍ୟ ହୋଇ ଉଠିଅଛନ୍ତି ।

ମହାମାନ୍ୟ ଲଫଟେନାଣ୍ଟ ଗଭର୍ଣ୍ଣର ସାହେବ ମାନ୍ୟ ବୁଧବାର ଠାରେ ଅବସର ହୋଇ ଆସିବା ଏବଂ ନିକଟରେ ଗଞ୍ଜାମ ରହିବ ବହୁ ଲୋକଙ୍କର ଅନୁଷ୍ଠାନକୁ ପରିଦର୍ଶନ କରିଅଛନ୍ତି ।

ବୁଧ ଶହ ଦ

ମେଦିନୀପୁରର ଜଣା ଶ୍ରୀ ବିଜ୍ଞ ଦଣ୍ଡାଧୀଶ ସୁବର୍ଣ୍ଣ-ରେଖାନଦୀ ତଟ ବହୁ ବସ୍ତ୍ର ବାଣିଜ୍ୟ ଗୃହର ଗାଡ଼ି ଛାଡ଼ ଦଧାର ସମ୍ପାଦକଙ୍କ ଗତ ତା ୧ ରଣ ଶୁକ୍ରବାର ଦେଖା କରିଅଛନ୍ତି ।

ନିରୁଦ୍ଦିଷ୍ଟ ପାଇଁକ ଏକାଧିକରେ ଓ ଅନ୍ତଃରେ ଶୁଦ୍ଧ ନିରୁଦ୍ଦିଷ୍ଟ ପାଇଁ ଦଣ୍ଡ ଭୋଗୁଅଛନ୍ତି ।

ଉତ୍ତର ମାଡ଼ିଭିଲ କୃଷି ଉଦ୍ଦେଶ୍ୟ ଗୀତାକୁ ଡିମ୍ବିରେ ନବ କମୁଦିନୀ ଓ ଦକ୍ଷିଣ ପ୍ରଦେଶ ଶାସନ ଉଠାଇବ ସଭା ଧ୍ୟପଢ଼େ ଶ୍ରୀ ମହାରାଜ ଅଜେଦାବଙ୍କୀରେ ସମ୍ପୃକ୍ତ ହୋଇଥିଲା ।

ସଭାପତି ଶରତବାବୁଙ୍କ ବର୍ଷରେ ଧାନଗଛ ମୂଳମାନ ପଚେ ଗ୍ରାମର ଜଳ ହୋଇବାରୁ ଧାନ ନଷ୍ଟରେ ଦେଇ ଯାଉଅଛି । ମାତ୍ର ଏବ ସଫଳ ପରେ ସ୍ୱଦେଶ ଉପକାରର ସମ୍ଭାବନା ।

ଯତ୍ନ ସତ୍ତ୍ୱେ ମୁଖ୍ୟ ଠାରୁ ଶ ବରଷର ସମ୍ପାଦକର ଅଭାବ ହୋଇଛି । ଅଧୁନା ନଗର ସଭାପତିଙ୍କ ଏକ-ମାସ ପୂର୍ବରୁ ୨ ବା ଓ ଠିକ୍ ସମ୍ପାଦନରେ ଶ୍ରୀ ମହାରାଜ ସାଧ ସମାଜ ଯେଉଁ ପ୍ରସ୍ତାବ ହେବ ।

ଅନୁମାନ ହେଲା ମାଉଣ୍ଟ ସାହେବ ମହୋଦୟ ଦାର-ଜିଲିଂ ସହରରୁ ଶୀଘ୍ର ଫେରିବେ ରହ ଅଛନ୍ତି । ମୁଖ୍ୟରେ ଯେଉଁବାର କଥା ।

ଅଜବାର ବଜାରରେ ମୌଟ ନୂଆ ଚାଉଳ ଟଙ୍କାରେ ବଡ଼ ସେ ୧୧ ର ଓ ପୁରୁଣା ସେ ୯ ର ମିଳୁଅଛି ।

ବର୍ଷାପାତର ଶୀଘ୍ର ଆଣ ହୋଇଅଛି । ସ୍ୱାସ୍ଥ୍ୟ ସାଧାରଣରେ ଭଲ ଅଛି ।

Digitized by srujanika@gmail.com

Split by PDF Splitter



( ବଲଙ୍ଗା ସମ୍ବାଦ )

ଏ ଅଞ୍ଚଳରେ ଗତ ମାସ ତା ୭ ରଖ ଓ ୮ ଇଖ ବୃଷ୍ଟି ହେବାରୁ ଧାନ କଟା ବନ୍ଦ ହୋଇଥିଲା ଏବଂ ଛଣ ଓ କଟା ଧାନମାନ ଭିଜିବାରୁ ଚାଷୀମାନେ ଦୁଃଖ କରୁଅଛନ୍ତି । କେତେକ କେତେକ ସ୍ଥାନରେ ମୁଗ ଫସଲ ଭଲ ହେବାର ସୁଯୋଗ ପଡ଼ୁଅଛି । ମଲ ବର୍ଷନ ମିଳିବାରୁ ।

ଗତ ମାସ ତା ୭ ଦିନରେ ପ୍ରଥମାଷ୍ଟମୀ । କେବଳ ବର୍ଷା ହେବାରୁ ଗୃହମାନଙ୍କର କୌଣସି ବଡ଼ ଜୌଷବାଦ୍ୟ ଜଳ ଗୃହର ଦୂଦର ଲୁଗା ଦିଲି ପର୍ଯ୍ୟନ୍ତ ହୋଇଥିଲା ଏ ବର୍ଷରେ ମାଘ ସୁମାନଙ୍କୁ ପର୍ଯ୍ୟନ୍ତ ହୋଇଥିଲେ ଜାଡ଼ ପଡ଼ୁ ଅଛନ୍ତି ତା ୭ ଦିନରେ ବର୍ଷା ପଡ଼ିବାରୁ ଡାହା ହେଲ । ପ୍ରଥମାଷ୍ଟମୀ ପର ଦିନ ଜାଡ଼ଥିଲ ।

ବଲଙ୍ଗା ଅନ୍ତର୍ଗତ ଗୋବର୍ଦ୍ଧନ ମୌଜା ସନ୍ନିକଟରେ ବନ ଅଧ୍ୟ ଜାମ ଧାନ ଥିଲେ ଶ୍ରୀ ବାବୁ ଲକ୍ଷ୍ମୀ ମୋହନ ନାୟକ ଓ ଶ୍ରୀ ଅନନ୍ତ ନାୟକ ଓ ଗଡ଼ର ଲୋକ ମାନେ ଏକ ଭୋଜନ ଶୋଭ ରେଜିଷ୍ଟ୍ରିର ଧାନ ଦ୍ୱିପ୍ରହର ଓ ଲୁଗା କରୁଅଛନ୍ତି । କିନ୍ତୁ ପ୍ରଥମ ଅଷ୍ଟମୀରେ ଗଡ଼ର ପ୍ରକାଶ- ରେ ଲୁଗା ପୋଷାକ ଧରି ଦେଉ ଥିବାରୁ ସମସ୍ତ ଲୋକ- ମାନେ ଏ ମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି ।

ସାଧାରଣ ସମ୍ବାଦ ।

ନଗାଡ଼ଶରଠାରୁ ପ୍ରଥମ ମୁକ୍ତାଫଳ ଦେଶର ଛାତ୍ରରେ ୧୦ ଟା ପରଲଙ୍କର ଦକ୍ଷିଣ ଘୋଡ଼ା ବାହାରୁଅଛି । ସେଠାର ଚେଷ୍ଟା ମନକୁ ଏବଂ ବ୍ୟୟ ସମ୍ବନ୍ଧୀୟ ପତ୍ରବର୍ଜନ ବଡ ଚୋଟାମନ ନେଉଥିବାରୁ । ପୁଣ ଚଳନ୍ତି ଗୁଡ଼ାଏ ।

ଷ୍ଟେସନର ରାଜନୈତିକ ସାଧାରଣ ଧର୍ମ ପ୍ରସିଦ୍ଧ ନାହାଁନ୍ତି ପେଟିଭ ଗୋଟିଏ ପାଇଁ ଫିରାଉଅଛନ୍ତି ଏ ଦେ ଦେ ଦୁଇ ଟଙ୍କା ଭାଡ଼ ବଢ଼ୁଅଛନ୍ତି ।

ସର ଫିରୋଜ ସାହା ମେହତା ସ୍ୱତନ୍ତ୍ର କଂଗ୍ରେସ ଅଧିବେଶନର ସଭାପତି ମନୋନୀତ ହୋଇଥିଲେ । ଏହା ମଧ୍ୟରେ ସେ ତାଙ୍କ ଇଚ୍ଛା ହେବାରୁ ଇସ୍ତଫା ଦେଉଅଛନ୍ତି । ଅସନ୍ତା ବଡ଼ଦିନ ଛୁଟିରେ ଅଧିବେଶନ ହେବ । ଏ ସ୍ଥିତିରେ ଅଳ୍ପ ସମୟ ଭିତରେ କରିବା ପାଇଁ ସଦସ୍ୟମାନେ କମିଟି ବସୁଅଛନ୍ତି । ମନ ଅଧିବେଶନର ଅଭ୍ୟର୍ଥନା ଯଥା ସମ୍ଭବ ହେଉଅଛି ।

ବର୍ତ୍ତମାନ ଗାଡ଼ିକି ପୋଷ୍ଟ ସାର ପ୍ରେସିଡ଼େନ୍ସି କର୍ମଚାରୀଙ୍କ ଗୋଟିଏ ନୂତନମାନ ଦିନ ସେଗର ସାତ ବାହୁଡ଼ା ଦେଉଛୁ ଦେ ଚଳା ଭଲ କରୁଅଛି ।

ନାଗପୁରରେ ପ୍ଲେଗ ରୋଗ ପ୍ରଶମିତ ହୋଇଅଛି । ସ୍କୁଲ ଓ କଲେଜମାନ ଫିଟିଲା ଏବଂ ବଣିକ ଓ ଦୋକାନ- ଦାରମାନେ ଯଥା ରୀତିରେ କାର୍ଯ୍ୟମାନ କରୁଅଛନ୍ତି ।

---

କଲମୀ ଇସ୍ତାହାର ।

। ଜି । କଟକ କେନ୍ଦ୍ରାପଡ଼ା ମୁହାମ ମୁନସଫି ଅଦାଲତ ନ ୧୫୦୫ ନମ୍ବର ଡିକ୍ରୀଜାରୀ ସନ ୧୯୦୯ ମସୀହା ଦଳ ନାଥର । ସା । ଗୃହସ୍ଥପଟଣା, । ପ୍ର । ଛତ୍ରଣ ଡିକ୍ରୀଦାର

ବନାମ

୧ ଘୁଲବେଓ୍ୱା ୨ ଦାବନ ବେଓ୍ୱା ୩ କଲୁଆ- ପୁର ୪ ଲାଲ ଦାସୁକ ୫ ସମ ଦାସୁକ ନ ବା- ଲଗ ମାନଙ୍କର ମାତା ଅଭିଭାବକ ଘୁଲବେଓ୍ୱା । ସା । ଗୃହସ୍ଥପଟଣା । ପ୍ର । ଛତ୍ରଣ ଦେଣ- ଦାରମାନେ

ନ୍ୟୁନର ଲିଖିତ ନମ୍ବର ଡିକ୍ରୀଜାରୀ ମୋକଦ୍ଦମାରେ ଡିକ୍ରୀଦାରର ପାଉଣା ଟ ୭୯। ୬ ଆଦାୟ ନିମନ୍ତେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ସନ ୧୯୦୯ ମସୀହା ଜାନୁୟାରୀ ମାସ ତା ୧୫ ରଖ ବେଳ ଘ ୧୨ ଘା ସମୟରେ ନିଲାମ ହେବ ।

୧ । କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ପୁଲିଶ ଷ୍ଟେସନ ଓ ଉକ୍ତ ସବରେଜିଷ୍ଟ୍ରାର ଇଲାକାର । ପ୍ର । ଛତ୍ରଣ । ମୌ ଗୃହସ୍ଥପଟଣାରେ ଥିବା ନ ୨ ନମ୍ବର ଖତିୟାନ ବାବଦ ପ୍ରଜାବାଦ- ମାନଙ୍କର ଭୋଗଦଖଲ ୪୦ --- ୭୯ ଗୁଣ୍ଠ ବାକ୍ ପାହି ଜମିରୁ ଜମା ଟ ୧ । ଅଟେ ଉକ୍ତ ଜମି ଓ ତହିଁର ବାସ୍ତୁଘର ମୋ ୧ ଖାନୁ ଦ ୩ ଖଣ୍ଡ ମଧ୍ୟ ପରଛଡ଼ ଦବାତ ଉତ୍ତାର ମୋ ୨ ଡ଼ା ସହିତ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୨୫ ଙ୍କା

୨ । କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ପୁଲିଶ ଷ୍ଟେସନ ସବରେଜିଷ୍ଟ୍ରାର ଇଲାକାର । ପ୍ର । ଛତ୍ରଣ ମୌ । ଗୃହସ୍ଥପଟଣା ଉକ୍ତ ବାଟରେ ଥିବା ପ୍ରଜାବାଦର ଭୋଗ ଦଖଲ ଗୁଣ୍ଠ- ବାକ୍ ପାହି ୪ ୦ ୪ ଜମିରୁ ଜମା ଟ ୧ ୧ ଙ୍କା ଉକ୍ତ ୪ ୦ — ୪ ଏ ମୋକଦ୍ଦମାରେ ନିଲାମ ହେବ ଅନୁମାନିକ ମୂଲ୍ୟ ଟ ୫ ୧

---

ନ ୭୬୮ ନମ୍ବର ଡିକ୍ରୀଜାରୀ ସନ ୧୯୦୯ ମସୀହା

କଟକ ଦ୍ୱିତୀୟ ମୁନସଫି ଅଦାଲତ

ହୃଷୀକେଶ ଦାସ । ସା । ସିଙ୍ଗାପୁର । ପ୍ର । ହରମୂଲ ପୋ: ଅ: ସାଲେପୁର ବାଦୀ

ବନାମ

କଣ୍ଠମଣି ଓଗେର । ସା । ସିଙ୍ଗାପୁର । ପ୍ର । ହରମୂଲ ପ୍ରତିବାଦୀମାନେ

ଉପରୋକ୍ତ ଡିକ୍ରୀଜାରୀ ମୋକଦ୍ଦମାରେ ଡିକ୍ରୀ ଓଗେର ଟଙ୍କା ଆଦାୟ ସକାଶେ ନିମ୍ନ- ଲିଖିତ ଦଖଲ ସମ୍ପତ୍ତି ଆସନ୍ତା ସନ ୧୯୧୦ ମସୀହା ଜାନୁୟାରୀ ମାସ ତା ୧୫ ରଖରେ ନିଲାମ ହେବ ।

ତପସିଲ ସମ୍ପତ୍ତି

୧ । କଟକ ଜିଲ୍ଲା ଅନ୍ତର୍ଗତ ପୁଲିଶ ଷ୍ଟେସନ ସାଲେପୁର ସବରେଜିଷ୍ଟ୍ରାର ସାବକ କଟକ ହାଲ ସାଲେପୁର ଇଲାକାଧୀନ । ପ୍ର । ହରମଲ ନ ୧୨୫୮ । ୧୨୫୯ ଓ ନ ୩୬୬୬ ନମ୍ବର ତଉଜିଭୁକ୍ତ । ତା । ବାହାଲପଡ଼ା । ମୌ । ସିଙ୍ଗାପୁର ଉତ୍ତରବାଟରେ ଥିବା ନ ୧୨ ନମ୍ବର କଣ୍ଠମଣି ଓଗେରଙ୍କ ନିଜ ଦଖଲ ଗୃହଗାର୍ଗ୍ରିଭ- ବାଡ଼ିର ୧୨ ନମ୍ବର ଖତିୟାନ । ବା । ୪ ୦—୪୫୩ ଡ : ଜୁ ଜମା ଟ ୦ ୩।୮ ଓ ପ୍ରକୃତରେ ଉକ୍ତ ଖତିୟାନରେ ନ ୧ ନମ୍ବର ପ୍ରଜାବାଦ ଦାମରେ ୪ ୦ — ୩୮ ଡ: ଜୁ ଜମା ୩। ଓ ଉକ୍ତ

। ମୌ । ସ୍ଥିତ ନ ୨୨ ନମ୍ବର ଖତିୟାନ । ବା । ପାହି ସ୍ଥିତିବାନ ୪ ୩ — ୦୮୮ ଡ: ଜୁ ଜମା ଟ ୬୩।୯ ମଧ୍ୟରୁ ୪ ୦ ୫୭୦ ଡ: ଜୁ ମୋଟ ଜମା ଟ ୧।୩ ଏବଂ ଏକଦା ଓ ପାହି ଉତ୍ତରପୁ । ବା । ୪ ୧ — ୦ ୫୮ ଡ: ଜୁ ଜମା ଟ ୧୩।୩ ଓ ଉକ୍ତ ଜମିର ଦଖଲ ସ୍ୱତ୍ୱସହିତ ନିଲାମ ହେବ ।

---

୬୮୭ ନମ୍ବର ଡି: ସନ ୧୯୦୯ ମସୀହା ।

। ଉ । ୨ୟ ମୁନସଫି ଅଦାଲତ କଟକ

ଡା: ବରେନ୍ଦ୍ରକୃଷ୍ଣ ନାୟକ । ସା । ଦୋଷଲ । ପ୍ର । ହରିହରପୁର ଡିକ୍ରୀଦାର

( ବନାମ )

ଡା: ବୈଦ୍ୟନାଥ ନାୟକ । ସା । ଦୋଷଲ । ପ୍ର - ହରିହରପୁର ଦେଣଦାର

ଏ ମୋକଦ୍ଦମାରେ ଡିକ୍ରୀଦାରଙ୍କର ଡିକ୍ରୀର ଓଗେର ଟ ୮୭।୯ ପାଉଣା ସକାଶେ ଦେଣ ଦାରଙ୍କର ନିମ୍ନଲିଖିତ ସମ୍ପତ୍ତି ସନ ୧୯୧୦ ମ ଜାନୁୟାରୀମାସ ତା ୧୫ ରଖ ନିଲାମ ହେବ ।

ତପସିଲ ସମ୍ପତ୍ତି ।

ଜିଲ୍ଲା ଥାନା ଜଗତସିଂହପୁର ସବ ରେ: । ମୁ । ଜଗତସିଂହପୁର ଜିଲ୍ଲା । ପ୍ର । ହରି ହରପୁର ନ ୨୨୦୭ ନମ୍ବର ତା: ଭୁକ୍ତ । ତା । ଅଡ଼ଙ୍ଗ । ମୌ । ଅଡ଼ଙ୍ଗ ସାମିଲ ଅରଣା ଉତ୍ତ- ରାହେ ଥିବା ନ ୧୨୫ ନମ୍ବର ଖତି ବାବତ ନିମ୍ନ- ଲିଖିତ ସମ୍ପତ୍ତି ନମ୍ବର ଅନୁସାରେ ୪ ୩—୮୨୭ ପାହି ସ୍ଥିତିବାନ ରସୁଲ ଜମିର ଜମା ଟ ୧୩।୩ ଅଟେ ତହିଁମଧ୍ୟରୁ ଦେଣଦାରର ଦଖଲୀ ଭାଗ- ରେ ନିଲାମରେ ଖରିଦ ହୋଇଥିବା ନିମ୍ନଲିଖିତ ମଧ୍ୟ ୪୨—୧୬୯ ନିଲାମ ହେବ ଯାହାର ଆ: ମୂଲ୍ୟ ଟ ୧୦୧ଙ୍କା ।

—0*0—

---

ପତ୍ରପ୍ରେରକଙ୍କ ପ୍ରତି ।

An on looker—We think it unnecessary to make room for this long letter the election having ended satisfactorily.

ଶ୍ରୀ ପୂର୍ଣ୍ଣଚନ୍ଦ୍ର, ଯାଜି—ମୋକଦ୍ଦମା ହେଉ ତହିଁର ଫଳ ଜଣାଇଲେ ପ୍ରକାଶ ହୋଇ ପାରେ ।

ପ୍ରଥମ ସେଷ ଉଷଦେବୁଲ ସେବାଶ୍ରମ ସମ୍ବନ୍ଧୀ ବ୍ୟକ୍ତି ବିଶେଷ ସଙ୍ଗେ ମହାନ୍ତିର କଥା ପ୍ରକାଶ କରିବା ଉଚିତ ବୋଧ ନ ହେବାରୁ ଉପେକ୍ଷିତ ହେଲା ।

ଶ୍ରୀ ଲକ୍ଷ୍ମ ପ୍ରସାଦ ଦାସଗୁପ୍ତ ସମ୍ବ—ଉତ୍କଳ ସମ୍ମିଳନୀର କାର୍ଯ୍ୟ ବନ୍ଦ ହୋଇ ନ ଥିବାରୁ କେବେ ଅଧିବେଶନ ହେବ କହି ନ ପା । ଆଶା ଦୃଷ୍ଟ ଶୀଘ୍ର ଗୋଟାଏ ବ୍ୟବସ୍ଥା ହେବ ।

Digitized by srujanika@gmail.com

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

## TECHNICAL EDUCATION in ORISSA.

To

The Editor Utkal Dipika.

Sir,

Literary education with B.A., M. A, and such-like university degrees does not fulfil all the requirements of High Education. High Education not only includes literary education, but Technical, Scientific, Industrial educations are part and parcel of it. In these days, when the motto is "the survival of the fittest" the latter systems of education are most required for the upbuilt of a nation. Literary education may have many good effects, but the hard struggle for existence, that is yawning before us, makes our education fruitless. Our education is providing us mostly with clerkships and school-master-ships-hard-routined labour, natural faculty and ingenuity all dead, a morose and sullen life with no vivacity. The moment we leave our schools and colleges we hanker for such a life. We forget all other sources of maintenance and income. Why so? Our system of education is blunting our intellect.

In this 20th century, when all other Provinces in India are progressing rapidly in all systems of education, we in Orissa do not even know the meaning of the words—Technical Education and Industrial Education While other Provinces boast of Engineering Colleges, Technical Institutes, Scientific Associations, Factories Mills Trading Companies, we do boast of 'Cruel Fate,' 'dullness of climate,'—nay we can boast of an Ameen class at Cuttack and the workshop at Zobra. Behar has an Engineering School up to Fore man Mechanic class at Bankipore, a B. class in the Patna Collegiate school, even Chotanagpur has a Technical School and a B. class at Ranchi. Three or four years ago we heard of rumours of an Engineering School to be opened in the Old Commr's. office compound, availing of the Zobra workshop. We also read in the annual report of the C. E. College Sibpur of 1906 07 of this proposal.

The able Principal Mr. B. Heaton in course of the report most kindly mentions that there would be 3 Technical centres in Bengal besides Sibpur, two of which do already exist in Patna and Dacca and that the scheme of the school of Engineering at Cuttack "is now being pushed on." Two years have passed away and we do not know what has happened. The Utkal public ought to take interest in such questions. The benign Government is doing great works for us and we can't always expect it guiding us in all stages, and establishing for as new institutions, without even our shewing the least desire for it

To catch the spirit of the age, the mind should be prepared. Let our young men be given Technical and Industrial educations and we would be sure to expect the next generation given to trades and-business-life which is now a mist, rather a myth, to us. Let the soil be prepared and it is sure to produce good harvest.

We shall in the next issue deal what system of training may soon be adopted by the co-operation of the people with the Govt. which will be most advantageous for us at the present crisis.

8-12-09 Sibpur } Bhubanananda Da's. of Dt. Puree.

---

ମାନ୍ୟବର ଉତ୍କଳଦୀପିକାର ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ ।

ନିମ୍ନଲିଖିତ କଏଟି ପଂକ୍ତି ଆପଣଙ୍କ ପତ୍ରର ଏକ ପାର୍ଶ୍ୱରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଗତ ବର୍ଷ କେନ୍ଦ୍ରାପଡ଼ାରେ ଗୋଟିଏ କୃଷି-ଶିଳ୍ପ ପ୍ରଦର୍ଶନୀ ଖୋଲିଥିଲା । ଯାହାକି ୫ : ୬ : ଅନେକ ଲୋକ ଉକ୍ତ ପ୍ରଦର୍ଶନୀକୁ ଅନେକ ଜିନିଷ ପଠାଇଥିଲେ । ପୁରସ୍କାର ପାଇବା ଦୂରେ ଥାଉ ଜନ ୨ ର ଜିନିଷ ମଧ୍ୟ ଫେରି ପାଇଲେ ନାହିଁ । ଚଳିତ ବର୍ଷ ନାଟପୁରରେ ପ୍ରଦର୍ଶନୀ ହେବାର ସ୍ଥିରହୋଇ ଅଛି । ଅନେକ ଲୋକ ଜିନିଷ ଫେରି ନ ପାଇବା ଭୟରେ ଜିନିଷ ପଠାଇବାକୁ ସାହସ କରୁ ନାହାନ୍ତି ଏଣୁ ଏ ପ୍ରଦର୍ଶନୀର କର୍ତ୍ତୃପକ୍ଷଙ୍କୁ ଧ୍ୟାନ ଦେବା ନିମନ୍ତେ ସେମାନେ ଯେପରି ଏ ପ୍ରଦର୍ଶନୀର ପ୍ରାପ୍ତ ସମସ୍ତ ଜିନିଷ ଫେରାଇ ଦେବାର ବନ୍ଦୋବସ୍ତ କରନ୍ତେ ଏବଂ ଉକ୍ତ ପ୍ରଦର୍ଶନୀର ଜିନିଷର ମୂଲ୍ୟ ଦେବାର ବନ୍ଦୋବସ୍ତ କରିବେ, ତାହାହେଲେ ସମସ୍ତଙ୍କର ମଙ୍ଗଳ ହେବ ।

ଇତି ।

ବଶମ୍ବଦ

କଳମାଟୀଥ }
ତା ୨୮।୧୧।୦୯ } ଶ୍ରୀ ବୃନ୍ଦାବନ ଦାସ

---

ମହାଶୟ

ଗତ ତା ୬ ରିଖ ସୋମବାରେ ରାତ୍ର ସାଢ଼େ ଦଶ ଘ ୩ ଘଣ୍ଟା ସମୟରେ କେନ୍ଦୁ ଦାଣ୍ଡରୁ ଗୋଟାଏ ଜଲନ୍ତା ଝଡ଼ ଆସି ଏଠାରେ ନିକଟସ୍ଥ ନିବାସୀ ଚନ୍ଦ୍ରଶେଖର ସିଂହ ସାମନ୍ତ (ପଟାଣ-ସାମନ୍ତ) ଙ୍କ ଗୃହ ମଧ୍ୟରୁ ଗୋଟାଏ ଶୟନ କରିଥିବା ୮ । ୯ ବର୍ଷ ବାଳକଟିକୁ ନେଇଯାଇ ମାତ୍ର ସମସ୍ତ ଲୋକମାନେ ଅବଶିଷ୍ଟ ହେବାରୁ ଅଗ୍ରଥିବା ଏହାର ଯାଇଥିବାର ଲକ୍ଷ୍ୟ ଅଛି ପ୍ରକାଶ କଲେ ଯେ ବାଳକଟିକୁ ବାଘ ଖାଇ ଅଛି । ଏବଂ ତାହାର କେବଳ ଅସ୍ଥି ଓ ମାଂସ ଖଣ୍ଡ ଖଣ୍ଡ ହୋଇ ଘର ପଛରେ ପଡ଼ିଅଛି । ଏହା ଶୁଣି ଶୀଘ୍ର ମହାଜନଙ୍କ ଏ ଗ୍ରାମରେ ଏ ଦୁଷ୍ଟ ବାଘ ପ୍ରକାଶ କରିବାକୁ ମାନ୍ୟବର ସର୍କାର ଏ ଗ୍ରାମ ଗତ ୧୨ ଘଣ୍ଟା ଠାରୁ ନାଇ ଉକ୍ତ ବ୍ୟାଘ୍ରକୁ ବଧ କରିବା ପାଇଁ ସେଠାରେ ଗୋଟିଏ ସ୍ଥାନ ଠିକ କରି ଦେବା ପାଇଁ ସୂର୍ଯ୍ୟାସ୍ତ ସମୟରୁ ସେହି ଜଙ୍ଗଲର ବ୍ୟାଘ୍ର ସମୟରେ ସେହି ଅଗ୍ନି କରିବାକୁ ଆସିବା ମାତ୍ର ସବାସାହେବ ହୋଇ ବନ୍ଧୁକରେ ଏକବାରେ ଗୁଳିଗୁଡ଼ା ଫୁଟାଇବାରେ ବ୍ୟାଘ୍ର ମଧ୍ୟ ପଡ଼ିଲା କରୁଁ ଲେଉଟେ ସେଠାରେ ଓ ଗ୍ରାମସ୍ଥ ବାସିନ୍ଦା ବହୁ ଲୋକ ଅତ୍ର ସମୟରେ ଉପସ୍ଥିତ ହୋଇ ତାହାକୁ ବାଉଁଶଦ୍ୱାରା ବାନ୍ଧି ନାଦ୍ୟ ଅତ ନଗାର ସବାସାହେବ ସମେତ ଗାଉଁର ଭ୍ରମଣ କରି ଉତ୍ସବରେ ଗଲେ । ସବାସାହେବଙ୍କ ଏହା କର୍ତ୍ତବ୍ୟ କାର୍ଯ୍ୟ । ଏହା ନ କରି ସେ ଗରିବ ପ୍ରଜାଙ୍କଠାରୁ କର ଗ୍ରହଣ କରନ୍ତି । ନଗର ଜୁଲୁମ ଦେଖାଇ ପ୍ରଜାବର୍ଗଙ୍କ ରକ୍ଷା କରିବା, ପ୍ରଜାବର୍ଗଙ୍କ ଠାରୁ କଷ୍ଟ ଅତ ଛଡ଼ାଇଦେବା, ପ୍ରଜାଙ୍କର ଶାନ୍ତି ହେଲେ ତ ଶୁଣିବା ଏପରି ନେ ସ୍ଥାନମାନେ କରନ୍ତି ତାହାଙ୍କର ରହିରୁ ସ୍ୱାଗ୍ୟ ପ୍ରକାଶ ହୁଏ । ବନ୍ଧୁକ ଥିଲେ କେହି ପଶୁର ଓ ଚୋରଙ୍କ ଦମନ କରି ନାହିଁ, ଅତଏବ ଅଛି । ମାତ୍ର ରଜବଦୋବ ଦଶ ଅକ୍ଟୋବର । ଆମମାନଙ୍କ ୨ ଦେଶରେ ସ୍ଥାନମାନେ ଟିକିଏ କୃଷ୍ଣିପାଲ ଓ କର ନଷ୍ଟର ବିଷୟରେ ପ୍ରାଣରକ୍ଷାର ଆଦେଶ ଦେଇ ଅଛନ୍ତି ମାତ୍ର ଏହା ପ୍ରତ୍ୟେକ ମାନ, ସେହା ପିଲାଦିନ ଆମମାନଙ୍କ ଦେଶ ଯାହା ମାର୍ଜନା କରୁଥିଲେ । କେତେ ହିଂସ୍ର ଜନ୍ତୁ, ବାଘ ୨ ଭଲ୍ଲୁକ ଇତ୍ୟାଦି ଶ୍ରୀଯୁକ୍ତ ସବାଙ୍କ ସାର୍ଟିଫିକେଟ ଦେଇଛନ୍ତି ଏହା ଆମ୍ଭମାନଙ୍କର ଏହାକୁ ଭାବନାସ୍ୱ । ଇତି ।

ଆଶ କର

ମୁଃ ବଳଙ୍ଗ   ଶ୍ରୀ ଦାମୋଦର ପଣ୍ଡା

---

ମୂଲ୍ୟପ୍ରାପ୍ତି

| | | | |
|---|---|---|---|
| ବାବୁ ଶ୍ରୀଧର ଶୂଢ଼ୈଥ | ପୁରୀ | ୯ | ୧ |
| ,, ପ୍ରେମନାଥ ଭଟ୍ଟାଚାର୍ଯ୍ୟ | କଟକ | ୯ | ୧ |
| ,, ନରସିଂହ ମହାନ୍ତି | ଆଣ୍ଡପୁର | ୯ | ୧ |
| ,, ଗୋପୀନାଥ ମିଶ୍ର | ଅନୁଗୁଳ | ୯ | ୧ |
| ,, ରାମଚନ୍ଦ୍ର ମଙ୍ଗରାଜ'ଉମ୍ପଡ଼ା | ୫ | | ୧ |
| ,, ଶ୍ୟାମ ଦିଶ | ନନ୍ଦମାଳ | ୫ | ୨ ୧ |
| ,, କୃଷ୍ଣଚନ୍ଦ୍ର ଅଧିକାରୀ | ଶେରପୁର | ୯ | ୧ |
| ,, ଦିବ୍ୟସିଂହ ପଟ୍ଟନାୟକ ରୂପକ | ୫ | | ୨ ୧ |
| ,, ଗୋପୀନାଥ ଦାସ | ମଣିନାଗା | ୯ | ୧ |

Digitized by srujanika@gmail.com

Split by PDF Splitter



# ସମ୍ପତ୍ତି ବିକ୍ରୟ

# ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଭଙ୍ଗାରପୁର ଇଷ୍ଟେଟ ମାଲିକ ଶ୍ରୀ ଚୌଧୁରୀ କୃଷ୍ଣଦାସ ଦାସ ଓଗେର ଙ୍କ ୧୯ ଖଣ୍ଡର ହୋଇଥିବା ଋଣମାନ ଋଣ ପରିଶୋଧ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତି ବିକ୍ରୟ ହେବାର ସ୍ଥିର ହୋଇଅଛି ଉକ୍ତ ସମ୍ପତ୍ତିର ବିକ୍ରୟ ପ୍ରସ୍ତାବ ଜନ୍ମ ସ୍ୱାକ୍ଷରକାରୀଙ୍କଦ୍ୱାରା ସନ ୧୯୦୧ ମସିହା ଡିସେମ୍ବର ମାସ ତା ୨୧ ରଖ ମଙ୍ଗଳବାର ଦିବା ଘ ୧ ଟା ସମୟେ କଟକ ମେନେଜର ଅଫିସ ଗୃହରେ ମୂହାମରେ ନିଲାମ ଡାକଦ୍ୱାରା ମହାମାନ୍ୟ ଶ୍ରୀଯୁକ୍ତ ଜଜସାହେବ ବାହାଦୁରଙ୍କ ମଞ୍ଜୁରି ସାପେକ୍ଷେ ଅବଧାରିତ ହେବ । ଖରିଦ ଇଚ୍ଛୁକ ବ୍ୟକ୍ତିମାନେ ଉକ୍ତ ସମୟେ ଉକ୍ତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ସର୍ବୋଚ୍ଚ ଡାକ ଉଚିତ ମୂଲ୍ୟ ବୋଲି ନିମ୍ନ ସ୍ୱାକ୍ଷରକାରୀମାନେ ବିବେଚନା କଲେ ଚତୁର୍ଥାଂଶ ଉକ୍ତ ନିଲାମ ଡାକର ତତ୍ପର ଟଙ୍କା ତାହାଠାରୁ ଡିପୋଜିଟ ନିଆହେବ ପରେ ଉକ୍ତ ପ୍ରସ୍ତାବମାନ କଟକ ଜିଲାର ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ଜଜସାହେବ ବାହାଦୁରଙ୍କ ମଞ୍ଜୁର ହେଲେ ଉକ୍ତ ମଞ୍ଜୁରି ପ୍ରାପ୍ତ ହେବାର ତାରିଖଠାରୁ ୧ ମାସ ମଧ୍ୟରେ ବାକୀ ଟଙ୍କା ସମସ୍ତରେ ରେଭେନ୍ୟୁ ଓ ରେଜେଷ୍ଟ୍ରୀ ଖରଚ ଦିଆଯାଇ ରେଜେଷ୍ଟ୍ରୀ ଅଫିସରେ ସବ୍‌ରେଜେଷ୍ଟ୍ରାରଙ୍କ ମୁଦାବଲରେ ବାଇଥିବା ଡିପୋଜିଟ ଜମି ନିଆଯାଇ କବାଲା ମଞ୍ଜୁର ନାମରେ ବସତ ଓ ବାକୀ ସମ୍ପତ୍ତିରେ ମସ୍ତ ଦସ୍ତଖତରେ ଦଖଲ ଦିଆଯିବ । ଉକ୍ତ ବିଷୟରୁ ଶ୍ରୀଯୁକ୍ତ ଜଜସାହେବ ପ୍ରସଂସିତ ମଞ୍ଜୁର ନ ହେଲେ ଉକ୍ତ ଡିପୋଜିଟ ଜମା ଯାଉଥିବା ଟଙ୍କା ବିନା ସୁଧରେ ଡିପୋଜିଟ ଦେଇଥିବା ବ୍ୟକ୍ତିଙ୍କୁ ଫେରସ ଦିଆଯିବ । ନିମ୍ନଲିଖିତ ସମ୍ପତ୍ତିର ଆବଶ୍ୟକୀୟ ସବିଶେଷ ହାଲ ଜାଣିବା ଖରିଦ ଇଚ୍ଛୁକ ବ୍ୟକ୍ତି ବୁଝିବାକୁ ଇଚ୍ଛା କଲେ ଉକ୍ତ କଟକ ମେନେଜର ଅଫିସରେ କୌଣସି ସମୟେ ଉପସ୍ଥିତ ହୋଇ ସମସ୍ତ ବୁଝି ପାରିବେ । ପ୍ରକାଶ ଥାଉ କି କବାଲା ସମ୍ପାଦନ ଓ ରେଜେଷ୍ଟ୍ରୀ ଅବ ଖର୍ଚ୍ଚ ଖରିଦ ଦେବେ । ଇତି ।

ତା ୧୦ । ୧୨ ସନ ୧୯୦୧ ମସିହା ।

ବିକ୍ରୟ ସମ୍ପତ୍ତିର ତପସିଲ

| [illegible] | [illegible] | [illegible] | [illegible] | [illegible] | [illegible] | ଯେ ବାକୀ ହେବ । | | | | [illegible] |
|---|---|---|---|---|---|---|---|---|---|---|
| | | | | | | [illegible] | ଖଣ୍ଡ । | ମୌଜା । | ଟଙ୍କା । | |
| । ପ୍ର । ଦାଟେ । ତା । ଇନ୍ଦୁତ ତ୨୬୨୧ ରଃ | । ମୌ । ପାରଖଣ୍ଡ ଗାଁ | ସର୍ବଦମୀ ବ । ୮୦/ | ଶ । ର । କୃଷ୍ଣଦାସ ଦାସ ଓଗେର | | । ଦ । ସଦେ ସଦର ଜମା ୮ ୯ ୳୍ / ମଫସଲ ଜମା ୮ ୧୳୍ / | | | । ମୌ । ପାରଖଣ୍ଡ ଗାଁ | ଜମା ସଦର ୮ ୯୳୍ / ମଫସଲ ଜମା ୮୧୳୍ / | |
| । ପ୍ର । ଘରଣ । ତା । ଚଉଡ଼ି ଡ ୨୪୫ ରଃ | ମୌ । ଭୁଗଡ଼ ଓଗେର | ଜରିପ ସ । ବ । ୦/ | ଏକଡ | | । ଦ । ସଦେ ଜମା ୮୩୮୳୍ / ମଫସଲ ଜମା ୬୭୩।/୧ | | | । ମୌ । ଭୁଗଡ଼ ଓଗେର | ସଦର ୮୩୮୳୍ / ମଫସଲ ୬୭୩।/୧ | |
| । ପ୍ର । ବର- ବରପୁର । ତା ଗଉଡ଼ାଂସ ତ୨୧୮୮ ରଃ | | ଜମିଦାରୀ । ବ । ୦/ | ଏକଡ | | ସଦର ଜମା ୮ ୮୩୳୍ ମଫସଲ ଜମା ୮୧୩୯୳୍ / ୬୳୍ | | | । ମୌ । ଗରଡ଼ାପଡ଼ା ଓଗେର | ସଦର ଜମା ୮୮୩୳୍ ମଫସଲ ଜମା ୮୧୩୯୳୍ / ୬୳୍ | |
| । ଜ । ବସୁଦେପୁର ଡ ୧୩ ରଃ | | ଜମିଦାରୀ ବ ।୦୧୪ ୦୨୧୧୬ ୳୍/୪ ୦୬ ୨୫ | ଏକଡ | | ଚଉଦିମର ସଂଖ୍ୟା ସଦର ଜମା ୬୨୭।/୬ ମଫସଲ ଜମା ୧୦୧।/୬ | | | | ସଦର ଜମା ୮୨୭।/୬ ମଫସଲ ଜମା ୧୦୧।/୬ | |
| । ପ୍ର । ନଗ- ରବାଦ । ତା ଧୁନ୍ଦୁଦିଆଗଞ୍ଜ ତ୨୫୧୨ ରଃ | । ମୌ । ଗୃଜିଳଅ ଗଞ୍ଜ | ଜମିଦାରୀ । ବ । ୦୧୳୍ ୨ | ଏକଡ | | ସଦର ଜମା ୮୨୳୍ / ୬ ମଫସଲ ଜମା ୬୪୳୍ / ୭ | | | । ମୌ । ଗୃଜିଳଅ ଗଞ୍ଜ | ସଦର ଜମା ୬୨୳୍ / ୬ ମଫସଲ ଜମା ୬୪୳୍ / ୭ | |
| । ତା । ମାର ଦରବନଗଡ ମୌ । ହମଳ ଦ୧୮୪୬ ରଃ | । ମୌ । ହମର | ଜମିଦାରୀ ବ । ୦/୬ | ଏକଡ | | ସଦର ଜମା ୬୭୨୳୍ / ୬ ମଫସଲ ଜମା ୬୧୧୨୳୍ / | | | । ମୌ । ଉମର ଓଗେର | ସଦର ୬୭୨୳୍ / ୬ ମଫସଲ ଜମା ୬୧୧୨୳୍ / | |
| । ପ୍ର । ସ୍ୱାଗ ନ୩୮୯୬ ରଃ | । ମୌ । ସାଇଲେ | ଜମିଦାରୀ ବ । ୬୧୧ | ଏକଳ | | ସଦର ଜମା ୮୧୯ ୧ ମଫସଲ ଜମା ୮୩୪/୯ | | | । ମୌ । ସାଇଲେ | ସଃ ୮୧୧୧ ମଃ ୬ ୩୪/୯ | |
| । ପ୍ର । ହୋ- ଦଣ୍ଡା । ତା । ବଡ଼ଲପଡ଼ା ତ୧୯୬୮ ରଃ | | ସର୍ବଦମୀ ବ ।୦୳୍ ୩ | ଏକଡ | | ସଃ ୮୧୭।/ ମଃ ୬୨୨୳୍ / | | | | ସଃ ୮ ୧୭।/ ମଃ ୮୨୨୳୍ / | |
| । ପ୍ର । ଖରଣ । ତା । ସୁର- ଭାଇନଗର ତ୨୩୮୦ ରଃ | । ମୌ । ଅଟଳ ଓଗେର | ଜମିଦାରୀ । ବ । ୦/ | ଏକଡ | | ଚଉଦିମର ସଦର ଜମା ୬ ୩୳୍ / ମଃ ୬୯୧୳୍ / ୧୦ | | | । ମୌ । ଅଟଳ ଓଗେର | ସଃ ୩୳୍ / ମଃ ୯୧୳୍ / ୧୦ | |

। ଯ । କଟକ ମେନେଜର
ଭଙ୍ଗାରପୁରଷ୍ଟେଟ

Digitized by srujanika@gmail.com

Split by PDF Splitter

REGISTERED No. C 31

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭାଗ ୪୪ ଭାଗ
ଖଣ୍ଡ ୫୦ ସଂଖ୍ୟା

CUTTACK SATURDAY THE 25th December 1909.

ପୌଷ ୨୧୧ ଇ ୧୨ ୧୩୧୭ ସାଲ ଶନିବାର

କଟକ ପ୍ରିଣ୍ଟିଂ କମ୍ପାନି ଲିମିଟେଡ ପ୍ରେସରେ ମୁଦ୍ରିତ ଓ ପ୍ରକାଶିତ

ଅଗ୍ରିମ ୪ ୩୧

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମବାର ସକାଶେ ଧାଡ଼ିପ୍ରତି ୫୦। ଓ ପରବର୍ତ୍ତୀ ସକାଶେ ୫୦ ଦୁଇ ଏକ ସମୟ ୫୦ ମାନ। କୌଣସି ବିଜ୍ଞାପନ ଯେତେ ... ହୋଇଲେହେଁ ଉକ୍ତର ଗର୍ତ୍ତ ୫୦ରୁ କମ ହେବ ନାହିଁ। ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥାଂଶ ଯଥାକ୍ରମେ ହେବ। ଅଧିକ ଦିନ ସକାଶେ ସତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ବିଜ୍ଞାପକର ମୂଲ୍ୟ ବିଜ୍ଞାପନର ସଙ୍ଗରେ ପଠାଇବାକୁ ହେବ।


## ବିଜ୍ଞାପନ।

କଟକ ପ୍ରିଣ୍ଟିଂକମ୍ପାନିଙ୍କର

## ନୂତନ ପଞ୍ଜିକା।।

ଶକାବ୍ଦ ୧୮୩୨ ସନ ୧୩୧୭ ଓ ୧୩୧୮ ସାଲ ଇଂରେଜୀ ସନ ୧୯୧୦। ୧୯୧୧ ମସିହାର ସୂର୍ଯ୍ୟପର ପ୍ରକାଶିତ ହୋଇ ବିକ୍ରୟ ହେଉଅଛି। ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ୍, ଉତ୍ତମ କାଗଜରେ ମୁଦ୍ରିତ ଏବଂ ବିଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ। ସର୍ବତ୍ର ଏହି ପଞ୍ଜିକାର ଅଧିକତର ଆଦର ଏବଂ ଅଧିକତର ଗ୍ରାହକ। ଏହାର ବିଶୁଦ୍ଧତା ସମ୍ବନ୍ଧେ ଅଧିକ କହିବା ବାହୁଲ୍ୟ ଅଟେ।

| | |
|---|---|
| ବଡ଼ପଞ୍ଜିକା | ୮୦। |
| ଛୋଟପଞ୍ଜିକା | ୮୦୧୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ।



# THE BHARAT INSURANCE COMPNY, LIMITED.

## HEAD OFFICE:—

Bharat Buildings, Lahore.
(THE PIONEER SWADESHI OFFICE)

Branches :—Lahore, Rawalpindi, Sukkur, Nagpore, Ajmere Ahmedabad, Madras, Hyderabad Deccan.
Chief Agencies :—Calcutta & Bombay.
Chairman :—The Honourable Mr. Harkishna Lal Bar-at-law Lahore.
Yearly Income :—Over 400,000.
Issues all kinds of Life, Endowment, Industrial, Marriage and Education. Annuity and Pension and Rupee policies without Medical Examination,

1. Policies non-forfeitable.
2. Surrender Values fixed.
3. Policy holders may participate in the profits of the Co.
4. Prompt Payment of claims.
5. All kinds of facilities are offered.

RATES LOWEST COMPATIBLE WITH SECURITY.

Patronised by all classes in India *Canvassers & Introducers of business always encouraged.*

For full particulars apply to:—
Lajpat Rai Sahni,
Manager.



## ଓରିଏଣ୍ଟାଲ ଗଭର୍ଣ୍ଣମେଣ୍ଟ ସିକିଉରିଟି ଲାଇଫ ଏସିଓରେନ୍ସ କୋମ୍ପାନି ଲିମିଟେଡ

ହେଡଅଫିସ ବମ୍ବେ, ୧୮୭୪ ସାଲରେ ସ୍ଥାପିତ

ଏହି ଜୀବନ ବୀମା କୋମ୍ପାନି ଅତୁଳନୀୟ, ଏହି କୋମ୍ପାନି ସବୁ ନିୟମରେ ଅତି ସୁଲଭରେ ଏବଂ ସରଳ ପ୍ରକାର ସୁବିଧାରେ ଦେବାକୁ ପ୍ରସ୍ତୁତ।

ସବିଶେଷ ବିବରଣ ନିମ୍ନଲିଖିତ ଠିକଣାରେ ଜାଣନ୍ତୁ

କଲିକତା ବ୍ରାଞ୍ଚ ଅଫିସ
ନଂ ୨୮ ନମ୍ବର ଡେଲହାଉସି ସ୍କୋୟାର
ବେଙ୍ଗଲର ଜେନେରାଲ ଏଜେଣ୍ଟ
ସେକ୍ରେଟେରୀ

କଟକ ଅଫିସ, ଚାନ୍ଦନୀଚୌକ
[illegible]


Digitized by srujanika@gmail.com

# ବିଜ୍ଞାପନ ।

ଏହି ଔଷଧାଳୟରୁ ଯେଉଁ ମହୌଷଧ ସେବନ କରିବା ଦ୍ୱାରା ବହୁକାଳ ସଞ୍ଚିତ ରୋଗମାନଙ୍କରୁ ମୁକ୍ତ ହୋଇ ଅନେକ ରୋଗଗ୍ରସ୍ତ ଲୋକ ସମସ୍ତ ରୋଗ ଶାନ୍ତିର ଅନୁଭବ କରିଛନ୍ତି ସେହି ମହୌଷଧ ସମୂହ ନିମ୍ନରେ ଦିଆଗଲା । —ଯଥା;

୧ । ପୁରାତନ ଜ୍ୱର ନିବାରଣ, ଯାହା ଶାନ୍ତ ହୋଇ ପୁନଃ ଆକ୍ରମଣ କରୁଥାଏ ତାହାର ଅବ୍ୟର୍ଥ ମହୌଷଧ ଜ୍ୱରାନ୍ତକ ବଟି ୧୦ ମାତ୍ରା. ଟ ୧ (

୨ । ଗ୍ରହଣୀ, ଯେଉଁ ଝାଡ଼ା ବେଳେ ମଳ ତରଳ ହୋଇ ପେଟରୁ ନିର୍ଗତ ହୋଇ ଦେହ ଜୀର୍ଣ୍ଣ ଶୀର୍ଣ୍ଣ କରେ ପାଦ ଓ ମୁହଁ ଫୁଲଇ ଏବଂ ଓ ବହୁ ଔଷଧ ସେବନରେ ଯେ ଝାଡ଼ା ବନ୍ଦ ହୋଇ ଶାନ୍ତ ହୁଏ ନାହିଁ ତାହାର ଏକମାତ୍ର ମହୌଷଧ ଗ୍ରହଣୀ ମାତ୍ରା. ଟ ୧ (

୩ । ଅଜୀର୍ଣ୍ଣ, ଯାହାର ଅଗ୍ନି ଏକବାରକେ ମନ୍ଦ ହୋଇ ଖାଦ୍ୟଦ୍ରବ୍ୟ ଜୀର୍ଣ୍ଣ ହୁଏ ନାହିଁ ଓ ଖାଇବାରେ ପ୍ରବୃତ୍ତି ନ ଥାଏ ଏବଂ ପେଟପୀଡ଼ା ଓ ପେଟଫମ୍ପା ହେଉଥାଏ ତାହାର ଏହି ସେବନ ଅବ୍ୟର୍ଥ ମହୌଷଧ ମହାଶଙ୍ଖ ବଟି ୧୦ ମାତ୍ରା. ଟ ୧ (

୪ । ମଳବେଗ ଏହି ମହାରୋଗ ସକଳ ରୋଗର ମୂଳ ଅବସ୍ଥାରେ ଯେ ଝାଡ଼ା ନ ହେଲେ ଖାଇବାରେ ଇଚ୍ଛା ହୁଏ ନାହିଁ ପେଟ ଭାର ହୁଏ ମଳାଶୟରେ କ୍ରିମି ହୁଅନ୍ତି ଅଜୀର୍ଣ୍ଣ ଜ୍ୱର ହୁଏ ନାହିଁ ପେଟ ପୀଡ଼ା ହୁଏ ଓ ... ଏହି ମଳବେଗ ଶାନ୍ତ ଅବ୍ୟର୍ଥ ମହୌଷଧ ମଳଧ୍ୱଂସାରଣୀ ଚୂର୍ଣ୍ଣ ୨ ମାତ୍ରାରୁ ଟ ୧ (

୫ । ଅର୍ଶ, ମଳଦ୍ୱାରରେ ଗାର ଉତ୍ପନ୍ନ ହୋଇ ରକ୍ତ ପଡ଼େ ମଳଦ୍ୱାର ଫୁଲିଯାଏ ... ଏହି ରୋଗର ଅବ୍ୟର୍ଥ ମହୌଷଧ ଅର୍ଶକୁଠାର ୨ ମାତ୍ରା. ଟ ୧ (

୬ । ଶୂଳ, ଯେଉଁ ରୋଗ ପେଟର ପାର୍ଶ୍ୱରେ ପେଟ ବଥାଇ ପିଠି ଓ ଛାତି ଆଦି ଅଙ୍ଗ ଅଙ୍ଗ ଟାଣିଲା ପରି ଓ ବାନ୍ତି କରେ ଓ ଅନ୍ନ ପାକ ହୁଏ ନାହିଁ ତାହାର ଅବ୍ୟର୍ଥ ମହୌଷଧ ଶୂଳ ଗୁଟିକା ୨ ମାତ୍ରାରୁ ଟ ୧ (

୭ । ମେହରୋଗ, ଯେଉଁ ରୋଗରେ ପ୍ରସ୍ରାବ "ଜଳବତ୍ ଶୁକ୍ଳ ହୋଇ" ବାହାର ହେବା ସମସ୍ତ ପ୍ରସ୍ରାବ କଷ୍ଟ ... ଶରୀର ଦୁର୍ବଳ ହୁଏ ... ଏହି ରୋଗର ଅବ୍ୟର୍ଥ ମହୌଷଧ ମେହ ବଟିକା ୨ ମାତ୍ରାରୁ. ଟ ୧ )

୮ । ଦାଦ ଓ ଖାଦ, ଯେଉଁ ରୋଗରେ ଦେହରେ ଦାଦ ଖାଦ ... ଏହି ରୋଗର ଅବ୍ୟର୍ଥ ମହୌଷଧ ... ୨ ମାତ୍ରା. ଟ ୧ (

୯ । ସ୍ତ୍ରୀମାନଙ୍କର ରକ୍ତପ୍ରଦର, ଯେଉଁ ରୋଗରେ ଯୋନିରୁ ରକ୍ତସ୍ରାବ ହୋଇ ... ତାହାର ମହୌଷଧ ... ୨ ମାତ୍ରା. ଟ ୧ (

୧୦ । ଧ୍ୱଜଭଙ୍ଗ, ଯେଉଁ ରୋଗରେ ସ୍ତ୍ରୀ ସହବାସ କରିବାର ଶକ୍ତି ଥାଏ ନାହିଁ ... ଶରୀର ଦୁର୍ବଳ ହୋଇ ... ତାହାର ଅବ୍ୟର୍ଥ ମହୌଷଧ ରତ୍ନାକର ମୋଦକ ୨ ମାତ୍ରା. ଟ ୧ (

୧୧ । ମୃତବତ୍ସା, ଯେଉଁ ସ୍ତ୍ରୀମାନଙ୍କର ଶିଶୁ ଜନ୍ମ ହୋଇ ... ଗର୍ଭ ନଷ୍ଟ ହୋଇ ଯାଉଥିବ ତାହାର ଅବ୍ୟର୍ଥ ମହୌଷଧ କୁମାରକଲ୍ପଦ୍ରୁମ ଘୃତ ୧ ଶିଶି. ଟ ୪ (

୧୨ । ସ୍ତ୍ରୀମାନଙ୍କର ଯେଉଁ ମାସିକ ସ୍ରାବ ଠିକ୍ ସମୟରେ ନ ହୋଇ ... ମାସ ... ଉଦରରେ ବେଦନା ହୋଇ ... ତାହାର ଅବ୍ୟର୍ଥ ମହୌଷଧ ... ୧୪ ମାତ୍ରା. ଟ ୧ (

୧୩ । ଶିରୁଳ ଓ ସ୍ୱପ୍ନଦୋଷ, ... ଶିରୁଳ ... ସ୍ୱପ୍ନଦୋଷ ହୋଇ ... ତାହାର ଅବ୍ୟର୍ଥ ମହୌଷଧ ... ୨ ମାତ୍ରା. ଟ ୧ (

୧୪ । ନାନାଦି କାରଣରୁ ଦେହ ଜୀର୍ଣ୍ଣ ଶୀର୍ଣ୍ଣର ଅବ୍ୟର୍ଥ ମହୌଷଧ ।

ଷଡ଼ଗୁଣବଳିଜାରଣ ମକରଧ୍ୱଜ, ଏହି ମହୌଷଧ ସେବନ କଲେ ଦେହରୁ ପୁରାତନ ସମସ୍ତ ରୋଗମାନେ ... ଶରୀର ... ଯେଉଁମାନଙ୍କର ... ରୋଗର ଔଷଧ ସେବନ କଲେ ... ସେମାନେ ଏହି ମହୌଷଧ ସେବନ କଲେ ... ରୋଗରୁ ମୁକ୍ତ ହୋଇ ... ଏହି ଅବ୍ୟର୍ଥ ମହୌଷଧ ଷଡ଼ଗୁଣବଳିଜାରଣ ମକରଧ୍ୱଜ ୨ ମାତ୍ରା. ଟ ୧(

ଏ। ଛଡ଼ା ଶାସ୍ତ୍ରୀୟ ସୁପରୀକ୍ଷିତ ମହୌଷଧ "ଜ୍ୱର ରୋଗଠାରୁ ସମସ୍ତ ରୋଗର" ଏହି ଔଷଧାଳୟରେ ପ୍ରସ୍ତୁତ ହୋଇ ରଖାଯାଉଅଛି ଯେଉଁମାନେ ଯେ କୌଣସି ରୋଗରେ ପୀଡ଼ିତ ଅଛନ୍ତି ସେମାନେ ... ରୋଗର ... ଲକ୍ଷଣ ଲେଖି ରୋଗ ନୂତନ ବା ପୁରାତନ ... ନାମ ଧାମ ଲେଖି ପତ୍ର ଲେଖିଲେ ଶୀଘ୍ର ... ମହୌଷଧ ପଠାଯିବ ... ଔଷଧ ପୁରାତନ ରୋଗର ବା ନୂତନ ରୋଗ ... ଆବଶ୍ୟକ ହେଲେ ଏହି ନାମରେ ଔଷଧାଳୟ ଠିକଣାରେ ପତ୍ର ଲେଖି ଟ ୦ (... ଟିକଟ ପଠାଇଲେ ... ଔଷଧାଳୟର ସବିଶେଷ ମହୌଷଧର ... ପାଇପାରିବେ ଓ ... ମହୌଷଧ ... ପାଇବେ ଓ ... ଏହି ମହୌଷଧମାନ ... ଓ ... ଏହା ଦ୍ୱାରା ଦୂରବର୍ତ୍ତୀ ଲୋକମାନେ ... ମହୌଷଧ ନେଇ ରୋଗରୁ ମୁକ୍ତ ହେବେ ତାହା ଜାଣି ପାରିବେ ।

ଉତ୍କଳ ସୁପରିଚିତ ... ଔଷଧାଳୟ । ... ।

# ବାଙ୍କେଟ ଦ୍ରବ୍ୟ ।

## ଜାମ୍ବୀ

ଅଜୀର୍ଣ୍ଣ, ଅମ୍ଳ, ଡମ୍ବରା ରୋଗ, ... ବଦ ହଜମ, ପେଟବ୍ୟଥା, ପେଟ ଫମ୍ପା, ପେଟ ଗୁଡ଼ଗୁଡ଼ କରିବା, ସର୍ବ ପ୍ରକାର ଉଦର ରୋଗର ... ଓ ପ୍ରଶଂସିତ ପ୍ରତ୍ୟକ୍ଷ ଫଳପ୍ରଦ ମହୌଷଧ ।

ଅଜୀର୍ଣ୍ଣ, ଅମ୍ଳ ଓ ଉଦରାମୟର ମହୌଷଧ । ଏହା ସେବନ କଲେ ... ଓ ... ହେବା, ... ଓ ... ଫଳପ୍ରଦ ମହୌଷଧ ... ଏକମାତ୍ର ଏହି ଔଷଧ ସେବନ ... ଶୀଘ୍ର ହଜମ ... । ... ମୂଲ୍ୟ ଏକଶିଶି ୮୦ ଡାକମାସୁଲ ୫୦ ... ।

### ବାତାରି ତେଲ

ଏହି ତେଲ ମର୍ଦ୍ଦନ କଲେ ସର୍ବ ପ୍ରକାର ବାତ ଏବଂ ଅଙ୍ଗ ଓ ପଠନ ... ବେଦନା, ... ବେଦନା, ... ବେଦନା, କୋମର ବେଦନା, ... ବାତ, ଗଣ୍ଠିଆ ବାତ, ... ବାତ, ଅସ୍ଥି ଓ ମାଂସଗତ ବାତ ପ୍ରଭୃତି ... ଆରୋଗ୍ୟ ହୁଏ ମୂଲ୍ୟ ଏକଶିଶି ... । ଡାଃ ମାଃ ... ।

### ଶିର ପୀଡ଼ାର ତେଲ ।

... ମସ୍ତିଷ୍କ ... ରୋଗ ... । ଏହି ... ତେଲ ... ବ୍ୟବହାର କଲେ ... ଓ ... ଶିର ରୋଗର ... । ... ମୂଲ୍ୟ ... ଡାକମାସୁଲ ...

### ସ୍ତ୍ରୀ କଲ୍ୟାଣ ଘୃତ ।

... ସ୍ତ୍ରୀରୋଗର ଅବ୍ୟର୍ଥ ମହୌଷଧ ।

ଏହା ସେବନ କଲେ ... ପ୍ରଦର, ... ବାତ, ... ରକ୍ତ ... ଓ ... ।

ଏହି ... ।

... ଏହା ... ଔଷଧ । ମୂଲ୍ୟ ଏକଶିଶି ... ଡାକମାସୁଲ ... ।

... ଭିଷଗ୍‌ରତ୍ନ ... ଆଚାର୍ଯ୍ୟ
... ପୋଃ ଅଃ କଲିକତା
Barahanagar P. O. Calcutta.

Split by PDF Splitter
Digitized by srujanika@gmail.com

Split by PDF Splitter



# NOTICE.

Wanted a Forest Clerk on Rs. 25 per month. None need apply who has not passed the Entrance Examination and has no experience of office works. Applications will be received till the 25th instant.

Nayagarh State } The December 09 } — Sudersan Das for Superintendent, Nayagarh.

---

Wanted F. A. Assistant Master for the Maurbhanj H. E. school on Rs. 30 rising to Rs. 40. Experienced Oriya candidates should apply to the undersigned, stating age and qualifications, by the 3rd January 1910.

Baripada } 10—12—09 } — S. N. Chakravarti Superintendent of Education Maurbhanj State

---

Wanted an experienced Mahut ( elephant driver ) for Ranpur State on a salary Rs. 12 ( twelve ) per month to train and treat newly caught elephants. None need apply who is not specially well versed with elephant treatment and is ignorant of whole things about them. Applications with testimonials will be received by the undersigned up to 31st December 09.

Ranpur Dist. Puri. Orissa 13—12—09 } — Rajah of Ranpur State.

---

# Wanted

an Inspector of Forests and Fisheries on Rs 50 a month. Applicant must be hardy young man. Applications, stating age, with copies of testimonials will be received up to 31st instant by Manager, Kanika Raj,

Raj Kanika P. O.
Cuttack.

---

## ହସ୍ତୀ ବିକ୍ରୟ ।

ଷ୍ଟେଟ ହସ୍ତୀ ୨୨ ଟି ହସ୍ତୀ ବିକ୍ରୟ ହେବ ହୋଇଅଛନ୍ତି । ହେ—ହସ୍ତୀ ଦନ୍ତୀ ମଧ୍ୟ ଅଛନ୍ତି ସେମାନଙ୍କୁ ଇଚ୍ଛା କଲେ ଯୁକ୍ତ ମୂଲ୍ୟରେ ଦଥା ଯାଇ ପାରେ ଯଦି କେହି କ୍ରୟ କରିବାକୁ ଇଚ୍ଛା କରନ୍ତି ସେବେ ଥାନ୍ତି ଅନୁଗ୍ରହ ପୂର୍ବକ ସେ ସ୍ଥାନରେ ଆସି ଅଟ୍ଟକୁ ଲୋକ ପଠାଇ ହସ୍ତୀ ଦେଖି ମୂଲ୍ୟ ସ୍ଥିର କରନ୍ତୁ । ୫।୧୨।୦୯

Rajah of Athmalik

---

## ନୂତନଗ୍ରନ୍ଥ ।

### ଚକ୍ଷୁସାରକ ।

( ଅଦ୍ଭୁତ ବହି—ହସ୍ତଗତ ଚୋଳପୁସ୍ତକ )

ଏପରି ଗ୍ରନ୍ଥ ବଙ୍ଗଳା ବା ଓଡ଼ିଆ ଭାଷାରେ ଏପୂର୍ବେ ପ୍ରକାଶିତ ହୋଇ ନ ଥିଲା । ଏଥିରେ ଯାବତୀୟ ଚକ୍ଷୁର ସହଜ ପ୍ରାପ୍ୟ, ସୁଲଭ ଏବଂ ବହୁପରୀକ୍ଷିତ ଔଷଧମାନ ସୁନ୍ଦର ଓ ସରଳଭାଷାରେ ଲିଖିତ ହୋଇଅଛି । ନୂତନ ଚକ୍ଷୁର ଅଥବା ଚକ୍ଷୁଶାସ୍ତ୍ରରେ ଅନଭିଜ୍ଞ ବ୍ୟକ୍ତିଗଣ ଚକ୍ଷୁ ରୋଗର ଚିକିତ୍ସାରେ ଏହି ଗ୍ରନ୍ଥରୁ ଯଥେଷ୍ଟ ସାହାଯ୍ୟ ପାଇ ପାରିବେ । ଏଥିରେ ସହଜ ପ୍ରାପ୍ୟ ଓ ସ୍ୱଳ୍ପ ମୂଲ୍ୟର ବହୁ-ପରୀକ୍ଷିତ ଔଷଧମାନ ସନ୍ନିବେଶିତ ହୋଇଥିବାରୁ ଏହାଦ୍ୱାରା ପ୍ରତ୍ୟେକ ଗୃହସ୍ଥବ୍ୟକ୍ତିର ଯଥେଷ୍ଟ ଉପକାର ସାଧିତ ହେବ ପଲ୍ଲୀଗ୍ରାମରେ ଡାକ୍ତର ବୈଦ୍ୟ ଅଭାବରୁ ହେବ ନାହିଁ । ସୁତରାଂ ଅର୍ଥବ୍ୟୟର ଯଥେଷ୍ଟ ଲାଘବ ହେବ । ସୁଚିକିତ୍ସକ ନ ଥିବା ସ୍ଥାନରେ ବିପଦ୍‌ କାଳରେ ଏହି ପୁସ୍ତକରୁ ଏପରି ସାହାଯ୍ୟ ମିଳି ପାରିବ, ଯାହା ସହସ୍ର ମୁଦ୍ରା ବ୍ୟୟ କଲେ ମଧ୍ୟ ସମ୍ଭବ ହେବ ନାହିଁ । ଚକ୍ଷୁର, ଅଚକ୍ଷୁର ଧନୀ, ଦରିଦ୍ର ସମସ୍ତଙ୍କର ଏହି ପୁସ୍ତକ ଅତ୍ୟନ୍ତ ପ୍ରୟୋଜନୀୟ ଏବଂ ଉପକାରୀ ଅଟେ । ମୂଲ୍ୟ ଏକଟଙ୍କା ମାତ୍ର । ଡାକ ମାସୁଲ ୫° ଦୁଇ ଅଣା ।

ପ୍ରାପ୍ତି ସ୍ଥାନ କଟକର ସମସ୍ତ ପୁସ୍ତକ ଦୋକାନ ଓ
ଶ୍ରୀ ଗୋବିନ୍ଦପ୍ରସାଦ କବି ଭୂଷଣ
ଅନୁଦେଶୀୟ ଔଷଧାଳୟ ବାଲୁବଜାର,
ପୋ: ଚାନ୍ଦନୀଚୌକ—କଟକ

---

## NOTICE.

Notice is hereby given that the lease of the right to purchase and export Hide and Horns &c. from the Bonai State will be sold by public auction at the office of the Superintendent, Bonai State at Bonaigarh *for a term of 5 years at 10 A.M. on the 20th. Jnry. 1910.* Intending purchasers should send up their applications or appear in person before the undersigned on the above date and hour.

Dated Bonaigarh, 20-12-09 } — Basudeb Misra Superintendent, Bonai State.

---

### বিজ্ঞাপন।

কায়স্থসভা আগামী বৎসরের জন্য ৩টী অসহায় কায়স্থ ছাত্রের শিক্ষাভার গ্রহণ করিতে প্রস্তুত আছেন। অতএব এরূপ ছাত্রের অভিভাবকগণ ও যে সকল ছাত্র আংশিক ও সম্পূর্ণ ব্যয় প্রদান করিয়া ছাত্রাবাসে অবস্থান করিতে ইচ্ছা করেন তাঁহারা সম্পাদকের নিকট আগামী জানুয়ারী মাসের ১০ তারিখের পূর্ব্বে আবেদনপত্র পাঠাইতে পারিবেন।

কটক বাখরাবাদ ২৩-১২-০৯ } — শ্রী অক্ষয়কুমার ঘোষ অবৈতনিক সম্পাদক

---

## ବିଜ୍ଞାପନ ।

ଗଭର୍ଣ୍ଣମେଣ୍ଟଙ୍କ ଅନୁମୋଦିତ ନୂତନ ନିୟମରେ ଆଗାମୀ ଜାନୁୟାରୀ ମାସରୁ କିଣ୍ଡରଗାର୍ଟେନ ସ୍କୁଲର ୧୯୧୦ ମସିହାର କାର୍ଯ୍ୟାରମ୍ଭ ହେବ । ସୁଯୋ-

ଗଂରଜୀ, ସଂଯୁକ୍ତପଦ୍ଧତି ଶିକ୍ଷା ନୂତନ ପଦ୍ଧତିର ପାଠମେଣ୍ଟ ପ୍ରଣାଳୀରେ ପ୍ରବେଶାର୍ଥୀମାନଙ୍କର ନିର୍ଦ୍ଦିଷ୍ଟ ହୋଇଥିବା ଆବଶ୍ୟକ । ପ୍ରଥମ ଦ୍ୱିତୀୟ ଶ୍ରେଣୀରେ ଯେଉଁମାନେ ପ୍ରବେଶ କରିବେ, ସେମାନଙ୍କୁ ନୂତନ ନିୟମାନୁସାରେ ଇଂରଜୀ ପଢ଼ିବାକୁ ହେବ ଏବଂ ସେମାନଙ୍କୁ ପରୀକ୍ଷା କରି ଉପରୁ ଯୋଗ୍ୟତାନୁସାରେ ଯାହା ହୋଇଥିବ ଶ୍ରେଣୀରେ ରଖାଯିବ । ପ୍ରବେଶାର୍ଥୀମାନେ ଆଗାମୀ ଜାନୁଆରୀ ମାସ ୩ ତାରିଖରେ ପାଠ ସାର୍ଟିଫିକେଟ ସହିତ ଉକ୍ତ ହେଡ଼ମାଷ୍ଟରଙ୍କ ନିକଟରେ ଉପସ୍ଥିତ ହେବେ ।

୨୩।୧୨।୦୯ କଟକ } — Chandra Mohan Maharana. ହେଡ଼ମାଷ୍ଟର, ଟ୍ରେନିଂ ସ୍କୁଲ କଟକ

---

### ‘ଅମୃତଶେଖରପଦକ’।

ଓଡ଼ିଶାରେ ‘ବାଲେଶ୍ୱର’ ବର୍ଷରେ ଅଧିକାଂଶ ରଚନା ଲେଖକଙ୍କୁ ୨୦ ଟଙ୍କା ମୂଲ୍ୟର ଏକ ପଦକ ପ୍ରଦାନ କରାଯିବ । ଓଡ଼ିଶାର ସମସ୍ତ ସ୍ଥାନରୁ ଲେଖ ଆଣି ଏଥିରେ ଲେଖକ ହୋଇପାରିବେ । ଏଥି ପ୍ରବନ୍ଧ ଆଗାମୀ ଜାନୁଆରୀ ମାସ ଶେଷ ଭିତରେ ସାହିତ୍ୟ ସମାଜର ହସ୍ତରେ ହେବା ଆବଶ୍ୟକ ।

ଶ୍ରୀ ଧର୍ମାନନ୍ଦ ପାଣି
ଓଲଟ କଲ ଜଟ କଟକ

---

## ଉତ୍କଳ ଦୀପିକା ।

### THE CONGRESS.

The Christmas is come. During the next week the most important gatherings will be held—social, political, religious and industrial. Since the breaking up of the Congress at Surat, a chill has come over the country, and, to be plain, we do not feel the same enthuthiasm, the same *warmth of feeling which stirred us in* past years—a feeling of National awakening. We know of no delegates from Orissa attending the Congress during the last 2 years. We are not aware of any being elected last year. Even a school-boy knows the motto so often quoted *" United we stand, Divided we fall "; but when we come to any practical work,* we fail to make up our differences and the result is that we have discord where we should have concord and yet every one of us has been at work with one common object the good of the country or as *some will quaintly put it, the uplifting of the nation.* It was a happy moment when the grand idea of the National Congress was conceived. Thanks to those eminent workers and veteran leaders who have done and have been *still doing their best to bring about the unification of the various elements that compose the Indian* Nation. It would be a great misfortune if the Congress meets with a

Digitized by srujanika@gmail.com

premature death because of our stupidity or personal or racial differences. Too many rules and regulations hamper the natural growth of institutions. In our anxiety to give the Utkal Union Conference a constitution we evolved a number of rules and the result is well known—we have come almost to a stand still. The congress too has met with the same difficulty and we are afraid unless we sink our differences and allow a free and natural growth to the Institution, the great assembly will soon cease to be a national assembly. We see that with all the rules in force the selection of the President could not be made till the 17th Instant!! We are however glad that the Hon'ble Pundit Madan Mohon Malavya has been nominated President of the ensuing Lahore Congress. We hope under his wise guidance the Congress will be a success.

The draft resolutions of the next Congress have been published in the papers. They express appreciation of the Reform scheme but Disappointment is felt at the non-adoption of the original clause 3 of the Indian Councils Act ( the one dealing with Executive Councils ). They protest against the Regulations as now drafted and complain that the educated classes are not given a legitimate share in the Councils. They say that the non-moslem portion of the learned professions have been ignored; also that disqualifications and restrictions of an unnecessarily arbitrary character have been imposed on candidates for election and that the regulations lack a liberal and progressive spirit. The treatment of Indians in South Africa has been dealt with and the Government urged to take further steps. The Partition of Bengal is protested against—Deportations are condemned. Enquiry into high prices of food grains is advocated—Laws restricting the alianations of land are condemned and an enquiry thereon is asked for. Resolutions similar to those passed last year are also included dealing with—(1) Higher careers for Indians in the Army ( 2 ) Swadeshi. ( 3 ) Education ( 4 ) Omnibus resolution including Military charges, Separation of Judicial and Executive, Repression measures and Land tax.

———

ଗତ ୧୭ ଋଷରେ ଶେଷହେବା ସପ୍ତାହରେ ପଞ୍ଜାବ ଓ ମାନ୍ଦ୍ରାଜ ପ୍ରଦେଶରେ ସାଧାରଣ ପ୍ରକାର ବୃଷ୍ଟି ହୋଇଥିଲା । ମଧ୍ୟପ୍ରଦେଶର କେତେକ ସ୍ଥାନରେ ମଧ୍ୟ ସାମାନ୍ୟ ବୃଷ୍ଟିଥିଲା ।

—※—

ଗତ ୧୧ ତାରିଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ରୋଗରେ ୫୭୩୦ ମୃତ୍ୟୁ ହୋଇଥିଲା ଯେ ତହିଁ ମଧ୍ୟରେ ଯୁକ୍ତପ୍ରଦେଶ ୨୪୩୨ ପଞ୍ଜାବ ୧୨୮୬ ବମ୍ବେଇ ୭୪୪ ମଧ୍ୟପ୍ରଦେଶ ୪୫ ଓ ବଙ୍ଗପ୍ରଦେଶ ୩୪୩ ବୃଦ୍ଧିଥିଲା ବମ୍ବେଇ ଛଡ଼ା ଏ ସମସ୍ତ ପ୍ରଦେଶରେ ଓ ଅନ୍ୟାନ୍ୟ ଦେଶୀୟ ପ୍ରଦେଶରେ ପୂର୍ବସପ୍ତାହଠାରୁ ମୃତ୍ୟୁ ବଢ଼ିଥିଲା । ପୂର୍ବସପ୍ତାହର ମୃତ୍ୟୁର ସମଷ୍ଟିଥିଲା ୫୦୧୩ ।

—*O*—

ସନ ୧୯୦୭ । ୦୮ ସାଲରେ ବଙ୍ଗପ୍ରଦେଶର ମିଉନିସିପାଲିଟି ସମୂହର ସନ ୧୮୭୯ ସାଲର ୧୧ ଆଇନ ଅନୁସାରେ ଯେ ସମସ୍ତ ଋଣ ଦିଆ-ହୋଇଅଛି ତହିଁର ତାଲିକା କଲିକତା ଗେଜେଟରେ ବାହାରିଅଛି ଓଡ଼ିଶାବିଭାଗରେ କେବଳ ପୁରୀ ମିଉନିସିପାଲିଟି ଜଳକାର୍ଯ୍ୟ ସକାଶେ ପଞ୍ଚାଶ ହଜାର ଟଙ୍କା ଋଣ ନେଇଅଛନ୍ତି ।

—*—

ମାନ୍ଦ୍ରାଜର ଏକ ସାରସମ୍ବାଦରେ ପ୍ରକାଶ ଯେ ଭୂସମ୍ପତ୍ତିର ସବ୍‌ଲିପି ବିଷୟ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଅନେକ ଦିନ ଉତ୍ତମରୂପେ ବିବେଚନା କରି ସେ ପ୍ରଦେଶର ସବ୍‌ଲିପି ପ୍ରସ୍ତୁତ କରିବାର ପ୍ରସ୍ତାବ ଆପାତତଃ ପରିତ୍ୟାଗ କରିବାର ସିଦ୍ଧାନ୍ତ କରିଅଛନ୍ତି । ସବ୍‌ଲିପି ସଂରକ୍ଷଣ ଯୋଗୁ ଓଡ଼ିଶାରେ ଅମ୍ଭେମାନେ ଯାହା ଭୋଗ କରୁଅଛୁଁ ତାହା ସ୍ମରଣ କରି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ନ ଦେଇ ରହିପାରୁ ନାହୁଁ । ବଙ୍ଗର ଗବର୍ଣ୍ଣମେଣ୍ଟ ଏଥିରେ କି ଯୁକ୍ତି ପାଇଅଛନ୍ତି ତାହା ବୁଝିବାକୁ ଅମ୍ଭେମାନେ ଅକ୍ଷମ ।

———

ହଠାତ୍ ଅସମୟରେ ଶ୍ରୀଯୁକ୍ତ ଫିରୋଜସା ମେହେଟା ସଭାପତି ପଦରୁ ଇସ୍ତଫା ଦେବାରେ ଭାରତୀୟ କନ୍‌ଗ୍ରେସ ବା ଜାତୀୟସଭାର ଘୋର ଚିନ୍ତା ଉପସ୍ଥିତ ହୋଇଥିଲା । କନ୍‌ଗ୍ରେସ କମିଟି ଯଥୋଚିତ ତତ୍ପରତାସହିତ ପ୍ରାଦେଶିକ କମିଟିମାନଙ୍କ ମତ ନେଇ ଶ୍ରୀଯୁକ୍ତ ପଣ୍ଡିତ ମଦନମୋହନ ମାଲବ୍ୟଙ୍କୁ ସଭାପତି ମନୋନୀତ କରିଅଛନ୍ତି ଓ ସେ ସମ୍ମତ ହୋଇଅଛନ୍ତି । ଆଗାମୀ ସୋମବାର କନ୍‌ଗ୍ରେସର ବାର୍ଷିକ ଅଧିବେଶନ ଲାହୋରରେ ହେବ । ନାନାସ୍ଥାନର ପ୍ରତିନିଧିମାନେ ମନୋନୀତ ହୋଇଅଛନ୍ତି । କେବଳ ଉତ୍କଳ, ବଙ୍ଗର ଉତ୍ସାହ ଊଣା ଦେଖାଯାଏ ।

———

କଲିକତା ହାଇକୋର୍ଟର ଜଜମାନେ ଶନିବାରଦିନ କଚେରି କରୁଥିବାରୁ ତାହା ଉଠାଇଦେଇ ବରଂ ପ୍ରତିଦିନ ଅପରାହ୍ଣ ୫ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାର ପ୍ରସ୍ତାବ ହୋଇଥିଲା । ଏତାବତ୍ ହାଇକୋର୍ଟର ଜଜମାନେ ପ ୪॥ ଘଣ୍ଟା ପର୍ଯ୍ୟନ୍ତ କଚେରି କରୁଥିଲେ । ବର୍ତ୍ତମାନ ପ୍ରଧାନ ବିଚାରପତି ଓ ଅନ୍ୟାନ୍ୟ ବିଚାରପତିମାନେ ପ ୫ ଘଣ୍ଟା ପର୍ଯ୍ୟନ୍ତ କଚେରି କରିବାର ନିୟମ କରିଅଛନ୍ତି । ଏଥିରୁ ମାମଲାମାନଙ୍କ ଶୀଘ୍ର ଫଇସଲ ହେବାର ଭରସା ହୁଅଇ । ଲୋକଙ୍କର ସୁବିଧା ନିମିତ୍ତ ଜଜମାନେ ଯେ ଆପଣାର ସୁଖସ୍ୱଚ୍ଛନ୍ଦର ଅପେକ୍ଷା ନ ରଖିଲେ ଏଥିପାଇଁ ଅମ୍ଭେମାନେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ।

—※—

ବିଲାତରେ ବଟ ପାଲମର ନାମ ପ୍ରସ୍ତାବ-ନିବାରଣ ଅଭିଯୋଗ ଲୁଣ୍ଠାନ ହେବାର ଚେଷ୍ଟା ହେଉଅଛି । ଏ ଲୁଣ୍ଠାନର ମୂଳଧନ ଲକ୍ଷ ଛତିଶହଜାର ପାଉଣ୍ଡ ଅର୍ଥାତ୍ ସାର୍ଦ୍ଧ ଉନବିଂଶ ଲକ୍ଷଟଙ୍କା ହେବ । ପ୍ରତ୍ୟେକ ଅଂଶର ମୂଲ୍ୟ ଏକପାଉଣ୍ଡ ବା ୮ ୧୫ ଙ୍କା ଇତିମଧ୍ୟରେ ଡ ୨୫୦ ଣ ବୃଦ୍ଧିଙ୍କ ହିସାବ ୨୦୦୦ ..ଏକର ଭୂମିରେ ଦନ୍ତରକ୍ଷ କରିବାର ଚୁକ୍ତି ହୋଇଯାଇଅଛି ଶୀଘ୍ର ତାରଖାନା ଫିଟିବ ତାହା ଉନ୍ନ-ପ୍ରାପ୍ତ ଏ ଲୁଣ୍ଠାନର ହେବା ଉକ୍ତ ଏ ଦେଶରୁ ମାଡ଼ିଅସିଲେ ବିଶେଷ ଅନିଷ୍ଟର ଚିନ୍ତା ହେବ । ଅମ୍ଭେମାନେ ଭରସା କରୁଁ ଦେଶ ଲୋକେ ଦେଖନ୍ତୁ ବର୍ତ୍ତ ତାହାର କାରଣମାନ ସ୍ଥାପିତ କରିବାପ୍ରତି ଯତ୍ନବାନ୍ ହେବେ ।

—※—

ବାଲେଶ୍ୱର ମିଉନିସିପାଲିଟିର ଟଙ୍କା ଅପ୍ରସାତ୍ କରିବାହେତୁ ଜଣେ ଦଫାଦାର ଓ ଜଣେ ବଲମୋହରର ଦୋଷ ସ୍ପର୍ଶ ହୋଇଥିଲେ । ସେମାନଙ୍କର ବିଚାର ଶେଷ ହୋଇଅଛି । ବଲମୋହରର ପ୍ରମାଣ ଅଭାବରୁ ମୁକ୍ତିଲାଭ କରିଅଛି । ମାତ୍ର ଦଫାଦାର ଜ ୪ ଣଙ୍କ ମଧ୍ୟରୁ ଜ ୩ ଣ ମାସେ ଲେଖାଏଁ ଓ ଜଣେ ମା ୬ ସ ସଶ୍ରମ କାରାଦଣ୍ଡ ପାଇଅଛନ୍ତି । ଏ ଦଣ୍ଡ ଶାଳକଉଚ୍ଚରୁ ଜଣେ ଦଫାଦାର ଅଭିଯୋଗାଧୀରେ ଅପିଲ ସେବନ ଜନ ତହିଁ ଅରଦଣ ସହାଲେ ମଇନା ।..ଅମ୍ଭେମାନେ ରାୟ ଦେଖି ନ ଥିବାରୁ ବିଚାରର ସବିଶେଷ ପାଠକମାନଙ୍କୁ ଜଣାଇବାକୁ ଅକ୍ଷମ । ଅପ୍ରସାତ୍ ହୋଇଥିବା ଟଙ୍କା ଅଦାୟ ପକ୍ଷରେ କ ଉପାୟ ହୋଇଅଛି ଜଣା ନାହିଁ । ମୋକଦ୍ଦମା ହେବା-ପୂର୍ବରୁ ଦାରୋଗା ଅନୁସନ୍ଧାନ କରିଥିଲେ ଏବଂ ଦଫାଦାରଙ୍କୁ ନିଶାଇ ଜ ୨ ଣ ଜାମିନଙ୍କଠାରୁ ଅଦାୟ ହେଲେ । ଚେୟାରମାନ ବା ଭାଇସ-ଚେୟାରମାନ ଦାରୋଗା ପ୍ରଭୃତିଙ୍କ କାର୍ଯ୍ୟପ୍ରତି ତୀକ୍ଷ୍ଣଦୃଷ୍ଟି ରଖିଥିଲେ ଏତେ ଅଧିକକାଳ ଆସାମି-ମାନେ ତହବିଲମାନଙ୍କର ଏତେ ଅଧିକ ଟଙ୍କା ଅପ୍ରସାତ୍ କରିବାକୁ ସମର୍ଥ ହୋଇ ନ ଥାନ୍ତେ ।

—*।*—

ଲାହୋରର ସହଯୋଗୀ ଟ୍ରିବିଉନ୍ କହନ୍ତି ଯେ ସ୍ୱାମୀଙ୍କ ସେଣ୍ଟ ଷ୍ଟିଫେନ୍ସ୍ କଲେଜ ..ର ଅଧ୍ୟକ୍ଷ ଡଃ ଓ୍ୱେଷ୍ଟକଟ୍ ଏମ୍, ଏ ସମ୍ପ୍ରତି ସନ୍ନ୍ୟାସ ଗ୍ରହଣ କରିଅଛନ୍ତି । ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଗଣିତ ଶେଷ ପରୀକ୍ଷାରେ ସର୍ବୋଚ୍ଚସ୍ଥାନ

Digitized by srujanika@gmail.com

Split by PDF Splitter



ଅଧିକାର କରିଥିଲେ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟର ବି, ଏ ଓ ଏମ୍, ଏ ପରୀକ୍ଷାରେ ପ୍ରତିବର୍ଷ ପରୀକ୍ଷକ ନିଯୁକ୍ତ ହୋଉଥାନ୍ତି । ସନ୍ନ୍ୟାସ ଗ୍ରହଣ ପରେ ତାଙ୍କର ବେଶଭୂଷା ପରିତ୍ୟାଗପୂର୍ବକ ଶ୍ରୀଦେବ ଟେଁରେ ଧୋତି ଓ ପାଦୁକାଏ ଲମ୍ବିତ ଗୈରିକ ଅଙ୍ଗରଖା ପିନ୍ଧି କଳର ପୁସ୍ତିକ ଘର ପରିତ୍ୟାଗ କରି ବିଦ୍ୟାଳୟର ଏକ ପାର୍ଶ୍ୱରେ ଗୋଟିଏ ଅତିଥିପ୍ରସଙ୍ଗ କକ୍ଷରେ ଆଶ୍ରୟ ଗ୍ରହଣ କରିଅଛନ୍ତି । ଅନ୍ତତଃ ଛମାସ କାଳ ସେହି ସ୍ଥଳର ଅଧିବାସୀ ବନ୍ଧୁ ଅନ୍ୟଲୋକ ଉପରେ ଭାର ହେବ ସହାରାରୁ ତାର ଅବସର ଗ୍ରହଣ କରିବେ । ସମ୍ପ୍ରତି ଛ ଟଙ୍କାରେ ଜୀବନଯାତ୍ରା ନିର୍ବାହ କରୁଅଛନ୍ତି । ଏତେବଡ଼ ବିଦ୍ୱାନ ଓ ବିବେକଶୀଳ ଅବଶ୍ୟ ସନ୍ନ୍ୟାସ ଗ୍ରହଣର ଯଥାର୍ଥ ସ୍ୱାଦୁ ପାଉଅଛନ୍ତି ବୋଲି ସିଦ୍ଧା ଏବେ ବ୍ୟାଜ ସ୍ୱୀକାର କରୁଅଛନ୍ତି । ତାହା ଜନସମାଜରେ ପ୍ରକାଶ କଲେ ଅନେକଙ୍କର ଉପକାର ହୁଅନ୍ତା । ସ୍ୱାଃଦୁଦ୍ରବ୍ୟ ପାଞ୍ଚଜଣ ସଙ୍ଗେ ବାଣ୍ଟିଖାଇବା ସାଧୁର କାର୍ଯ୍ୟ ।

---

ଶ୍ରୀଯୁକ୍ତ କୃଷ୍ଣକୁମାର ମିତ୍ର ଶ୍ରୀଯୁକ୍ତ ଅଶ୍ୱିନୀକୁମାର ଦତ୍ତ ପ୍ରଭୃତି ନ ୯ ଣ ବଙ୍ଗାଳୀ ଗତ ବର୍ଷ ଏହି ମାସ ତା ୧୧ ଓ ୧୩ ରଖରେ ବିନା ବିଚାରରେ ନିର୍ବାସିତ ହୋଇଥିଲେ । ସୁଦ୍ଧା ୨ ବର୍ଷେ ପୂର ଗଲା ଏ ପର୍ଯ୍ୟନ୍ତ ସେମାନେ ଏଡ଼େ ଜେଲଖାନାରେ କାଳ କାଟୁଅଛନ୍ତି । ଆଉ କେତେ କାଳ ଏହି ଦଶା ଭୋଗ କରିବେ କିଏ କହିପାରେ ? ଗବର୍ଣ୍ଣମେଣ୍ଟ ଯାହା ମନେ କରନ୍ତୁ ସାଧାରଣର ଦୃଢ଼ ବିଶ୍ୱାସ ଏମାନେ ନିର୍ଦ୍ଦୋଷୀ କେବଳ ସ୍ୱଦେଶ ସେବାରେ ଅଧିକତର ଅନୁରାଗ କାର୍ଯ୍ୟଦ୍ୱାରା ଦେଖାଇବାହେତୁ ଏ ବିପଦରେ ପଡ଼ିଅଛନ୍ତି । ତେଣୁ କୃଷ୍ଣକୁମାର ବାବୁଙ୍କର ଜେଲ କଲିକତାରେ ଏବଂ ଅଶ୍ୱିନୀ ବାବୁଙ୍କର ବନ୍ଧୁବର୍ଗ ବରିଶାଲରେ ସେ ଦୁଇ ବାବୁଙ୍କର ବାର୍ଷିକ ଦିବସ ପ୍ରତିପାଳନ କରିଲେ । କଲିକତାରେ କୃଷ୍ଣକୁମାରଙ୍କ ଘରେ ଉପାସନା ହୋଇଥିଲା ଏବଂ ବରିଶାଲରେ ଦୁଃଖସୂଚକ ନଗର ଭ୍ରମଣ ଉପବାସ ଦୋକାନ ବନ୍ଦ ଇତ୍ୟାଦି ହୋଇଥିଲା । ସାଧାରଣ ହୃଦ୍ୟଶୀଳତ ଏପରି ସମବେଦନା ଦର୍ଶନ ଉଚିତ କାର୍ଯ୍ୟ ମାତ୍ର ଏତିକରେ ସନ୍ତୁଷ୍ଟ ନ ହୋଇ ସ୍ୱଦେଶୀ ବ୍ୟବସାୟର ଉନ୍ନତିର ଉପାୟ କରିବା ବିଶେଷ କର୍ତ୍ତବ୍ୟ । ଅତ୍ୟନ୍ତ ପରିତାପର ବିଷୟ ଯେ ଗବର୍ଣ୍ଣମେଣ୍ଟ ଏ ପର୍ଯ୍ୟନ୍ତ ମାନ୍ୟ ଭଦ୍ର ନିର୍ବାସିତଙ୍କ ସଙ୍ଗେ ଜନସାଧାରଣଙ୍କର ମନସ୍ତାପ ବଢ଼ାଉଅଛନ୍ତି ।

---

ଶିବପୁର ଇଞ୍ଜିନିୟରିଂ କଲେଜରେ ଓଡ଼ିଆ ଛାତ୍ରଙ୍କର ପଢ଼ିବାର ସୁବିଧାସକାଶେ ବଙ୍ଗ ଗବର୍ଣ୍ଣମେଣ୍ଟ ଗୋ ୬ ଟା ବୃତ୍ତି ଦେଇଅଛନ୍ତି । ବୃତ୍ତିର ପରିମାଣ ଛାତ୍ର ବେତନ ଓ ବସାଖର୍ଚ୍ଚର ଦୃଷ୍ଟିରେ ଧାର୍ଯ୍ୟ ହୋଇଅଛି । ବୃତ୍ତିର ବିବରଣ ଯଥା :— ସବଓଭରସିୟର ବୃତ୍ତି ମାସିକ ଟ ୧୫ କା ଲେଖାଏଁ ଗୋ ୨ ଟା, ଓଭରସିୟର ବୃତ୍ତି ମାସକୁ ଟ ୧୫ କା ଲେଖାଏଁ ଗୋ ୨ ଟା ଏ ଦୁଇ ବୃତ୍ତି ଭୋଗର କାଳ ବ ୨ ର୍ଷ ଲେଖାଏଁ । ଓଭରସିୟର ବୃତ୍ତି ମାସକୁ ଟ ୧୦ କା ଲେଖାଏ ମା ୧୮ ସ ସକାଶେ ଗୋ ୧ ଟା ଏବଂ ଇଞ୍ଜିନିୟର ସକାଶେ ମାସକୁ ଟ ୨୦ କା ଲେଖାଏଁ ବ ୪ ର୍ଷ ସକାଶେ ଏକଗୋଟା । ଓଡ଼ିଆ ଛାତ୍ରମାନେ ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିୟାନ ଅଥବା ଅନ୍ୟ ଯେ ଧର୍ମାବଲମ୍ବୀ ହେଉ ପଛକେ ଓଡ଼ିଆଜାତିର ଅନ୍ତର୍ଗତ ହେଲେ ବୃତ୍ତି ପାଇବେ । ବୃତ୍ତିପାଇବା ଯୋଗ୍ୟ ଓଡ଼ିଆ ପ୍ରାର୍ଥୀର ଅଭାବ ହେଲେ ଅନ୍ୟ କେହି ପାଇବେ ନାହିଁ । ଏଥିରୁ ଦେଖାଯାଏ ଯେ ଓଡ଼ିଶାସକାଶେ ଏ ନଗରର ସରକାରୀ ସ୍କୁଲ ଇଞ୍ଜିନିୟରି ସ୍କୁଲକୁ ପରିବର୍ତ୍ତନ ହେବାର ଆଶା ପଛକୁ ପଡ଼ିଗଲା ଏବଂ ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ୬ ଟା ବୃତ୍ତି ଦେଇ ନିଶ୍ଚିନ୍ତ ହେଲେ ମାତ୍ର ଓଡ଼ିଆ ଜାତି ( Uriya Race) ର ଅନ୍ତର୍ଗତ କିଏ ହେବ ଏହିକଥା ତର୍କ ବର୍ତ୍ତମାନ ଲାଗିଅଛି ।

---

ଜି,ସନେଲ ମେଡିକେଲ କଲେଜ ଅଫ୍ ଇଣ୍ଡିଆ ନାମରେ କଲିକତା ବହୁବଜାରରେ ଗୋଟିଏ ଉଚ୍ଚଶ୍ରେଣୀର ଚିକିତ୍ସାବିଦ୍ୟାଳୟ ପ୍ରାୟ ବ ୫ ର୍ଷ ହେଲା ସ୍ଥାପିତ ହେବାର ପାଠକମାନଙ୍କୁ ଜଣା ଅଛି । ଏଠାରେ ଶିକ୍ଷାଳୟର ଦଶ କେତେଜଣ ଦେଶୀୟ ସଜ୍ଜନଙ୍କଦ୍ୱାରା ଡାକ୍ତରୀକାର୍ଯ୍ୟ କରୁଅଛନ୍ତି । ଏମାନଙ୍କର ଶିକ୍ଷା ସରକାରୀ ମେଡିକେଲ କଲେଜର ଶିକ୍ଷାର ଊଣା ନୁହେ । ବର୍ତ୍ତମାନ ୩୫୦ ଛାତ୍ର ଏଠାରେ ପଢ଼ୁଅଛନ୍ତି ଓ ସେମାନଙ୍କମଧ୍ୟରେ ବଙ୍ଗଳା ଛଡ଼ା ଅନ୍ୟାନ୍ୟ ପ୍ରଦେଶର ପିଲାମାନେ ଅଛନ୍ତି । ଇଂରାଜୀଚିକିତ୍ସା ଶିକ୍ଷା ଛଡ଼ା ଆୟୁର୍ବେଦୀୟ ଶିକ୍ଷାଶ୍ରେଣୀ ମଧ୍ୟ ଏଠାରେ ଅଛି । ସ୍ୱଳ୍ପ ଅବସ୍ଥାର ଲୋକେ ସୁବିଧାସକାଶେ ପ୍ରବେଶିକାଫିସ ଟ ୩ କା ଓ ଛାତ୍ର ବେତନ ମାସିକ ଟ ୩ କା ଧାର୍ଯ୍ୟ ହୋଇଅଛି । ଏହି କଲେଜର ଅଧ୍ୟାପକ ଏବଂ ତତ୍ତ୍ୱାବଧାରକମାନେ ଉଚ୍ଚଶ୍ରେଣୀର ଯୋଗ୍ୟବ୍ୟକ୍ତି ଅଟନ୍ତି ଏବଂ ଅତ୍ୟନ୍ତ ଉତ୍ସାହ ଓ ଯତ୍ନସହିତ କଲେଜର ଉନ୍ନତି ସାଧନରେ ପ୍ରବୃତ୍ତ ଅଛନ୍ତି । ଆସନ୍ତାମାସ ତା ୪ ରିଖଠାରୁ ନୂତନଛାତ୍ର ଗୃହୀତ ହେବେ । ଯେଉଁମାନେ ଇଂରାଜୀ ବା ଆୟୁର୍ବେଦୀୟ ଚିକିତ୍ସା ଶିକ୍ଷା କରିବାକୁ ଇଚ୍ଛା କରନ୍ତି ଏହି କଲେଜରେ ଭରତି ହେବା ପାଇଁ ଆମ୍ଭେମାନେ ପରାମର୍ଶ ଦେଉଅଛୁଁ । ଏପରି ସ୍ୱାଧୀନ କଲେଜ ସାଧାରଣ ସହାନୁଭୂତିର ଯୋଗ୍ୟପାତ୍ର ବୋଲିବା ବାହୁଲ୍ୟ ।

---

ବଙ୍ଗପ୍ରଦେଶରେ ଡୁମରାଓଁ, ବାଙ୍କିପୁର, ସାବର, ସବୁଡ଼ା, ବର୍ତ୍ତମାନ ୫ ଗୋଟି ଏହି ୭ ଟା ସ୍ଥାନର ସରକାରୀ କୃଷିକ୍ଷେତ୍ର ଅଛି । ଖଡ଼ଗପୁର ଓ ରାଞ୍ଚି ଏହି ଦୁଇସ୍ଥାନରେ ସରକାର ଖେତ ହେବାର ଅଛି ମାତ୍ର ଟଙ୍କା ନ ଘଟିବାରୁ ଗଡବର୍ଣ୍ଣ ସ୍ଥାପନ ହୋଇପାରୁ ନାହିଁ । ସାବର କୃଷିକଲେଜଗୃହ ନିର୍ମାଣକାର୍ଯ୍ୟରେ ବିଳମ୍ବହେତୁ ସନ ୧୯୧୦ ସାଲ ନବେମ୍ବରମାସ ପୂର୍ବେ କଲେଜ ଖୋଲିପାରିବ ନାହିଁ । ଏଥିମଧ୍ୟରେ ଛାତ୍ରବୃତ୍ତିଦାନଦ୍ୱାରା ଅନ୍ୟପ୍ରଦେଶରେ କେତେକ ଛାତ୍ରଙ୍କୁ ଶିକ୍ଷା ଦିଆଯାଉଅଛି । କେତେକ ଜିଲ୍ଲା ସ୍କୁଲ ଓ କେତେକ କଲେଜିଏଟ ସ୍କୁଲର ଛାତ୍ରମାନଙ୍କୁ କୃଷି ଶିକ୍ଷାଦେବାର ବନ୍ଦୋବସ୍ତ ହୋଇଅଛି ମାତ୍ର ଗୟା ଛଡ଼ା ଅନ୍ୟ କୌଣସି ସ୍ଥାନର ଛାତ୍ରମାନେ ମନୋଯୋଗ ଦେବାର ଦେଖାଯାଉ ନାହିଁ । ଜିଲ୍ଲା କୃଷିସମିତି ସମ୍ବନ୍ଧରେ ସମ୍ବଲପୁର ସମିତିର ସଭାପତି ଓ ସେଠା କଲେକ୍ଟର ଶ୍ରୀଯୁକ୍ତ ମବରଲି ସାହେବ ନିଜ ଜିଲ୍ଲାର ହିତନିମନ୍ତେ ବିଶେଷ ଯତ୍ନବାନ୍ ଅଛନ୍ତି । ଏ ମହାଶୟ ଛଡ଼ା ପାଟନା ସମିତିର ସମ୍ପାଦକ ବାବୁ ପୂର୍ଣ୍ଣେନ୍ଦୁ ନାରାୟଣ ସିଂହ କଲିକତା ହାଇକୋର୍ଟର ପେନସନ ପ୍ରାପ୍ତ ଜଜ ଶ୍ରୀଯୁକ୍ତ ସାରଦାଚରଣ ମିତ୍ର ଏବଂ ଚନ୍ଦ୍ରଦିଘିର ରାଜ୍ୟ ଲଳିତମୋହନ ସିଂହ ରାୟ ବାହାଦୁର ସୁଖ୍ୟାତ ଲଭିଅଛନ୍ତି । ଓଡ଼ିଶା କୃଷିସମିତିର କେହି ସଭ୍ୟ ସୁଖ୍ୟାତ ଲଭିବାର ଦେଖିଲେ ବଡ଼ ଆନନ୍ଦିତ ହେବୁଁ ।

---

ୟୁରୋପୀୟ ଛାତ୍ରଙ୍କ ଶିକ୍ଷାନିମିତ୍ତ ବୋମ୍ବାଇରେ ପ୍ରତିଷ୍ଠିତ ଗୋଟିଏ ବିଦ୍ୟାଳୟର ପୁରସ୍କାର ବିତରଣସଭାରେ ସେଠା ଗବର୍ଣ୍ଣର ସର୍ ଜର୍ଜ କ୍ଲାର୍କ ମହୋଦୟ ଏକ ବକ୍ତୃତା କରି କହିଲେ ଯେ "ଭାରତବାସୀ ୟୁରୋପୀୟମାନଙ୍କ ଉପରେ ବିଶେଷ ଦାୟିତ୍ୱ ଅଛି । ପ୍ରଥମତଃ ଶାସନନୀତି ଓ ସଂସ୍କାରବଶ ଗୋଟିଏ ପୃଥକ ଦେଶରେ ଆମ୍ଭେମାନେ ବାସ କରୁଅଛୁଁ । ସେମାନେ ଆମ୍ଭମାନଙ୍କୁ ଯତ୍ନପୂର୍ବକ ମାନ୍ୟ କରନ୍ତି ଏବଂ ଲୌକିକାଚାରିକି ଅଧିକମାତ୍ର ଉଚିତ ପ୍ରଥାର ପୋଷକତା କରନ୍ତି । ଏ ଦେଶବାସୀ ଲୋକେ ସ୍ୱଭାବସିଦ୍ଧ ଶିଷ୍ଟ ଏବଂ ବିଶେଷ ଅଭିମାନୀ ଏବଂ ସେମାନେ ଯେପରି ନୀତିନୀତିର ପକ୍ଷପାତୀ

Digitized by srujanika@gmail.com

କେମନ୍ତ ଅଦ୍ୟ କୌଣସି ଦେଶରେ ଦେଖା ନାହିଁ । ପୂର୍ବଦେଶୀୟ ଲୋକଙ୍କ ମଧ୍ୟରେ ପାଶ୍ଚାତ୍ୟ ଲୋକେ ସେମାନଙ୍କର ସର୍ବାଙ୍ଗୀଣ ଉନ୍ନତି ଚେଷ୍ଟା ଦେଖାଇବା ଏକାନ୍ତ କର୍ତ୍ତବ୍ୟ । ଆମ୍ଭେମାନେ ଆପଣାର ଶ୍ରେଷ୍ଠତାର ଅଭିମାନ ଛାଡି ସେମାନଙ୍କର ସ୍ନେହାର୍ଜ୍ଜନ କରିବାରେ ସଚେ ଚେଷ୍ଟିତ ଆଉ ସମସ୍ତ ଶ୍ରେଣୀର ଭାରତବାସିଙ୍କ ସହିତ ଦୟା ଏବଂ ସହାନୁଭୂତି ସହିତ ବ୍ୟବହାର କରିବୁଁ । ଏହି କର୍ତ୍ତବ୍ୟକାର୍ଯ୍ୟ ଯଦ୍ୟପି ଅନୁଷ୍ଠିତ ହେଲେ ଆମ୍ଭେମାନେ ଭାରତର ଅଶାନ୍ତି ଅତି ଅଳ୍ପ ଶୁଣିବାକୁ ପାଇବୁଁ ଏବଂ ପୂର୍ବ ଓ ପଶ୍ଚିମ ପରସ୍ପର ମିଳି କାର୍ଯ୍ୟ କଲେ ଏହି ବୃହତ୍ ଦେଶରେ ବାସ କରୁଥିବା ସମସ୍ତ ଜାତୀୟ ଲୋକଙ୍କର ସାଧାରଣ ସୁଖ ଓ ଉନ୍ନତି ଚଞ୍ଚଳ ସାଧିତ ହେବ” ପାଠକେ ଏମନ୍ତ ସୁନ୍ଦର ଓ ହିତସୂଚକ କଥା ଏକାଳରେ ଅଳ୍ପ ଇଂରାଜଙ୍କ ମୁଖରୁ ଶୁଣାଯାଏ । ପୂର୍ବକାଳର ଇଂରାଜମାନେ ଠିକ୍ ଏହି ମତର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିଲେ । ମଧ୍ୟଭାଗରେ ତହିଁର ଅଭାବ ହୋଇଥିଲେହେଁ ବର୍ତ୍ତମାନ ଏହି ମତର ଅନୁସରଣକାରୀ ଇଂରାଜଙ୍କ ସଂଖ୍ୟା କ୍ରମାଗତ ସୌଭାଗ୍ୟକ୍ରମେ ବଢୁଅଛି । ଦେଶବାସିଙ୍କର ସୌଭାଗ୍ୟ ଉପରେ ସାମ୍ରାଜ୍ୟର ସୌଭାଗ୍ୟ ନିର୍ଭର କରେ । ଏହା ସ୍ମରଣ ରଖି ଅମ୍ଭମାନଙ୍କର ଶାସନକର୍ତ୍ତାମାନେ ଦେଶର ଶିକ୍ଷା ଓ ଦେଶବାସିଙ୍କ ଅବସ୍ଥା ଉନ୍ନତ କରିବାରେ ଚେଷ୍ଟିତ ହେଲେ ଅଚିରେ ଅମ୍ଭମାନଙ୍କର ସକଳ ଦୁଃଖର ମୋଚନ ହେବ ।

—•।•—

## ଲାହୋର ପ୍ରଦର୍ଶନୀ ।

ଏବର୍ଷ ଲାହୋରଠାରେ କଂଗ୍ରେସ ଅଧିବେଶନ ହେବାର ନିର୍ଣ୍ଣୟ ହେବାରୁ ସେଠାରେ ପ୍ରଦର୍ଶନୀର ଅନୁଷ୍ଠାନ ହୋଇ ଗତ ଶନିବାର ତା ୧୮ ରଖ ଦିନ ପଞ୍ଜାବର ଲେପ୍ଟେନାଣ୍ଟ ମହୋଦୟ ଉଦ୍ଘାଟନ ବା ପ୍ରବର୍ତ୍ତିତ କରିଅଛନ୍ତି । ପ୍ରବର୍ତ୍ତନ କ୍ରିୟା ଉପଲକ୍ଷେ ବୃହତ୍ ସଭା ହୋଇଥିଲା ଏବଂ ବାଦ୍ୟବାଦ୍ୟଦ୍ୱାରା ସୁସଜ୍ଜିତ ହସ୍ତୀ ପୃଷ୍ଠରେ ରାଜା, ମହାରାଜା, ପ୍ରଧାନ କର୍ମଚାରୀ ସହିତ ଲେପ୍ଟେନାଣ୍ଟ ମହୋଦୟ ସଭାକୁ ଉପସ୍ଥିତ ହୋଇଥିଲେ । ସଭାମଣ୍ଡପ ସମ୍ମୁଖରେ ଗୋଟା ପ୍ରକାଣ୍ଡ ତୋରଣ ନିର୍ମିତ ହୋଇଥିଲା ଏବଂ ସେଠାରେ ଅଭ୍ୟର୍ଥନା କରିବାକାରଣ ଉପସ୍ଥିତ ଥିଲେ । ଲେପ୍ଟେନାଣ୍ଟ ପ୍ରଭୃତି ସମସ୍ତେ ସେଠାରେ ପହୁଞ୍ଚି ଅଭ୍ୟର୍ଥିତ ହେଲାପରେ ସଙ୍ଗୀତ ହେଲାରୁ ପ୍ରଦର୍ଶନୀ କମିଟିର ସଭାପତି ସର ପ୍ରତୁଲଚନ୍ଦ୍ର ଚାଟୁର୍ଯ୍ୟା, ସମ୍ପାଦକ ହରେକୃଷ୍ଣଲାଲ ଏବଂ ସହକାରୀ ରାଜ ରାମଶରଣଦାସଙ୍କ କର୍ତ୍ତୃକ ପ୍ରଦର୍ଶନୀସମ୍ବନ୍ଧୀୟ ବିବରଣୀମାନ ପଠିତ ହେଲା । ତତ୍ପରେ ଲେପ୍ଟେନାଣ୍ଟ ମହୋଦୟ ଗାମ୍ଭୀର୍ଯ୍ୟପୂର୍ବକ ପଞ୍ଜାବପ୍ରଦେଶର କୃଷି ଓ ଶିଳ୍ପର ଅବସ୍ଥା ବିସ୍ତୃତଭାବେ ବର୍ଣ୍ଣନ କରି କହିଲେ ସ୍ୱାସ୍ଥ୍ୟରକ୍ଷାସମ୍ବନ୍ଧୀୟ ଏବମ୍ଭୂତ ପ୍ରଦର୍ଶନୀରେ ଗବର୍ଣ୍ଣମେଣ୍ଟ ଓ ସରକାରୀ କର୍ମଚାରୀ ତଥା ବେସରକାରୀ ସଜ୍ଜନମାନେ ଯୋଗଦେବାପକ୍ଷେ ପ୍ରଥମେ ସନ୍ଦେହ ଉପସ୍ଥିତ ହୋଇଥିଲା ମାତ୍ର ଉଭୟପକ୍ଷରୁ ସାମ୍ୟଜ୍ଞାନସମ୍ପନ୍ନ ଲୋକେ ମତଭେଦ ପାର୍ଥକ୍ୟ ଭୁଲି ଯାଇ ଏକତ୍ର ସମାବିଷ୍ଟ ହୋଇଅଛନ୍ତି' ବସ୍ତୁତଃ ମତେ, ଦେଉ ଶାସନକର୍ତ୍ତାମାନେ ପ୍ରଜାପକ୍ଷଙ୍କ ସହିତ ବର୍ତ୍ତମାନ ସମସ୍ତେ କାର୍ଯ୍ୟକ୍ଷେତ୍ରରେ ଦଣ୍ଡାୟିତ ହେବାର ସମୟ ଉପସ୍ଥିତ ହୋଇଅଛି ଏବଂ ଏଥିର ଭଲ ଫଳ ହେବ ତାଙ୍କର ବିଶ୍ୱାସ । ସେହି ପ୍ରଦେଶସ୍ଥ ଜମିର ବର୍ତ୍ତମାନ ସଭ୍ୟ ନିବାରଣ ହେଉଅଛି ତାହା ଏହି ପ୍ରଦର୍ଶନୀ ଶେଷହେବା ପୂର୍ବେ ସଂଗଠିତ ହୋଇ କାର୍ଯ୍ୟ କରିବ । ସନ ୧୮୬୪, ୧୮୮୧ ଏବଂ ୧୮୯୩ ସାଲୀୟ ପ୍ରଦର୍ଶନୀ ତଥା ମତେ ତୁଳନା କଲେ ଏ ପ୍ରଦର୍ଶନୀରୁ କୃଷି ଓ ଶିଳ୍ପ କେତେ କ୍ରମାନ୍ୱୟରେ ଉନ୍ନତ ପ୍ରାପ୍ତ ହୋଇଅଛି ତାହା ସହଜରେ ଦେଖାଯିବ । ତାହା ତାଳଦ୍ୱାରା ନଳସେଚନର ଅନୁଷ୍ଠାନହେବାରୁ କୃଷିର ଉପକାର ଏବଂ ତାଳର ଉପନିବେଶମାନ ଅଳ୍ପ ସୁନ୍ଦର ହୋଇଅଛି । ଏଥି ଏହିହେତୁ ଭାରତ ନାହିଁତ ଅତ୍ୟାଦେଶମଧ୍ୟରେ ମୂଳା ଏଠା ଗବର୍ଣ୍ଣମେଣ୍ଟ ଶଙ୍କା କରିପାରନ୍ତି । ତତ୍ପରେ ପ୍ରଦର୍ଶିତ ଦ୍ରବ୍ୟମାନଙ୍କର ସଂକ୍ଷେପ ବର୍ଣ୍ଣନା କରି ଲେପ୍ଟେନାଣ୍ଟ ମହୋଦୟ ଖୋଲି ଦ୍ୱାରଦେଶ ଗ୍ରାହକ କଲେ ଏବଂ ପରକ୍ଷଣରେ ସମସ୍ତେ ପ୍ରଦର୍ଶନୀର ଗୃହମଧ୍ୟରେ ବସଜତ ହୋଇ ପ୍ରଦର୍ଶିତ ଦ୍ରବ୍ୟମାନ ଦେଖିଲେ । ଏରୂପେ କଂଗ୍ରେସର ଅନୁଷ୍ଠିତ ପ୍ରଦର୍ଶନୀଦ୍ୱାରା ଗତ ଦେଢଶତ ବର୍ଷରେ ଭାରତର ଯେ ଦେଶହିତ ଉନ୍ନତିପଥ ପରିଷ୍କୃତ ହୋଇଅଛି ତାହା ଚିନ୍ତାଶୀଳ ବ୍ୟକ୍ତିମାନେ ବୁଝିପାରିବେ ଏବଂ ଲୋକାନୁଷ୍ଠିତ ଏହି ଶୁଭକାର୍ଯ୍ୟରେ ଗବର୍ଣ୍ଣମେଣ୍ଟ ଯୋଗଦାନଦ୍ୱାରା ଯେ ପରମ ସହାନୁଭୂତି ଦେଖାଇ ଉନ୍ନତିରମାର୍ଗ ଅଗ୍ରସର ପରିଷ୍କାର କରୁଅଛନ୍ତି ବୋଲି ବାହୁଲ୍ୟ ।

———

## ବୈଷ୍ଣବ ସମ୍ମିଳନୀ ।

ପୁରୀ ଧାମର ଗୌଡ଼େଶ୍ୱର ବୈଷ୍ଣବ ସମିତି ପକ୍ଷରୁ ଶ୍ରୀ ଭଗବାନ ଦାସ ବାବାଜୀଙ୍କ ଅନୁରୋଧମତେ ଏ ବର୍ଷ ବୈଷ୍ଣବ ସମ୍ମିଳନୀ ବ ଗଞ୍ଜାମଜିଲ୍ଲା ବରହମପୁରଠାରେ ତାହା ସ୍ଥାନର ବୈଷ୍ଣବ ପ୍ରଭୃତିମାନେ ସମବେତ ହୋଇଥିଲେ । ସମ୍ମିଳନୀର ପ୍ରଥମ ଅଧିବେଶନ, କମିଟି ଗତ ମାସ ତା ୪ ରଖ ଶନିବାର ସ୍ଥିର ହୋଇଥିଲେହେଁ ସେ ଦିନ ଦୋଲଯାତ୍ରାଯୋଗେ ଅଧିବେଶନ ନ ହୋଇ ତତ୍ପରଦିନ ହୋଇଥିଲା । ଗୋପୀନାଥ ଜୀଉଙ୍କ ମନ୍ଦିର ସମ୍ମୁଖରେ ଅଧିବେଶନ କମିଟି ରୂପେ ମଣ୍ଡପ ନିର୍ମିତ ହୋଇଥିଲା ଏବଂ ପ୍ରଭୃତିମାନେ ସମାରୋହପୂର୍ବକ ସୁସଜ୍ଜିତ ହସ୍ତୀ, କେତେକଙ୍କୁ ଛତ୍ରୀ, ଚାମର, ଆଲୋକମାଳା ଓ ଆତସବାଜି ସହିତ ସଂକୀର୍ତ୍ତନ କରୁ୨ ସଭା ସ୍ଥଳକୁ ଆଗମନ କଲେ । ପୁରୀ ରାଧାକାନ୍ତ ମଠର ମହନ୍ତ ଗୋସ୍ୱାମୀ ରାଧାକୃଷ୍ଣ ଦାସ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ବାବା ପ୍ରେମାନନ୍ଦ ଭାରତୀ ସଂକୀର୍ତ୍ତନଦ୍ୱାରା କାର୍ଯ୍ୟାରମ୍ଭ କରି ପ୍ରଭୃତିମାନଙ୍କୁ ଅଭ୍ୟର୍ଥନା କଲା ପରେ ସଭାପତି ଉତ୍କଳଭାଷାରେ ବକ୍ତୃତା କରି ସଭାର ଉଦ୍ଦେଶ୍ୟ ଆଦି ବୁଝାଇ ଦେଇ ଅତ୍ରାଗତ ଲୋକେ ଅସ୍ମା ଜମିର ଚଳନ୍ତି ନ ହୋଇ ଶଙ୍କର ତର୍କରେ ସମୟଯାପନ କରୁଥିବାହେତୁ ଦୁଃଖ ପ୍ରକାଶ କଲେ । ତତ୍ପରେ କଲିକତାର ପ୍ରଭୁପାଦ ଅତୁଳକୃଷ୍ଣ ଗୋସ୍ୱାମୀ ସମ୍ମିଳନୀ ପକ୍ଷରୁ ବଙ୍ଗଳା ଓ ସଂସ୍କୃତ ଭାଷାରେ ବକ୍ତୃତା କଲା ପରେ ପଣ୍ଡିତ ରଙ୍ଗ ରାଓ ମହାଶୟ କହିଲେ ଯେ ଭକ୍ତିର ପ୍ରକାଶ ନିମନ୍ତେ ପ୍ରଯୋଜନୀୟ ମାତ୍ର ତାହା ଗର୍ବଭାବରେ ବେଦପାଠ ଅପେକ୍ଷା ଶ୍ରେଷ୍ଠ ଅଟେ । ବାବା ପ୍ରେମାନନ୍ଦ ଭାରତୀ ଭକ୍ତିର ମୂଳରେ ଜ୍ଞାନ ଥିବାର କହିବାରୁ ସେ ସଙ୍କୀର୍ତ୍ତନ ହୋଇ ପ୍ରଥମ ଦିନର କାର୍ଯ୍ୟ ଶେଷ ହେଲା । ତହିଁ ଆରଦିନ ସଭାପତି ମହାଶୟ ଏକମେଳ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ବୁଝାଇ ଦେଇ ଭକ୍ତି ସ୍ଥାପନରୁ ଧର୍ମ ପ୍ରଚାରକ ପଠାଇବାର ପ୍ରସ୍ତାବ କଲେ । ତତ୍ପରେ ବରହମପୁରର ପଣ୍ଡିତ ମହାଦେବ ଷଡ଼ଙ୍ଗୀ ମହାଶୟ ଭକ୍ତି, ଧର୍ମତନ୍ତ୍ର ଓ ଉପାସନା ବିଷୟରେ ବକ୍ତୃତା କଲାରୁ ବାବା ପ୍ରେମାନନ୍ଦ ଭାରତୀ ଚୈତନ୍ୟଙ୍କର ଦେବଭାବପୂର୍ଣ୍ଣ ଜୀବନୀ ଓ ପ୍ରେମ ସମ୍ବନ୍ଧରେ ଯେଉଁ ସୁଦୀର୍ଘ ବକ୍ତୃତା ଦେଇଥିଲେ ତହିଁରେ ଶ୍ରୋତୃବୃନ୍ଦ ମୋହିତ ହୋଇ ଅଶ୍ରୁ ସମ୍ବରଣ କରି ପାରି ନ ଥିଲେ । ତତ୍ପରେ ସଭାପତି ମହାଶୟ ସଂକୀର୍ତ୍ତନର ମାହାତ୍ମ୍ୟ ବୁଝାଇ ଦେଲାରୁ ସଂକୀର୍ତ୍ତନ ସହିତ ଯଥାରୀତି ସର୍ବ୍ୟମାନେ ନୃତ୍ୟ କରିଥିଲେ । ତୃତୀୟ ଦିନ ପୂର୍ବଦିନର ସଭାପତିଙ୍କ ପ୍ରସ୍ତାବ ମତେ ବାବା ଭାରତୀ ସଭାପତିର ଆସନ ଗ୍ରହଣପୂର୍ବକ ଇଂରାଜୀରେ ସୁଦୀର୍ଘ ବକ୍ତୃତା ଦେଇ ବୈଷ୍ଣବ ଧର୍ମ ଶାସ୍ତ୍ରମାନ ନାନା ଭାଷାରେ ଅନୁବା-

Split by PDF Splitter
Digitized by srujanika@gmail.com

ଏହି ପ୍ରଥାର ଅଜଣ୍ୟତା ଦୂରୀଭୂତ ହେଲେ । ପରେ ଅନେକ ଗଳ୍ପ ବୈଷ୍ଣବ ଧର୍ମସମ୍ବନ୍ଧରେ ବକ୍ତୃତା ହେବାପରେ ସମ୍ମିଳନୀର କାର୍ଯ୍ୟ ଶେଷ ହେଲା । ଶାସ୍ତ୍ରୀ ଚକ୍ରବର୍ତ୍ତୀ ମହାଶୟ ନିଜସ୍ଥ କାର୍ଯ୍ୟ କଲେ । ସେ ଯାହା କଲେ ଅର୍ଜନ ଓ ଚିନ୍ତନ କରିବେ ବେଦ ପାଠ ଅବଶ୍ୟମ୍ଭାବୀ ଥିବାର ଚହ୍ନିଲେ ତାହା ଆମ୍ଭମାନଙ୍କର ମନକୁ ଘେନିଅଛି । ବିଦ୍ୟାରତ୍ନ ମହାଶୟ ଯଥାର୍ଥ କହିଲେ ଯେ ଭକ୍ତିର ମୂଳରେ ଜ୍ଞାନ ଅଛି । ସେହିଜ୍ଞାନ ପାଇବା ସକାଶେ ବେଦ ପାଠ କରିବା ଆବଶ୍ୟକ । ଚୈତନ୍ୟ ଦେବ ସ୍ୱୟଂ ନିତ୍ୟ ବେଦ ପାଠ କରି ପରମ ଜ୍ଞାନ ଓ ଭକ୍ତି ପାଇଥିଲେ ଏବଂ ତାହା ପାଇଲା ପରେ ଈଶ୍ୱର ପ୍ରେମରେ ଉନ୍ମତ୍ତ ହୋଇ ଜଗଜ୍ଜନଙ୍କ ସେହି ପ୍ରେମ ପ୍ରଚାର କାର୍ଯ୍ୟରେ ଲାଗିଲେ । ବେଦ ପାଠ ବିନା ବର୍ତ୍ତମାନ ଜ୍ଞାନହୀନ ବୈଷ୍ଣବମାନଙ୍କଠାରେ ସେ ଧର୍ମର ଅବନତି ଘଟିଅଛି । ଏବେ ବ୍ରାହ୍ମଣଙ୍କ ପ୍ରାୟ ବୈଷ୍ଣବମାନେ ଭଗ୍ନ ହୃଦୟ ଅଟନ୍ତି ଅବଧୂତ ଭକ୍ତି ନାହାନ୍ତି । ଯେ ବିଦ୍ୱାନ୍ ସେ ଭକ୍ତ ନୁହେଁ ନାହିଁ ଏବଂ ବେଦାଦି ଧର୍ମ ଶାସ୍ତ୍ରରେ ବିଦ୍ୱାନ୍ ଏହା ଅଭିଧୀରୂପେ ହ୍ୱାରସ୍ଥ ହୋଇ ନିର୍ପେକ୍ଷଭାବରେ ଲୋକଙ୍କୁ ସତ୍ୟ ଧର୍ମର ଉପଦେଶ ଦେବାର ଦୃଢ଼ ଅଛି । ଯେ ବିଦ୍ୱାନ୍ ସେ ହ୍ୱାରସ୍ଥ ହେଲାମାତ୍ରେ ଲୋକେ ସ୍ୱଭାବତଃ ତାଙ୍କର ପଦ ଧରିବାକୁ ଅଗ୍ରସର ହେବେ । ସୁତରାଂ ଭିକ୍ଷା କରିବା ତାଙ୍କର ପ୍ରୟୋଜନ ହୁଏ ନାହିଁ । ଏବଂ ଅପାଠ୍ୟ ବ୍ରାହ୍ମଣମାନେ ଯେମନ୍ତ କେବଳ ପଇତା ଦେଖାଇ ଭିକ୍ଷା ମାଗି ବୁଲୁଅଛନ୍ତି ସେମନ୍ତ ଅଜ୍ଞାନୀ ବୈଷ୍ଣବମାନେ ତଟୀ କାଠି କେବଳ ନଚାଇ ଗୌରଙ୍ଗର ନାମ ଘେନି ସଂକୀର୍ତ୍ତନ କରି ଦାନ ଭିକ୍ଷା ମାଗୁଅଛନ୍ତି । ବୈଷ୍ଣବ ସମ୍ମିଳନୀ ଯଦି ବୈଷ୍ଣବମାନଙ୍କର ବେଦ ପାଠ ଓ ପ୍ରକୃତ ବିଦ୍ୟା ଶିକ୍ଷାପୂର୍ବକ ଜ୍ଞାନାର୍ଜନର ଉପଯୁକ୍ତ ବନ୍ଦୋବସ୍ତ କରି ପାରନ୍ତି ତେବେ ବଡ଼ ସୁଖର ବିଷୟ ହେବ ।

———

ରେଭେନ୍ସା କଲେଜ

ପୁରସ୍କାର ବିତରଣ ସଭା ।

ଗତ ମଙ୍ଗଳବାର ପ୍ରାତଃକାଳରେ ଏଠା ରେଭେନ୍ସା କଲେଜ ଓ ତଦ୍ଧୀନସ୍ଥ ସ୍କୁଲର ଉପଯୁକ୍ତ ଛାତ୍ରମାନଙ୍କୁ ପୁରସ୍କାର ବିତରଣାର୍ଥ ସ୍କୁଲର ପ୍ରାଙ୍ଗଣରେ ଏକ ସଭା ହୋଇଥିଲା । ଅମ୍ଭମାନଙ୍କର ଡିଭିଜନର କମିଶନର ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାସ୍ଥଳରେ ଅତି ଅଳ୍ପସଂଖ୍ୟକ ଦେଶୀୟ ଓ ୟୁରୋପୀୟ ଭଦ୍ରଲୋକ ଏବଂ କେତେକ ୟୁରୋପୀୟମହିଳା ଉପସ୍ଥିତ ହୋଇଥିଲେ । ସଭାପତିମହୋଦୟ ସଭାସ୍ଥଳ ହେଲା ପରେ ସ୍କୁଲର ହେଡ୍‌ମାଷ୍ଟର ବାବୁ ବେଣୀମାଧବ ଦାସ ରେଭେନ୍ସା କଲେଜିଏଟ୍‌ସ୍କୁଲ ସମ୍ବନ୍ଧୀୟ ରିପୋର୍ଟ ପାଠ କଲେ । ତହିଁରୁ ପ୍ରକାଶ ହେଲା ଯେ ଗତବର୍ଷରେ ଶେଷଭାଗରେ ୬୨୪ ଜଣ ସ୍ଥଳେ ଏବର୍ଷ ଶେଷଭାଗରେ ୬୯୨ ଛାତ୍ର ହୋଇଅଛନ୍ତି ଯେ ସେମାନଙ୍କ ମଧ୍ୟରେ ୧୩୪ ଓଡ଼ିଆ, ୪୫ ମୁସଲମାନ ଓ ୪୦ ଏ ଦେଶବାସୀ ବଙ୍ଗାଳୀ ଅଟନ୍ତି । ପୂର୍ବବର୍ଷ ପ୍ରଥମ ଶ୍ରେଣୀରେ ଜ ୪୧ ଜଣ ଛାତ୍ରଙ୍କମଧ୍ୟରୁ ପ୍ରବେଶିକା ପରୀକ୍ଷାକୁ ଜ ୩୯ ଜଣ ପ୍ରେରିତ ହୋଇଥିଲେ ଏବଂ ତାଙ୍କମଧ୍ୟରୁ ୧ ମ ଶ୍ରେଣୀରେ ୭, ୨ ୟ ଶ୍ରେଣୀରେ ୧୦ ଓ ୩ ୟ ଶ୍ରେଣୀରେ ୧୧ ଏରୂପ ଜ ୩୧ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ଏବର୍ଷ ମଧ୍ୟ ସେହିପରି ଜ ୪୧ ଜଣ ଛାତ୍ର ପ୍ରଥମଶ୍ରେଣୀରେ ଥିଲେ । ସମସ୍ତଙ୍କୁ ପରୀକ୍ଷା ଦେବା ନିମନ୍ତେ ପଠା-ଯାଇ ଥିଲା ଏବଂ ତାଙ୍କମଧ୍ୟରୁ ପ୍ରଥମଶ୍ରେଣୀରେ ୧୬, ୨ ୟ ଶ୍ରେଣୀରେ ୨୦ ଓ ତୃତୀୟଶ୍ରେଣୀରେ ୩ ଏରୂପ ଜ ୩୯ ଜଣ ଉତ୍ତୀର୍ଣ୍ଣ ହେଲେ ପୁଣି ଏମାନଙ୍କମଧ୍ୟରେ ଜ ୨୨ ଜଣ ଓଡ଼ିଆ, ଜ ୪ ଜଣ ଏଦେଶବାସୀ ବଙ୍ଗାଳୀ ଓ ତୃତୀୟଜଣ ମୁସଲମାନ । ଉକ୍ତ ପରୀକ୍ଷାରେ ଗୋ ୪ ଟି ଦ୍ୱିତୀୟଶ୍ରେଣୀର ବୃତ୍ତି ମଧ୍ୟରୁ ଗୋ ୩ ଟି ଏବଂ ତୃତୀୟଶ୍ରେଣୀର ସମସ୍ତ ବୃତ୍ତି ଏହି ବିଦ୍ୟାଳୟର ଉତ୍ତୀର୍ଣ୍ଣଛାତ୍ରମାନେ ପାଇଥିଲେ ମଧ୍ୟ ଏବର୍ଷରେ ଚଳେ ଗଣ୍ଡ ବିଦ୍ୟାଳୟର ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରେ ୭ ମ ସ୍ଥାନ ଅଧିକାର କରି ୮ ୨୦ ଙ୍କାର ବୃତ୍ତି ପାଇଥିଲା ଏବଂ ସେ ସଂସ୍କୃତରେ ପ୍ରଥମ ହୋଇଥିଲା । ବିଦ୍ୟାଳୟର ନୂତନ ନିୟମାନୁଯାୟୀ ପାଠର ବନ୍ଦୋବସ୍ତ ହୋଇଅଛି ଏବଂ ଛାତ୍ରମାନଙ୍କ ତର୍କ ବିତର୍କ ଓ ବକ୍ତୃତା କରି ପାରିବାର ଶକ୍ତି ପ୍ରତି-ଯୋଗିତାମାନଙ୍କର ମନୋଯୋଗ ଉନ୍ନତ ଏବଂ ପରସ୍ପର ମିଳିମିଶି କାର୍ଯ୍ୟ କରିବା ନିମନ୍ତେ ଛାତ୍ରସଭାମାନ ସୃଷ୍ଟି ହୋଇଅଛି । ପିଲାମାନଙ୍କ ମନରେ ସାହସିକତା, ଦୃଢ଼ତାର କ୍ଷମତା ଏବଂ ଇଂଲଣ୍ଡର ଗୌରବର ଭାବ ଜଗାଇବା କାରଣ ଐନ୍ଦ୍ରଜାଲିକ ଛବିମାନ ଦେଖାଇବାର ବନ୍ଦୋବସ୍ତ ଏବଂ ଉଦ୍ୟାନ ଉଦ୍ୟମ ଫଳପ୍ରଦ ହୋଇଅଛି । ବିଦ୍ୟାଳୟ ଛାତ୍ରମାନଙ୍କର ଚରିତ୍ର ପୂର୍ବାପର ଉତ୍ତମରୂପେ ସଂରକ୍ଷିତ ହେବା-ପ୍ରତି ଦୃଷ୍ଟି ରଖାଯାଇ ଅଛି ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଦେଶକ୍ରମେ ଶିକ୍ଷକ ସହାୟେ ବୁଲଶର-ଟୋର୍‌ଆଁ ଅଥବା ଯୁଦ୍ଧ-ଭ୍ୟାସ ଶିଖାଯାଉଅଛି । ଖେଳରେ ପିଲାମାନଙ୍କର ଉତ୍ସାହ ଉତ୍ତମରୂପେ ଜାଗ୍ରତ ହୋଇଅଛି ଏବଂ କଲେଜର ଅଧ୍ୟକ୍ଷ ସ୍ୱୟଂ ସେମାନଙ୍କ ସଙ୍ଗେ ଖେଳିବାରୁ ସେମାନେ ଖେଳରୁ (ଅପଣାରୁ) ବିଦ୍ୟାଳୟର ଶ୍ରେଣୀ ପ୍ରାୟ ସମାନ ପ୍ରୟୋଜନୀୟ ମନେ କରୁଅଛନ୍ତି । ଛାତ୍ରମାନେ ଫୁଟବଲ ଓ କ୍ରିକେଟ ଖେଳନ୍ତି ଏବଂ ଫୁଟବଲ ଖେଳାଳିମାନେ ଏବର୍ଷ କ୍ରମ୍ପଟନ୍‌ ଶିଲ୍ଡ ନାମର ପୁରସ୍କାର ଜିଣିଅଛନ୍ତି । ପ୍ରଥମଶ୍ରେଣୀ ଛଡ଼ା ଅନ୍ୟାନ୍ୟ ଶ୍ରେଣୀର ଛାତ୍ରମାନେ ଡ୍ରିଲ କରନ୍ତି । ବିଦ୍ୟାଳୟ ସଂଶ୍ଳିଷ୍ଟ ହୋଷ୍ଟେଲରେ ଜ ୧୭ ଜଣ ଛାତ୍ର ଅଛନ୍ତି । ମାତ୍ର ଛାତ୍ରମାନଙ୍କର ଖେଳିବାର ସ୍ଥାନ ଏବଂ ଅଧିକ ଛାତ୍ର ସକାଶେ ଛାତ୍ରାବାସର ନିତାନ୍ତ ଅଭାବ ଅଛି । ଉପୋଦ୍ଘାତ ଠାରୁ ଇଂରାଜୀ, ସଂସ୍କୃତ ଏବଂ ତତ୍ପରେ ଓଡ଼ିଆ ଶିକ୍ଷିତ ଅତ୍ୟନ୍ତ ପାଠ ପ୍ରବର୍ତ୍ତିତ ହେଲାରୁ ସଭାପତିମହାଶୟ ସ୍ୱହସ୍ତେ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରି ଆପଣାର ବକ୍ତୃତାରେ ପ୍ରକାଶ କଲେ ଯେ ଛାତ୍ରମାନଙ୍କର ସଚ୍ଚରିତ୍ରତାର କଥା ଶୁଣି ସେ ଅତ୍ୟନ୍ତ ଆନନ୍ଦିତ ହୋଇଅଛନ୍ତି ଏବଂ ଉତ୍କଳର କୌଣସିଠାରେ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧେ ଅସଦାଚରଣର କଥା ନ ଥିବାସ୍ଥଳେ ଏଠାରେ ଉତ୍ପାତ ହେବାର ବର୍ତ୍ତମାନ କାରଣ ନାହିଁ, ଏହା ଅବଶ୍ୟ ଶୁଭକର । ଉପୋଦ୍ଘାତମାନଙ୍କରେ ପ୍ରାୟ ଅଶ୍ଳୀଳ କଥା ଲେଖାଥାଏ ଏବଂ ବର୍ତ୍ତମାନ ଘଟିତ ହୋଇଥିବା ଉପୋଦ୍ଘାତ ଲହରୁ ମଧ୍ୟ ନ ହେବ । ଗବର୍ଣ୍ଣମେଣ୍ଟ ଛାତ୍ରାବାସ ଓ ବିଦ୍ୟାଳୟଗୃହ ନିର୍ମାଣସକାଶେ ୬ ଏକର ଜମି ନେଇଅଛନ୍ତି ମାତ୍ର କେଳ ସକାଶେ ଭୂମିର ଅଯୋଜନ ହୋଇନାହିଁ । କାଳକ୍ରମେ ଏ ଅଭାବ ମୋଚନ ହେବ । ଗତ ପ୍ରବେଶିକା ପରୀକ୍ଷାରେ ଏ ବିଦ୍ୟାଳୟର ଫଳ ଅତିବ ସନ୍ତୋଷଜନକ ଓ ସେଥିପାଇଁ ହେଡ୍‌ମାଷ୍ଟର ଓ ଅନ୍ୟ ଶିକ୍ଷକମାନଙ୍କୁ ଧନ୍ୟବାଦ ଦେଇ ବକ୍ତୃତା ଶେଷ କଲେ । ପରେ ସଭାପତିମହାଶୟଙ୍କ ଧନ୍ୟବାଦ ସଙ୍ଗେ ପଲମାନଙ୍କର ଭଜନର ଅନନ୍ତରେ ନଥଯାଇ ସଭାଭଙ୍ଗ ହେଲା ।—ଏହିକର କାର୍ଯ୍ୟ ସୁଶୃଙ୍ଖଳରୂପେ ନିର୍ବାହିତ ହୋଇଥିବା ଦେଖି ଅମ୍ଭେମାନେ ଆନନ୍ଦିତ ହୋଇଅଛୁ ମାତ୍ର ପୂର୍ବବର୍ଷ ପ୍ରାୟ କଲେଜଶ୍ରେଣୀର ଛାତ୍ରମାନଙ୍କର କୌଣସି ବିବରଣ ସଭାସ୍ଥଳରେ ପଠିତ ନ ହେବାରୁ ଦୁଃଖ ହେଉଲା । କଲେଜର ପିଲାଙ୍କ ସଭା-ସ୍ଥଳରେ ପଠନ ଓ ପୁସ୍ତକ ପୁରସ୍କାର ଦିଆଯିବା-ସ୍ଥଳେ କଲେଜର ଅବସ୍ଥା [ସମ୍ବନ୍ଧରେ ଉପସ୍ଥିତ ସଭ୍ୟବୃନ୍ଦଙ୍କୁ ଜଣାଇବାର କାରଣ ଦେଖାଯାଉ ନାହିଁ । ଅମ୍ଭେମାନେ ଅନୁମାନ କରୁଁ ଅଧ୍ୟକ୍ଷମହାଶୟଙ୍କ ଭ୍ରମକ୍ରମେ ଏହା ଘଟିଅଛି ମଧ୍ୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରମାନଙ୍କ ମଧ୍ୟରୁ ଏଦେଶୀୟ ବଙ୍ଗାଳିଙ୍କ ଅପେକ୍ଷା ୫ ଗୁଣରୁ ଅଧିକ ଓଡ଼ିଆଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ବିଦ୍ୟାଳୟରେ ପଢ଼ୁଥିବ

ଶିକ୍ଷିତ ବଙ୍ଗୀୟମାନଙ୍କ ଲୋକଙ୍କ ଅପେକ୍ଷା ଓଡ଼ିଆ-
ଙ୍କ ସଂଖ୍ୟା ଅଧିକ ଅଟନ୍ତି । ଏମନ୍ତସ୍ଥଳେ
ଓଡ଼ିଆଙ୍କ ଦେଶୀୟ ଲୋକଙ୍କଠାରୁ ଅଧିକ
ଅନୁପାତ ଏମନ୍ତ ଚାକିରି ଦିଆଯାଇ ନ ପାରେ
ସୁତରାଂ ଗବର୍ଣ୍ଣମେଣ୍ଟ ଯେ ସେମାନଙ୍କ ବୃତ୍ତି ଅବ
ଧି ଦେବା ସମ୍ବନ୍ଧରେ ପାର୍ଥକ୍ୟ ରକ୍ଷା କରନ୍ତି
ତାହା ଯୁକ୍ତିସଙ୍ଗତ ଥିବାର ବୋଧ ହୋଇଥିବ ?
ଉତ୍କଳ ସମ୍ବନ୍ଧରେ ଯେଉଁ ଗବର୍ଣ୍ଣମେଣ୍ଟଙ୍କର
ଧାରଣା ଥିଲେ ତାହା ଉତ୍କଳବାସୀ ଓଡ଼ିଆ,
ବଙ୍ଗାଳୀ, ହିନ୍ଦୁସ୍ଥାନୀ, ମୁସଲମାନ ପ୍ରଭୃତି ସମସ୍ତ
ଲୋକଙ୍କ ପ୍ରତି ଖଟିବ । ଏକଦେଶର ଅଧିବାସୀ
ଙ୍କ ଅପେକ୍ଷା ଅନ୍ୟ ଜାତି ଯେ ଦୁର୍ବଳ ବୋଲି
କୌଣସି ଠାରେ କୌଣସି ବାଚ ଥିଲେ-
ସୁଦ୍ଧା ଉତ୍କଳରେ ସେପରି ବାଛ ନ ଥିବାର
ପରୀକ୍ଷା ଫଳରୁ ଉପଲବ୍ଧ ଜଣାଯାଉଅଛି ।
ଗବର୍ଣ୍ଣମେଣ୍ଟ ପାର୍ଥକ୍ୟ ରକ୍ଷିବାରୁ ଉଭୟ ଜାତି
ମଧ୍ୟରେ ତାମାତୁଲ୍ୟର ମନୋମାଳିନ୍ୟ ଓ ପାର୍ଥ
କ୍ୟର ଭାବ ଉଦ୍ରେକ ହୋଇଅଛି । ଏକ-
ଦ୍ୟାଯୁକ୍ତ ସରକାର ବାହାଦୁର ଯେତେଶୀଘ୍ର
ରହିତ କରନ୍ତି ଦେଶପ୍ରତି ସେତେ ମଙ୍ଗଳକର ।

———

# ବିଜ୍ଞାପନ ।

ଆସନ୍ତା ଜାନୁୟାରୀ ମାସ ତା ୨୧ ରଖ ଠାରୁ
ତିନି ଦିନ ଯାଜପୁର ସଦରରେ ଏଗୋଟି
କୃଷି ଓ ଶିଳ୍ପ ପ୍ରଦର୍ଶନୀ ଖୋଲାହେବ । ଉକ୍ତ
ପ୍ରଦର୍ଶନୀର ପ୍ରଦର୍ଶନୀ ଉପଯୋଗୀ ଜିନିଷ ପଠା-
ଇବା ସକାଶେ ସର୍ବସାଧାରଣଙ୍କୁ ଅନୁରୋଧ କରା
ଯାଉଅଛି କି ପ୍ରଦର୍ଶନୀ ଉପଯୋଗୀ ଜିନିଷ ପଠା-
ଇବା ନିୟମାଦି ସମସ୍ତ ସର୍ତ୍ତ ପ୍ରଦର୍ଶନୀ ପତ୍ରରୁ
ଦେଖାଯିବ । ଭଲ ୨ ଜିନିଷ ସକାଶେ ସୁନା ଓ
ରୂପା ପଦକ, ସେତେ ନଗଦ ଓ ସାର୍ଟିଫିକେଟ ଦିଆ
ଯିବ । ଉକ୍ତ ଉପଯୋଗୀ ଜିନିଷ ଉକ୍ତ କରିବା
ନିମନ୍ତେ ସାଧାରଣଙ୍କ ଦ୍ୱାରେ ଚେଷ୍ଟା କରାଯିବ ।
ଯେଉଁମାନେ ପ୍ରଦର୍ଶନୀକୁ ଜିନିଷ ପଠାଇବ
ଇଚ୍ଛା କରନ୍ତି ସେମାନେ ନିମ୍ନ ସ୍ୱାକ୍ଷର
କାରୀଙ୍କ ନିକଟକୁ ଜାନୁୟାରୀ ମାସ ତା ୧୦ ରଖ
ମଧ୍ୟରେ ଜଣାଇବେ ଓ ଉକ୍ତ ଜାନୁୟାରୀ ମାସ
ତ ୧୬ ରଖ ମଧ୍ୟରେ ଜିନିଷମାନ ପଠାଇବାକୁ
ହେବ ।

ଯାଜପୁର
ତା ୨୨।୧୨।୦୯ } P. C. Maulik
ସବଡିଭିଜନ ଅଫିସର
ପ୍ରେସିଡେଣ୍ଟ ପ୍ରଦର୍ଶନୀ କମିଟି ।

# ସାପ୍ତାହିକ ସମ୍ବାଦ ।

## ନିଯୁକ୍ତ ଗେଜେଟ ।

ନିମ୍ନଲିଖିତ ବ୍ୟକ୍ତିମାନେ ବଙ୍ଗୀୟ ବ୍ୟବସ୍ଥାପକ ସଭାର
ସଦସ୍ୟ ନିର୍ବାଚିତ ହୋଇ ଅଛନ୍ତି ଯଥା:—

ଭାଗଲପୁର ଡିଭିଜନ ଲୋକାଲବୋର୍ଡ ସମୂହଦ୍ୱାରା ବାବୁ
ଶିବ ଶଙ୍କର ସହାୟ, ଛୋଟନାଗପୁର ବିଭାଗ ମିଉନିସିପାଲ
କମିଶନରଗଣଦ୍ୱାରା ବାବୁ ଗୋବିନ୍ଦ ସହାୟ ।

କଲିକତା ଟ୍ରେଡସ୍ ଏସୋସିଏସନ ଦ୍ୱାରା ମିଃ ସରନ, ମି:
ଜରମାନ ମଣ୍ଡଳସ୍ଥ ଓ ମି: ଡିବିଲ ଚେମ୍ବର ଅଫ କମର୍ସ
ଦ୍ୱାରା ।

ଯେଉଁ କମିଶନରମାନଙ୍କ ଦ୍ୱାରା ଏମାନେ ଲୋକମତରେ
ବେ, ସି, ଏଲ, ଇ, ଟ୍ରେଜର ଏଣ୍ଡ ଦାରୋଗାର ଏମାନ
ଓ ମହାରଜା ମାନ ଦେବ ନାଥ ।

ବଙ୍ଗ ମୁସଲମାନ ସମ୍ପ୍ରଦାୟଦ୍ୱାରା ମି: ମଜହର
ଉଲ ହକ୍ ।

ପ୍ରେସିଡେନ୍ସି ଡିଭିଜନ ମିଉନିସିପାଲ କମିଶନରମାନଙ୍କ
ଦ୍ୱାରା ବାବୁ ଭୈରବନାଥ ସେନ ।

ବର୍ଦ୍ଧମାନ ବିଭାଗର ମିଉନିସିପାଲ କମିଶନରମାନଙ୍କ
ଦ୍ୱାରା ରାୟ ବାହାଦୁର ଗୋସ୍ୱାମୀ ବାହାଦୁର ।

ପାଟନା ଡିଭିଜନ ମିଉନିସିପାଲ କମିଶନରମାନଙ୍କଦ୍ୱାରା
ଖାଁ ବାହାଦୁର ମୌଲବୀ ସରଫରାଜ ହୁସେନ ଖାଁ ଓ ଜିଲା
ବୋର୍ଡ ସମୂହଦ୍ୱାରା ମୌଲବୀ ସୈୟଦ ଜାହିରୁଦ୍ଦୀନ ।

ତ୍ରିହୁତ ବିଭାଗର ମିଉନିସିପାଲ କମିଶନରମାନଙ୍କ ଦ୍ୱାରା
ବାବୁ ବ୍ରଜ କିଶୋର ପ୍ରସାଦ ଓ ଜିଲା ବୋର୍ଡ ସମୂହଦ୍ୱାରା
ମି: ହାସନ ଇମାମ ବିଲ୍ଲେଟ ।

ରାଜସାହୀ ବିଭାଗର ମିଉନିସିପାଲ କମିଶନରମାନଙ୍କ
ଦ୍ୱାରା ମି: ଜତୀନ୍ଦ୍ରନାଥ ସିଂହ ।

ପ୍ରେସିଡେନ୍ସି ବିଭାଗର ଜିଲା ବୋର୍ଡ ସମୂହଦ୍ୱାରା ବାବୁ
ଭୂପେନ୍ଦ୍ରନାଥ ।

ବର୍ଦ୍ଧମାନ ବିଭାଗର ଜିଲାବୋର୍ଡ ସମୂହଦ୍ୱାରା ମି: କ୍ଷୀରୋ-
ଦବିହାରୀ ଦତ୍ତ ଓଡ଼ିଶା ବିଭାଗର ଜିଲାବୋର୍ଡ ସମୂହଦ୍ୱାରା
ମି: ମଧୁସୂଦନ ଦାସ ସି, ଆଇ ଇ, ।

ସନ ୧୯୧୦ ଜାନୁୟାରି ତା ୪ ରଖ ମଙ୍ଗଳବାର ଦିନ
ବେ ୧୧ ଘଣ୍ଟା ସମୟରେ ବେଲଭେଡିୟର ଦରବାର ଘରେ
ବଙ୍ଗୀୟ ବ୍ୟବସ୍ଥାପକ ସଭାର ଅଧିବେଶନ ହେବ ।

ଏଡ଼ିସନାଲ ଡେପୁଟିକଲେକ୍ଟର ବାବୁ କୈଳାସଚନ୍ଦ୍ର ବାଗ୍ ଛୁଟିରେ
ବାହାର ହେଲେ ।

ଷ୍ଟେଟ ବାବୁ ଅନନ୍ତ ଚରଣ ମହାନ୍ତି ୪ମ ଗ୍ରେଡରେ
ଉନ୍ନତି ହେଲେ ।

ତୃତୀୟ ଗ୍ରେଡର ଅଧିକାରୀ ସର୍କଲ ବାବୁ ଛୋଟେଲାଲ
ମୁଖର୍ଜୀ ଓ ବାବୁ ଯତୀନ୍ଦ୍ରନାଥ ଗୁପ୍ତ ବଙ୍ଗ ଓ ଓଡ଼ିଶା ସର୍ଦ୍ଦଲେର
ଡେ: ପୋଷ୍ଟମାଷ୍ଟର କମିଶନରଙ୍କ ନିକଟରେ କାର୍ଯ୍ୟ କରିବେ ।

ଗତ ତା ୨୦ ରଖ ଶେଷ ହେବା ସପ୍ତାହରେ ଚାଉଳର
ଦର ଥିଲା କଟକରେ ସେ ୧୩॥, ବାଲେଶ୍ୱରରେ ସେ ୧୪
ସମ୍ବଲପୁରରେ ସେ ୧୫॥, ପୁରୀରେ ସେ ୧୩॥ ଓ ସମ୍ବଲ-
ପୁରରେ ସେ ୧୧ ।

———

## ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ରଥ ହେବାର ଓ ସୋମ-
ବାର ଅପରାହ୍ନରେ ମେଘ ବାହାର ବର୍ଷିଣ ବନ୍ଦ ହୋଇଥିଲା ।

ଜଗତସିଂହପୁର ଥାନା ପାଇରେ ଗମେଲ ନାମକ
ପାଣନାୟକ ଗୁପ୍ତରାମଙ୍କରେ ଥାଇ ରଣା କରିବା ସ୍ଥଳରେ
ଗ୍ରାମରେ ରୁଦ୍ର ଦାସ ଦେଇ ଗୋଡ଼ ମାରିଥିବା ଅପରାଧରେ
ଗୃତନ ହୋଇ ହାଜତରେ ଅଛି । ମୋକଦ୍ଦମା ବିଚାର
ହେଉଅଛି ।

ଟା'ଲ ନା ଉପରେ ଅନ୍ତଃପୁରରେ ଚଳାଇଲେ କମ ଭଲ
ମୂଳ ବାହାରେ ନ ଦେଲେ ନିମି ଜଳ ଦେ ଜବା ଟାଉନ
ଅଫ ଏଜେଣ୍ଟ ହାତ ରେଜିଷ୍ଟ୍ରି ହେଉ ନାଥ ନା ଥିବ,
ଏଥି ଉପାଦାନର ସାକ୍ଷିସ୍ୱରୂପ ଟାଉନ ସମୂହ ହୋଇଅଛି,
ସାକ୍ଷୀ ନ ଏଣ ଥା । ହୁଏ ୫ ୪ ଖ ଜାମିନରେ ଅଛନ୍ତି
ଆସାମୀ ଲୁଚି ଅଛି ।

ପଶ୍ଚିମ ବଙ୍ଗ ଯିବାବସ୍ଥ ଲାମହର ପାଣ ଓ ତାହାର ସ୍ତ୍ରୀ
ଦାମା ଟିକଟରେ ରେଲରେ ଅଟି ଗ୍ରେଟ ଷ୍ଟେସନରେ
ଧରାପଡ଼ି । ଉକ୍ତ ସମୟର ସାକ୍ଷିରେ ସେମାନଙ୍କ ଗଣ୍ଠିରୁ
ସୁନା ରୂପାର ଗହଣା ଜିନିଷ ବାହାରିଥିବା ହାଜତରେ
ଅଛନ୍ତି । ସେମାନେ ଚୋରି ହୋଇ ଜଣାଯାଏ ।

ହେମ ନାମକ ଜଣେ ସ୍ତ୍ରୀ ଉତ ନାଗର ବସ୍ତୁ କାରରେ
ଅଲ ଗୃହର ଖାଇ ସୁନା ରୂପା ଓ ବତ ହାଣ୍ଡି ନେଇ
ମେଲରର ଅସି ଏଠା ବାହାରି ଜାତରେ ଅଭାବତ ହାଜତରେ
ଅଛି ।

ଏଠ ଜଲୋବସ୍ତ ଅଫିସର ଡେପୁଟିମାନେ ଅନେକ
ଦଫ୍ତର ଦେଉନ ପ ଇଥିବାର ଜଣେ ପଣ୍ଡିତ ଲେଖି-
ଅଛନ୍ତି । ତହିଁରେ ଏ ମଧ୍ୟ ଲେଖାଅଛି ଯେ ମଦ୍ରଦ୍ରବ୍ୟ
ପ୍ରଧାନ କାରଣ ସେମାନେ ଏ ଦୁଃଖ ଦେଉଅଛନ୍ତି ।
ଏ । ହୁଏତ ସେ ମୁଦ୍ରଣ ଭୂଲ ।

କେଉଁ ବୁତ୍ତରେ ଦେବାନ ବାବୁ ଦାମୋଦର ପଟ୍ଟନାୟକ
ଅସୁସ୍ଥତା ହେତୁ ଛୁଟି ନେବାରେ ପୋଲିଟିକାଲ ଏଜେଣ୍ଟଙ୍କ
ଦେଇ ଦିଆଯାଇ ବାବୁ ସେ କାର୍ଯ୍ୟରେ ଏକାଟି ଉନ୍ନତି
ହୋଇଥିଲେ । ପାଟନାୟକ ମହାଶୟ କାର୍ଯ୍ୟରୁ ଅବସର
ସମୟରେ ବାବୁ ନିଜ ଯାତ୍ରାକୁ ପଠାଇଲେ । ସେ ଉତ୍ତମ
ଧାର୍ମିକ ଥିବାରୁ ପ୍ରଜାମାନେ ଆନନ୍ଦିତ ହୋଇ ତାହାଙ୍କ
ସମ୍ମାନ ସୂଚକ ବିଦାୟ ଦେଇଥିବାର ଜଣେ ପତ୍ରପ୍ରେରକ
ଲେଖିଅଛନ୍ତି ।

ରାୟ ମଧୁସୂଦନ ରାଓ ବାହାଦୁର ଏ ନଗରର ପକ୍ଷରୁ
ଯେ ଉଲ ସ୍ଥାନ ଧର୍ମଶର ସେବା ସଭା ଉପଲକ୍ଷରେ
ଗତ ସପ୍ତାହରେ ପୁରୀରୁ ଆସି ଯେଉଁଠାରେ ବ୍ରାହ୍ମଣ ସମିତ ଉତ୍ସା-
ହରେ ଗତ ୧। ଅଦ୍ୟରେ ନେଇ ଦିଅନ୍ତରେ ଏକ ବକ୍ତୃତା
ପ୍ରଦାନ କରିଥିଲେ । ସେଠାରେ ଅନେକ ଲୋକ ତାହା
ଶୁଣି ଆନନ୍ଦିତ ହୋଇଥିଲେ ।—ଘ: ସ:

"ମଣ୍ଡଳ ସୁଦ୍ଧା ମହାରାଜ ପାଟନା ହିନ୍ଦୁ ବାଳକଙ୍କ"
ନାମରେ ଗୋଟିଏ ବୋର୍ଡିଂ ନିର୍ମାଣ ସ୍ଥାପନ ଅର୍ଥ
ଦାନ କରିବା ପାଇଁ ଦେବ ଦେଉଛନ୍ତି ପରେ ଗତ ନଭେମ୍ବର
ମାସ ତାରିଖରୁ ଯୋଗ ହୋଇଥିବା ସାମୁଦ୍ରିକ ସର୍ବ
ସମ୍ପାଦକ ଲାଲାତଳ ସମାସ୍ତର ସନ୍ତିକାରେ ପ୍ରକାଶ ହେ
ବାରେ ଦର୍ଶିବାର ସମ୍ପାଦକ ପ୍ରତି ତିକ୍ଷକଙ୍କ ନାମ ଧା
ଯେଉଅଛନ୍ତି ।—ପ୍ରା: ସ:

କାମଶାଳ ଚଢ଼ିଲିଗଣି ଗା ବଳଦତ୍ତ ଦେବ ଦୃଦ୍
ଛାତ୍ରରୁ କେତେକ ଘୋଡ଼ା ଗାଡ଼ି କିଣି ଅଛନ୍ତି ଯେ ସେ
ଗାଡ଼ି ବୈଠକ ସେ ୧୨ ର ଦୁଧ ଦେଉଥିବାର ଶୁଣାଯାଏ ।
ସ: ପ୍ର:

ଶୀତକାଳ ପ୍ରକୋପରେ କଟକ ସହରରେ ସାପ ଗେଲାର
ଏବ ସମସ୍ତେ ସାପ ତାହାକୁ ବାସ୍ତୁଦେବଙ୍କୁ ସେ ପରିବର୍ତ୍ତ
ହୋଇଅଛି । ସେଥିପାଇଁ ବେଲେ ପ୍ରଣଯାଏ ।—ନ: ବ

ପାଟନାର ଗଙ୍ଗେ କୃଷିକ୍ଷେତ୍ରରେ ଧାନ ଅମଳ
କରିବା, ଧନକାଟିବା ଓ ଗୃହଲ ସନ୍ଧି କରିବା କେଲ
ଉତ୍ସବ ହୋଇଅଛି । ଏହି କଳର ମୂଲ୍ୟ ଟ ୭୫ ଠାରୁ
ଟ ୧୦୦ ଙ୍କା ଯାଏ । ମହାର ଦାନା ଛଡାଇବା କଳର
ମୂଲ୍ୟ ୩॥ ଟଙ୍କା ।—ଉ: ଦୀ:

କଲିକତା କର୍ପୋରେସନ ଏକ ସହସ୍ର ଗୋଟି ବିସାଡ଼ି ମେଦି-
ନୀପୁର ବାଲେଶ୍ୱର ଓ ଛୋଟନାଗପୁର ବାଟେ ଖୁରୁଧା ଦେଇ
ଗମନ କରିବ । ଏହି ପଲଟନ ଅଧିକାର ଶୁଣି ବୋଧହୁଏ
ମେଦିନୀପୁରରେ କର୍ମ ହୋଇଅଛି ।—ଦ: ଦୀ:

Digitized by srujanika@gmail.com

